

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୩ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 03 FEBRUARY 2022
Vol.No. 33 ■ No. 32 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ରେଳ ବଜେଟ୍‌ରେ ଓଡ଼ିଶାକୁ ୯୭୩୪ କୋଟି




ଭୁବନେଶ୍ୱର, ୦୨/୦୨ (ନି.ପ୍ର): କେନ୍ଦ୍ର ବଜେଟରେ ଓଡ଼ିଶାକୁ ରେଳବାଇ କ୍ଷେତ୍ରରେ ୯୭୩୪ କୋଟି ଟଙ୍କାର ଅନୁଦାନ ମିଳିଛି। ପୂର୍ବତଟ ରେଳବାଇକୁ ଆବଣ୍ଟିତ ଅନୁଦାନରେ ସର୍ବାଧିକ ଗୁରୁତ୍ୱ ବହୁଚର୍ଚ୍ଚିତ ଖୋର୍ଦ୍ଧା-ବଲାଙ୍ଗିର ଓ ଅନୁଗୋଳ-ସୁକିନ୍ଦା ରେଳମାର୍ଗକୁ ମିଳିଛି। ଏହାସହିତ ଭୁବନେଶ୍ୱର ରେଳଷ୍ଟେସନରେ ଆଉ ଏକ ନୂଆ ପ୍ଲାଟଫର୍ମ ନିର୍ମାଣ ସହ ସବୁ ପ୍ଲାଟଫର୍ମକୁ ସଂଯୋଗ କରୁଥିବା ଫୁଟ ଓଭରବ୍ରିଜ୍ ମଧ ନିର୍ମାଣ ହେବ ବୋଲି ଜଣାପଡ଼ିଛି। କେନ୍ଦ୍ର ରେଳ ମନ୍ତ୍ରଣାଳୟର ୨୦୨୨-୨୩ ଆର୍ଥିକ ବର୍ଷର ପିଙ୍କ ବୁକ୍ ଅନୁସାରେ ପୂର୍ବତଟ ରେଳବାଇ ଅର୍ନ୍ତଗତ ୯ଟି ନୂଆ ରେଳମାର୍ଗ ନିର୍ମାଣ ଓ ୨୧ଟି ରେଳମାର୍ଗର ଦୋହରୀକରଣ ନିମନ୍ତେ ବଜେଟରେ ବ୍ୟୟବରାଦ ହୋଇଛି। ୩ଦଶନ୍ଧିରୁ ଅଧିକ ସମୟ ଧରି ଅସମ୍ପୂର୍ଣ୍ଣ ଥିବା ଖୋର୍ଦ୍ଧା ରୋଡ-ବଲାଙ୍ଗିର(୨୮୯କିମି) ରେଳମାର୍ଗ ପାଇଁ ବଜେଟରେ ୮୯୧.୫୫କୋଟି ଟଙ୍କାର ବ୍ୟୟବରାଦ ହୋଇଥିବାବେଳେ ଅନୁଗୋଳ-ସୁକିନ୍ଦା ରୋଡ(୯୮.୭କିମି) ପାଇଁ ୪୭୫ କୋଟି ଟଙ୍କା, ତାଳଚେର-ବିମଳାଗଡ଼(୧୫୪କିମି) ପାଇଁ ୨୫୦କୋଟି ଟଙ୍କା, ହରିଦାସପୁର-ପାରାଦୀପ(୮୨କିମି) ପାଇଁ ୮୫କୋଟି ଟଙ୍କା, ଜୟପୁର-ମାଲକାନଗିରି(୧୩୦କିମି) ପାଇଁ ୧୩.୮୦କୋଟି ଟଙ୍କା, ଜୟପୁର-ନବରଙ୍ଗପୁର (୩୮କିମି) ପାଇଁ ୮୧କୋଟି ଟଙ୍କା, ନୂଆପଡ଼ା-ଗୁଣୁପର-ଥେରୁଭାଲି ପର୍ଯ୍ୟନ୍ତ(୭୯.୧୫କିମି) ପାଇଁ ୧୦କୋଟି ଟଙ୍କା, ତାଳଚେର-ଅନୁଗୁଳ ପାଇଁ ୧୮କୋଟି ଟଙ୍କା ବ୍ୟୟବରାଦ ହୋଇଛି । ଚଳିତ ବଜେଟରେ ପୂର୍ବତଟ ରେଳବାଇ ଅନ୍ତର୍ଗତ ନୂଆ ରେଳଲାଇନ୍ ପାଇଁ ୩୧୭.୧୮କୋଟି ଟଙ୍କାକୁ ମିଶାଇ ମୋଟ ୧୮୦୬.୦୯କୋଟି ଟଙ୍କାର ବ୍ୟୟବରାଦ ହୋଇଛି । ସେହିପରି ପୂର୍ବତଟ ରେଳବାଇର ମୋଟ ୨୧ଟି ରେଳମାର୍ଗର ଦୋହରୀକରଣ ପାଇଁ ଚଳିତ ବଜେଟରେ ୧୮୬୧.୧୪କୋଟି ଟଙ୍କାକୁ ମିଶାଇ ମୋଟ ୪୨୩୭.୦୫କୋଟି ଟଙ୍କା ବ୍ୟୟବରାଦ ହୋଇଛି । ଏଥିରେ ଖୋର୍ଦ୍ଧା-ବାରଙ୍ଗ(୩୫କିମି) ତୃତୀୟ ରେଳ ଲାଇନ୍ ପାଇଁ ୧୬୪କୋଟି ଟଙ୍କା, ଝାରସୁଗୁଡ଼ା-ରେଙ୍ଗାଲି(୨୫କିମି) ପାଇଁ ୧୫କୋଟି ଟଙ୍କା, ବିଜୟନଗରମ-କୋଟାଭାଲାସ(୩୪.୭କିମି)ର ତୃତୀୟ ଲାଇନ୍ ପାଇଁ ୧୩କୋଟି ଟଙ୍କା, ସମ୍ବଲପୁର-ଟିଟିଲାଗଡ଼(୧୮୨କିମି) ପାଇଁ ୯୯.୫୩କୋଟି ଟଙ୍କା, ବାଂଶପାଣି-ଦୈତାରୀ-ଟମକା-ଜଖପୁରା(୧୮୦କିମି) ପାଇଁ ୩୦୦କୋଟି ଟଙ୍କା, ସମ୍ବଲପୁର-ତାଳଚେର ପାଇଁ ୧୭୨.୫୦କୋଟି, ▶▶ପୃଷ୍ଠା ୭

## ଭାରତରେ ଖୁବଶୀଘ୍ର ଆସିବ ଡିଜିଟାଲ କରେନ୍ସି



ନୂଆଦିଲ୍ଲୀ, ୦୨/୦୨ ଭାରତରେ ଖୁବଶୀଘ୍ର ଆସିବ ଡିଜିଟାଲ କରେନ୍ସି । ଏନେଇ ଗତକାଲି ବଜେଟ ଉପସ୍ଥାପନ ସମୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନିଜ ଅଭିଭାଷଣରେ ଉଲ୍ଲେଖ କରିଛନ୍ତି । ଭାରତୀୟ ରିଜର୍ଭ ବ୍ୟାଙ୍କ ୨୦୨୨-୨୩ ଆର୍ଥିକ ବର୍ଷରେ ବ୍ଲକଚେନ ଟେକ୍ନୋଲୋଜି ସାହାଯ୍ୟରେ ଖୁବ ଶୀଘ୍ର ମାର୍କେଟରେ ଲଞ୍ଚ କରିବ ବୋଲି ଜଣାପଡିଛି ଏବଂ ଆରବିଆଇର ବାଲାନ୍ସ ସିଟରେ ମଧ ଏହାର ତଥ୍ୟ ରହିବ ବୋଲି ବୋଲି ଜଣାପଡିଛି । ଡିଜିଟାଲ କରେନ୍ସି ଜାରି ହେବା ଦ୍ୱାରା ଦେଶର ଅର୍ଥ ବ୍ୟବସ୍ଥା ଆହୁରି ମଜଭୁତ ହେବ ବୋଲି କହିଛନ୍ତି ଅର୍ଥମନ୍ତ୍ରୀ । ତେବେ ଏହି ଡିଜିଟାଲ କରେନ୍ସି ମାନେ କଣ ? ଏହା କେମିତି କାମ କରେ ? ମିଳିଥିବା ସୂଚନା ମୁତାବକ, ଡିଜିଟାଲ କରେନ୍ସିର ପୂରା ନାଁ ହେଉଛି ସେଣ୍ଟ୍ରାଲ ବ୍ୟାଙ୍କ ଡିଜିଟାଲ କରେନ୍ସି । ଡିଜିଟାଲ କରେନ୍ସି ଦୁଇ ପ୍ରକାରରେ ଜାରି ହୋଇଥାଏ । ଗୋଟିଏ ରିଟେଲ ଡିଜିଟାଲ କରେନ୍ସି ଓ ଆଉ ଗୋଟେ ହୋଲସେଲ ଡିଜିଟାଲ କରେନ୍ସି । ରିଟେଲ ଡିଜିଟାଲ କରେନ୍ସି ସାଧାରଣତଃ ସାଧାରଣ ଲୋକ ଓ କମ୍ପାନୀ ମାନେ ବ୍ୟବହାର କରିପାରିବେ ଓ ହୋଲସେଲ୍ କରେନ୍ସି ବଡ ବାଣିଜ୍ୟିକ କମ୍ପାନୀମାନେ ବ୍ୟବହାର କରିବେ ବୋଲି ଜଣାପଡିଛି ।

## ବରିଷ୍ଠ ଆଇ.ଏ.ଏସ୍. ବିନୋଦ କୁମାର ଚାକିରୀରୁ ବରଖାସ୍ତ



ଭୁବନେଶ୍ୱର, ୦୨/୦୨ (ନି.ପ୍ର): ଦୁର୍ନୀତି ଅଭିଯୋଗ ପ୍ରମାଣିତ ହେବା ପରେ ରାଜ୍ୟ ସରକାର ବରିଷ୍ଠ ଆଇ.ଏ.ଏସ୍ ଅଫିସର ତଥା ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ନିଗମର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବିନୋଦ କୁମାରଙ୍କୁ ଚାକିରୀ ରୁ ବରଖାସ୍ତ କରିଛନ୍ତି।ଶ୍ରୀ କୁମାର ଙ୍କୁ ଚାକିରୀ ରୁ ବରଖାସ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତାବରେ କେନ୍ଦ୍ର ସରକାର ମଧ ସମ୍ମତି ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ ଶ୍ରୀ କୁମାର ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଥିବା ସମୟରେ ମହାବାତ୍ୟା ପରେ ପରେ ବିଭିନ୍ନ ନକଲି ଫାର୍ମ ତଥା ବ୍ୟକ୍ତିଙ୍କ ପ୍ରତି ଅନୁଚିତ ଅନୁଗ୍ରହ ପ୍ରଦାନ କରି ୩୩ କୋଟି ୩୪ ଲକ୍ଷ ଟଙ୍କା ବେଆଇନ ଭାବେ ମଂଜୁର କରିଥିଲେ । ଯାହାଦ୍ୱାରା କି ରାଜ୍ୟ ସରକାରଙ୍କର ବିପୁଳ ଆର୍ଥିକ କ୍ଷତି ହୋଇଥିଲା । ସେଥିପାଇଁ ଶ୍ରୀ କୁମାରଙ୍କ ବିରୁଦ୍ଧରେ ଓଡିଶା ସରକାର ୨୭ଟି ଭିଜିଲାନ୍ସ କେସ୍ ଦାୟର କରିଥିଲେ । ତନ୍ମଧ୍ୟରୁ ଦୁଇଟି କେସ୍‌ରେ ଶ୍ରୀ କୁମାର ଦୋଷୀ ସାବସ୍ତ ହୋଇଛନ୍ତି । ରାଜ୍ୟ ସରକାର ସବୁବେଳେ ଦୁର୍ନୀତି ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନେଇଆସିଛନ୍ତି । ଦୁର୍ନୀତି କରିଥିବା ବ୍ୟକ୍ତିମାନେ ଯେତେ ଉଚ୍ଚ ପଦପଦବୀରେ ଥାନ୍ତୁ ନା କାହିଁକି, ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାର ବଦ୍ଧପରିକର । କିଛି ଦିନ ତଳେ ଦୁର୍ନୀତି ଅଭିଯୋଗରେ ସର୍ବଭାରତୀୟ ସେବା ର ଜଣେ ବରିଷ୍ଠ ଜଂଗଲ ସେବା ଅଧିକାରୀଙ୍କୁ ମଧ ଚାକିରୀରୁ ବରଖାସ୍ତ କରାଯାଇଥିଲା।

## ସର୍ବ ସମ୍ମତି କ୍ରମେ ପାର୍ଟିର ଅଧ୍ୟକ୍ଷ ଭାବରେ ନିର୍ବାଚିତ ହେଲେ ମମତା ବାନାର୍ଜୀ



କଲିକତା, ୦୨/୦୨ (ନି.ପ୍ର): ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସର୍ବ ସମ୍ମତି କ୍ରମେ ତୃଣମୂଳ କଂଗ୍ରେସ ଅଧ୍ୟକ୍ଷ ଭାବରେ ପୁଣି ଆଉଥରେ ନିର୍ବାଚିତ ହୋଇଛନ୍ତି । ଏହା ତାଙ୍କର ଚତୁର୍ଥ ପାଳି ଅଟେ । ବୁଧବାର ଦିନ କଲିକତାର ନେତାଜୀ ଇନଡୋର ଷ୍ଟାଡିୟମରେ ହୋଇଥିବା ତୃଣମମୂଳ କଂଗ୍ରେସର ସଂଗଠନିକ ନିର୍ବାଚନରେ ଦଳର ମହାସଚିବ ପାର୍ଥ ଚାଟାର୍ଜି ମତଦାନ ପ୍ରକ୍ରିୟାର ଅଧକ୍ଷତା କରିଥିଲେ । ଏହି ନିର୍ବାଚନରେ ଦଳର ବହୁ ନେତା ତଥା ମାନ୍ୟଗଣ୍ୟ ଲୋକ ଉପସ୍ଥିତ ଥିଲେ । ମମତାଙ୍କୁ ଦଳର ଚେୟାର ପର୍ସନ ଭାବରେ ନିମାଂକିତ କରାଯାଇଥିଲା ଓ ତାଂକୁ ପାର୍ଟିର ଅଧକ୍ଷ ଭାବରେ ବଛା ଜାଇଥିଲା । ତାଙ୍କ ସପକ୍ଷରେ ୨୬ଟି ପ୍ରସ୍ତାବ ଦାଖଲ କରାଯାଇଥିଲା ।

## ପୌରାଂଚଳ ପାଇଁ ସଂରକ୍ଷଣ ତାଲିକା ପ୍ରକାଶ ପାଇଲା

### ଫେବୃଆରୀ ୧୦ରେ ପ୍ରକାଶ ପାଇବ ପ୍ରାଥମିକ ଭୋଟର ତାଲିକା

ଭୁବନେଶ୍ୱର, ୦୨/୦୨ (ନି.ପ୍ର): ରାଜ୍ୟର ବିଭିନ୍ନ ପୌରାଂଚଳ ନିର୍ବାଚନ ପାଇଁ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି । ରାଜ୍ୟ ନିର୍ବାଚନ କମିସନର ଆଦିତ୍ୟ ପାଢ଼ୀ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ରାଜ୍ୟର ୧୦୭ ଏନଏସି ଓ ମ୍ୟୁନିସିପାଲିଟି ପାଇଁ ୧୭୫୬ କାଉନସିଲର ପଦବି ରହିଛି । ତନ୍ମଧ୍ୟରୁ ଅନୁସୂଚିତ ଜାତି ପାଇଁ ୧୨୨, ଅନୁସୂଚିତ ଜାତି ମହିଳାଙ୍କ ପାଇଁ ୧୭୧, ଅନୁସୂଚିତ ଜନଜାତି ପାଇଁ ୪୯, ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ୧୩୩, ମହିଳାଙ୍କ ପାଇଁ ୬୧୩ ଓ ଅଣସଂରକ୍ଷିତଙ୍କ ପାଇଁ ୬୬୮ଟି ଆସନ ସଂରକ୍ଷଣ ଥିବା ସେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ପୌର ନିର୍ବାଚନ ଲାଗି ଭୋଟର ତାଲିକା ପ୍ରସ୍ତୁତି ଚାଲିଛି । ସେ କହିଛନ୍ତି ଯେ, ଫେବ୍ରୁଆରି ୧୦ ତାରିଖରେ ପ୍ରାଥମିକ ଭୋଟର ତାଲିକା ପ୍ରକାଶ ପାଇବ । ଏହାପରେ ୧୧ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ନେଇ ନିର୍ବାଚନ ଅଧିକାରୀଙ୍କ ପାଖରେ ଅଭିଯୋଗ ଦାଖଲ ହୋଇପାରିବ । ଏହାପରେ ଫେବ୍ରୁଆରି ୧୮ ତାରିଖରେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ଦାବି ଓ ଆପତ୍ତି ଗୁଡିକର ତଦନ୍ତ ଓ ଫଇସଲା ହେବ । ଏହାପରେ ଫେବ୍ରୁଆରି ୨୪ ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ଏବଂ ୨୮ ତାରିଖ ସୁଦ୍ଧା ଭୋଟର ତାଲିକା ରାଜ୍ୟ ନିର୍ବାଚନ କମିସନଙ୍କୁ ପ୍ରଦାନ କରାଯିବ । ଏହା ପରେ ନିର୍ବାଚନ ନେଇ ତାରିଖ ଧାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି ।

## ୨ ଦିନ ବର୍ଷିବ

ଭୁବନେଶ୍ୱର, ୦୨/୦୨ (ନି.ପ୍ର): ପଶ୍ଚିମାଝଡ ଆଗମନର ଆଶଙ୍କା ତଥା ବଙ୍ଗୋପସାଗର ମଧ୍ୟରୁ ରାଜ୍ୟକୁ ପ୍ରବେଶ କରୁଥିବା ଅତ୍ୟଧିକ ମାତ୍ରାରେ ଉଷ୍ମ-ଜଳୀୟ ବାଷ୍ପର ପ୍ରଭାବରେ ଆସନ୍ତାକାଲି ଓ ୪ ତାରିଖ ଦିନ ରାଜ୍ୟର କିଛି ଜିଲ୍ଲାରେ ମଧ୍ୟମ ଧରଣର ବୃଷ୍ଟିପାତ ସମ୍ଭାବନା ରହିଛି । ଏହି ପଶ୍ଚିମାଝଡ ପ୍ରଭାବରେ କିଛି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ କୁଆପଥର ବର୍ଷା ହେବାର ସମ୍ଭାବନା ରହିଛି । ଯାହା ଫଳରେ କୃଷି କ୍ଷେତ୍ରରେ ପ୍ରଭାବ ପଡିପାରେ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ତରଫରୁ କୁହାଯାଇଛି । ତେବେ ଆସନ୍ତାକାଲି ଉତର ଆଭ୍ୟନ୍ତରୀଣ ଓଡିଶାର କିଛି ସ୍ଥାନ ସହ ଉତର ଉପକୂଳ ଓଡିଶା, ସୋନପୁର, ବଲାଙ୍ଗୀର, ନୂଆପଡା ଓ ବୌଦ୍ଧ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ବରଗଡ, ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ, ଦେବଗଡ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଗୋଟିଏ ▶▶ପୃଷ୍ଠା ୭

## ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ଘରୁ ଅଧ କେଜି ସୁନାକୁ ଅଢେଇ କେଜି ରୂପା ଜବତ



ନୂଆପଡ଼ା, ୦୨/୦୨ (ନି.ପ୍ର): ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ନୂଆପଡ଼ା ଅତିରିକ୍ତ ଯୋଗାଣ ଅଧିକାରୀ ରତ୍ନାକର ସେଠୀଙ୍କ ଘରେ ଆଜି ସକାଳୁ ସକାଳୁ ହୋଇଛି ଭିଜିଲାନ୍ସ ରେଡ୍ । କଟକର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ଓ୍ୱାରେଣ୍ଟ ବଳରେ ଏକକାଳୀନ ୬ଟି ସ୍ଥାନରେ ଚଢ଼ଉ କରାଯାଉଛି । ଚଢ଼ାଉ ବେଳେ ଅଚଳାଚଳ ସମ୍ପତ୍ତି ସହ ୪୯୮ ଗ୍ରାମର ସୁନା ଅଳଙ୍କାର ଓ ୨.୫ କିଲୋଗ୍ରାମ ଓଜନର ରୁପା ଅଳଙ୍କାର ମଧ ଠାବ ହୋଇଛି । ଚଢ଼ଉ ଜାରି ରହିଥିବାରୁ ସଂପତ୍ତିର ଆକଳନ କରାଯାଇ ନାହିଁ । ସୂଚନାଯୋଗ୍ୟ, ରତ୍ନାକରଙ୍କ ନାଁରେ ପୂର୍ବରୁ ବହୁ ଥର ଅଭିଯୋଗ ହୋଇଥିବା ବେଳେ ଆଜି ସକାଳୁ ସକାଳୁ ଏକକାଳୀନ ୬ଟି ସ୍ଥାନରେ ଚଢ଼ଉ କରାଯାଉଛି । କଟକ ମଧୁପାଟଣା ବାଲିସାହିରେ ଥିବା ରତ୍ନାକରଙ୍କ ବାସଭବନ, ଚାଉଳିଆଗଞ୍ଜରେ ଥିବା ତିନି ମହଲା ବିଶିଷ୍ଟ ଘର, କଟକ ବାଲିସାହିରେ ଥିବା ନଟରାଜ କଲ୍ୟାଣ ମଣ୍ଡପ, ଚୌଦ୍ୱାର ଓରଣ୍ଡାରେ ଥିବା ୩ ଏକର ଜମି, ନୂଆପଡ଼ା ସ୍ଥିତ ସରକାରୀ କାର୍ଯ୍ୟାଳୟ, ନୂଆପଡ଼ାର ଭଡ଼ାଘରରେ ଚଢ଼ଉ କରାଯାଇଛି । ଏହି ଚଢ଼ଉରେ ୬ ଜଣ ଭିଜିଲାନ୍ସ ଡିଏସ୍‌ପି, ୧୨ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀ ସାମିଲ ଅଛନ୍ତି । ଚଢ଼ାଉ ସରି ନ ଥିବାରୁ କେତେ ପରିମାଣର ଆୟ ବହିଭୂତ ସମ୍ପତ୍ତି ଠୁଳ ହୋଇଛି ତାହା ଜଣାପଡ଼ିନି।

## ରାଜ୍ୟରେ ଆଉ ୧୯ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୦୨/୦୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୧୯ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮୬୪୮ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧରେ ମୟୁରଭଞ୍ଜ , ଖୋର୍ଦ୍ଧା ଜିଲ୍ଲାରୁ ୩ଜଣ ଲେଖାଏଁ ରହିଥିବା ବେଳେ ରାୟଗଡ଼ା, ପୁରୀ, ଢେଙ୍କାନାଳ, କଟକ ଜିଲ୍ଲାରୁ ୨ଜଣ ଲେଖାଏଁ ରହିଛନ୍ତି । ସେହିପରି ବାଲେଶ୍ୱର, ଭଦ୍ରକ, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼ ଜିଲ୍ଲାରୁ ଜଣେ ଲେଖାଏଁ ରହିଛନ୍ତି ।.

## ୨ ମାସରେ ସ୍କୁଲ ଖୋଲିବା ସମ୍ପର୍କରେ ଜଣାଇବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୦୨/୦୨ (ନି.ପ୍ର): କରୋନା କଟକଣା ସହ କିଭଳି ସ୍କୁଲ ଖୋଲାଯିବ ସେ ନେଇ ୨ମାସ ମଧ୍ୟରେ ଜଣାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। କରୋନା ସଂକ୍ରମଣ ସ୍ଥିତି ଯୋଗୁଁ ସ୍କୁଲ ବନ୍ଦ କରାଯିବା ନିଷ୍ପତିକୁ ବିରୋଧ କରି ହାଇକୋର୍ଟରେ ମାମଲା ଦାୟର କରାଯାଇଥିଲା ।ଏହାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ୨ମାସ ସମୟ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ, କରୋନା କଟକଣା ନାଁରେ ସ୍କୁଲ ଓ କଲେଜ ବନ୍ଦ ରଖିବାକୁ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କଥା କେହି ଚିନ୍ତା କରୁ ନାହାନ୍ତି। ଦୁଇ ବର୍ଷ ହେବ କରୋନା ସଂକ୍ରମଣସ୍ଥିତି ଯୋଗୁଁ ଶିକ୍ଷାନୁଷ୍ଠାନ ବିଭିନ୍ନ ସମୟରେ ବନ୍ଦ ରଖାଯାଉଛି। ସ୍କୁଲ ବନ୍ଦ ରହୁଥିବାରୁ ଛାତ୍ରଛାତ୍ରୀମାନେ ପାଠ ପଢାରୁ ଏକ ପ୍ରକାର ଦୂରେଇ ଯାଇଛନ୍ତି। ପିଲାମାନଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଚାଲି ଯାଉଛି। ଏଭଳି ସ୍ଥିତିରେ ତୁରନ୍ତ କରୋନା କଟକଣା ଭିତରେ ସ୍କୁଲ ଖୋଲାଯାଉ ବୋଲି ରଞ୍ଜିତା ମହାପାତ୍ର ହାଇକୋର୍ଟରେ ଆବେଦନ କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଆଶିଷ କୁମାର ମିଶ୍ର ମାମଲା ପରିଚାଳନା କରୁଛନ୍ତି।

## ବଜେଟ-୨୦୨୨ ପ୍ରସଙ୍ଗରେ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ



ଭୁବନେଶ୍ୱର, ୦୨/୦୨ (ନି.ପ୍ର): ଗତକାଲି ଉପସ୍ଥାପିତ ହୋଇଥିବା କେନ୍ଦ୍ର ବଜେଟ ଦେଶର ଅର୍ଥ ବ୍ୟବସ୍ଥାକୁ ସୁଦୃଢ କରିବା ସହିତ ବିକାଶର ନୂତନ ସମ୍ଭାବନା ସୃଷ୍ଟି କରିଛି । ଦେଶର ଆତ୍ମନିର୍ଭର ଅର୍ଥବ୍ୟବସ୍ଥା ଦିଗରେ ଗତ କାଲି ଉପସ୍ଥାପିତ ହୋଇଥିବା ବଜେଟ ଏକ ବଳିଷ୍ଠ ପଦକ୍ଷେପ । ଏହି ବଜେଟରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରତିରକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ଦେଶର ପ୍ରତ୍ୟେକ ଲୋକଙ୍କ ପାଖରେ ପକ୍କାଘର, ପାନୀୟ ଜଳ, ରୋଷେଇ ଗ୍ୟାସ, ବ୍ୟାଂକ ସୁବିଧା ପହଂଚଇବାର ବ୍ୟବସ୍ଥା କରାଯାଇଛି । ବଜେଟରେ ସବୁଜ ବିଶ୍ୱ ତିଆରିର କଳ୍ପନା କରାଯାଇଛି । ଡିଜିଟାଲ ଭାରତ ଗଠନ ନିମନ୍ତେ ଡିଜିଟାଲ ମୁଦ୍ରା ପ୍ରଚଳନ, ୫-ଜି ଟେଲିକମ ସେବା, ବନ୍ଦେ ଭାରତ ଏକ୍ସପ୍ରେସ ରେଳ, କିଷାନ ଡ୍ରୋନର ପ୍ରଚଳନ ବ୍ୟବସ୍ଥା କରାଯାଇଛି । ପ୍ରଥମ ଥର ପାଇଁ ପର୍ବତମାଳା ଯୋଜନା ଆରମ୍ଭ ହେବାକୁ ଯାଉଛି । ଗତିଶକ୍ତି ଯୋଜନାରେ ବିଭିନ୍ନ ପ୍ରକାରର ଭିତିଭୂମି ଜରିଆରେ ଅଧିକ ସଂଖ୍ୟାରେ ନିଯୁକ୍ତି ସୃଷ୍ଟି କରାଯାଇପାରିବ ଏବଂ ଭିତିଭୂମି ନିର୍ମାଣ ପରେ ବହୁ ସଂଖ୍ୟାରେ ଶିଳ୍ପ ବାଣିଜ୍ୟ ଗଢି ଉଠିବ, ଯାହା ଫଳରେ ନିଯୁକ୍ତି ଆହୁରି ବୃଦ୍ଧି ପାଇବ । କୃଷିଜାତ ଦ୍ରବ୍ୟକୁ ମୁଲ୍ୟଯୁକ୍ତ ▶▶ପୃଷ୍ଠା ୭

## ରାଜଧାନୀରୁ ଅପହୃତ ଛାତ୍ର ଉଦ୍ଧାର




ଭୁବନେଶ୍ୱର, ୦୨/୦୨ (ନି.ପ୍ର): ୩୦ ଲକ୍ଷ ଟଙ୍କା ମୁଣ୍ଡ ଜାମିନ୍‌ରେ ଅପହୃତ ଛାତ୍ର ଉଦ୍ଧାର ହୋଇଛନ୍ତି। ମୋବାଇଲ ଟ୍ରାକିଂ କରି ସୁନାଖଳାର ଥିବା ଏକ ଜଙ୍ଗଲ ଭିତରୁ ଯୁବକଙ୍କୁ ଉଦ୍ଧାର କରିଛି ପୋଲିସ । ଏହାସହ ୪ ଅପହରଣକାରୀଙ୍କୁ ପୋଲିସ୍ ଗିରଫ କରିଛି। ଦୁର୍ବୃତ୍ତମାନଙ୍କଠାରୁ ଏକ କାର୍, ମାରଣାସ୍ତ୍ର, ମୋବାଇଲ ଫୋନ୍ ଜବତ କରାଯାଇଛି। ପୂର୍ବରୁ ମଧ ଏହି ଗ୍ୟାଙ୍ଗ କିଛି ଲୋକଙ୍କୁ ଅପହରଣ କରିଛନ୍ତି। ଏପର୍ଯ୍ୟନ୍ତ ୪ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ୩ଜଣଙ୍କୁ ଖୋଜୁଛି ପୋଲିସ। ଉଲ୍ଲେଖଯୋଗ୍ୟ, ଅପହୃତ ଛାତ୍ର ହେଉଛନ୍ତି ଇଶାନ ଅଗ୍ରୱାଲ। ଛାତ୍ରଙ୍କ ଘର ଲକ୍ଷ୍ମୀସାଗର ଥାନା ଅଂଚଳରେ। ତାଙ୍କ ବାପା ଜଣେ ପ୍ରତିଷ୍ଠିତ ବ୍ୟବସାୟୀ। ଛାତ୍ରଜଣକ ବେଙ୍ଗାଲୁରୁରେ ▶▶ପୃଷ୍ଠା ୭

# ଗ୍ରହ ଶାନ୍ତି ପୂଜା କରିବା ବାହାନାରେ ଘରୁ ସୁନା ଗହଣା ଚୋରୀ : ୨ ଗିରଫ

ମାଲକାନଗିରି,୨/୨ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମାସ୍ଥିତ ଜେଲ ସାହିରେ ଜଣଙ୍କ ଘରେ ପୂଜା କରିବା ବାହାନାରେ ସୁନା ଗହଣା ଚୋରୀ କରିଥିବା ୨ ଜଣ ଚୋରକୁ ପୋଲିସ ଗିରଫ କରିଛି । ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲା ସଦର ମହକୁମାର ଜେଲ ସାହିର ଶ୍ରୀଧର ପଟ୍ଟନାୟକଙ୍କ ଶାଶୁ ଓ ଶ୍ୱଶୁର କିଛି ଘରୋଇ ସମସ୍ୟା ନେଇ ଡାବୁଗାଁର ୨ ଜଣ ପୂଜକଙ୍କୁ ଭେଟିଥିଲେ । ଏହି ସମୟରେ ପୂଜକ ଦ୍ୱୟ ତୁମର ଭିଶୋଇଙ୍କ ଜୀବନ ଯିବ ଓ ମୃତ୍ୟୁ ସୁନିଶ୍ଚିତ ବୋଲି କହିଥିଲେ । ତେବେ ଏକ ପୂଜା କଲେ ସମସ୍ତ ଦୋଷ କଟିଯିବ ବୋଲି କହିଥିଲେ । ଏହା ଶୁଣି ଶ୍ରୀଧରଙ୍କ ଶାଶୁ ଓ ଶ୍ୱଶୁର ଭିଶୋଇଙ୍କୁ ଫୋନ କରି ପୂଜା କରିବାକୁ ପ୍ରବର୍ତାଇଥିଲେ । ଏହାପରେ ଗତକାଲି ସଂନ୍ଧ୍ୟାରେ ୨ ଜଣ ପୂଜକ ସନ୍ତୋଷ ସାହୁ ଓ ମାନସ ସେନାପତିଙ୍କୁ ସାଙ୍ଗରେ ନେଇ ଶ୍ରୀଧରଙ୍କ ଶାଶୁ ଶ୍ୱଶୁର ମାଲକାନଗିରିରେ ପହଂଚି ଥିଲେ । ପରେ ଶ୍ରୀଧର ଓ ତାଙ୍କ ପରିବାରକୁ ବିଭିନ୍ନ କଥା କହି ଭୟଭୀତ କରାଇଥିଲେ । ପରେ ଶ୍ରୀଧରଙ୍କ ଶୟନ କକ୍ଷରେ ପ୍ରାୟ ୫ ଘଣ୍ଟା ପୂଜା ହୋଇଥିଲା । ଏହି ପୂଜା ସମୟରେ ପରିବାରର କୌଣସି ସଦସ୍ୟଙ୍କୁ ସମ୍ପୃକ୍ତ ପୂଜକମାନେ ଉକ୍ତ କଠୋରୀ ମଧ୍ୟରେ ପ୍ରବେଶ କରିବାକୁ ଦେଇନଥିଲେ । ପୂଜା ଶେଷ ହେବା ପରେ ମଧ ଉକ୍ତ କକ୍ଷକୁ ପରିବାର ସଦସ୍ୟଙ୍କୁ ଯିବାକୁ ବାରଣ କରି କକ୍ଷ ଭିତରକୁ ଗଲେ ଅଳ୍ପ ଦିନ ମଧ୍ୟରେ ମୃତ୍ୟୁ ହେବ ବୋଲି କହି ଭୟଭୀତ କରାଇ ସେଠାରୁ ଚାଲି ଯାଇଥିଲେ । ଏହି କଥା ଶୁଣି ସମସ୍ତଙ୍କର ସନ୍ଦେହ ହେବାରୁ ସେମାନଙ୍କ ଯିବାପରେ କଠୋରୀ ଭିତରକୁ ଯାଇ ଦେଖିବା ବେଳେ ଆଲମିରା ଭାଙ୍ଗି ପଡ଼ିଥିବା ସହ ସମସ୍ତ ଲୁଗା ଚାରିପଟେ ପଡ଼ିଥିଲା ଓ ଆଲମିରା ଭିତରେ ଥିବା ସୁନା ହାର, କାନଫୁଲ, ଚେନ, ମୁଦି, ପାଉଁଜି ଇତ୍ୟାଦି ନଥିଲା । ଏହାପରେ ଶ୍ରୀଧର ଘରେ ସମସ୍ୟା ହୋଇଥିବା କହି ଉକ୍ତ ପୂଜକ ଦ୍ୱୟଙ୍କୁ ପୁନଃ ଡକାଇଥିଲେ ଓ ଚୋରୀ ବିଷୟରେ ପଚାରିବାରୁ ସେମାନେ ଚୋରୀ କରିନଥିବା କହିଥିଲେ । ପରେ ବାଧ ହୋଇ ଶ୍ରୀଧର ମାଲକାନଗିରି ଆଦର୍ଶ ଥାନାରେ ଏକ ଏତଲା ଦେଇଥିଲେ । ତାଙ୍କ ଏତଲାକୁ ଭିତି କରି ପୋଲିସ କେସ ନମ୍ବର ୪୯ରେ ଏକ ମାମଲା ରୁଜ୍ଜୁ କରିବା ସହ ଘଟଣାରେ ୨ ଜଣ ଚୋରଙ୍କୁ ଗିରଫ କରିଛି ।

# ଭକ୍ତ ପାଇଲେ ଜଗା ଦର୍ଶନ : ଉତ୍ତର ଦ୍ୱାରରେ ନାଚିଲେ ଭକ୍ତ

ପୁରୀ,୨/୨ (ନି.ପ୍ର): ଦୀର୍ଘ ୨୨ ଦିନର ପ୍ରତିକ୍ଷା ପରେ ପୁଣି ମିଳିଲା କାଳିଆ ଦର୍ଶନ । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସୃଷ୍ଟି ହେଲା ଅପଲର୍ବ ମିଳିନା କାଳିଆର ଚକାଡ଼ୋଳା ଦେଖି ବିଭୋର ହେଲେ ଭକ୍ତ । କେତେକ ଭକ୍ତ ମନ୍ଦିର ଦର୍ଶନ ସାରି ଉତର ଦ୍ୱାରରେ ନାଚୁଥିବା ଦେଖିବାକୁ ମିଳିଥିଲା । କୋଭିଡ଼ ଗାଇଡ଼ ଲାଇନ ମାନି ଭକ୍ତମାନେ ସେଡ଼ରେ ପ୍ରବେଶ କରୁଥିଲେ । କୋଭିଡର ଦୁଇଟି ଟିକା ମାସ୍କ ପିନ୍ଧିବା ଓ ହାତ ସାନିଟାଇଜ କରି ଭକ୍ତ ସିଂହଦ୍ୱାରରେ ପ୍ରବେଶ କରୁଥିବା ଦେଖିବାକୁ ମିଳିଥିଲା । ଗତ କିଛିଦିନ ତଳେ ଜ ଗା ଦର୍ଶନ ପାଇଁ ଭକ୍ତ ବ୍ୟାକୁଳହୋଇ ବ୍ୟାରିକେଡ଼ ଠେଲି ମନ୍ଦିରକୁ ପ୍ରବେଶ କରିଥିଲେ । ସେଥିପାଇଁ ଏବେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି । ପ୍ରବେଶ ସମୟରେ ମାସ୍କ ଚେକିଂ କଡ଼ାକଡ଼ି କରାଯାଇଛି । ମାସ୍କ ନାହିଁ ତ ଦର୍ଶନ ନାହିଁ ବୋଲି ପୋଲିସ କହୁଛି । କିଓସ୍କୋରେ କରୋନାର ଦୁଇଟି ଟିକାର ପ୍ରମାଣପତ୍ର ଦେଖାଇ ଭକ୍ତମାନେ ପ୍ରବେଶ କରୁଛନ୍ତି । ସକାଳ ୬ଟାରୁ ଦର୍ଶନ ଆରମ୍ଭ ହୋଇ ରାତି ୯ ଟା ପର୍ଯ୍ୟନ୍ତ ଦର୍ଶନ ଚାଲୁ ରହିବ ବୋଲି ପ୍ରଶାସନ ସୂଚନା ଦେଇଛି । ଭକ୍ତମାନେ କାଳିଆ ଦର୍ଶନ କରିବା ପରେ ଉତର ଦ୍ୱାର ଦେଇ ପ୍ରସ୍ଥାନ କରୁଛନ୍ତି । ସହରବାସୀମାନେ ପଶ୍ଚିମଦ୍ୱାର ବାଟେ ପ୍ରବେଶ କରି ଉତରଦ୍ୱାର ବାଟେ ଫେରିବା ଦେଖିବାକୁ ମିଳିଛି । ଆସନ୍ତା ୧୭ ତାରିଖ ପରେ ପ୍ରଶାସନ ବୈଠକ ବସି ନୂଆ ନିଷ୍ପତି ନିଆଯିବ ବୋଲି ସୂଚନା ମିଳିଛି ।

# ବିବାହର ୧୧ ଦିନ ଆଗରୁ ବାଇକ୍ ଦୁର୍ଘଟଣାରେ ଚାଲିଗଲା ଜୀବନ

ବଲାଙ୍ଗିର ,୨/୨ (ନି.ପ୍ର): ବିବାହକୁ ଥିଲା ଆଉ ୧୧ ଦିନ । କିନ୍ତୁ ତା ପୂର୍ବରୁ ବାଇକ୍ ଦୁର୍ଘଟଣାରେ ଜୀବନ ଚାଲିଗଲା । ଶାନ୍ତପୁର ବେଲ ବାହାଲି ଛକରେ ପୁଇଁତଳା ବ୍ଲକ ଇଷତଲା ଗ୍ରାମର ବାହାଦୁର ବରାଡ଼ ଙ୍କ ପୁଅ ହିମାଂଶୁ ବରାଡ଼ ଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଛି । ସେ ବିଭାଘର ପାଇଁ କିଛି ଜିନିଷ କିଣି ବାଇକ୍ ରେ ତାଙ୍କର କକା ବିଜେ ବରାଡ଼ ସହିତ ବଲାଙ୍ଗିରରୁ ଫେରୁଥିଲେ । ମଦଭାଟି ରୁ ଆସି ବଲାଙ୍ଗିର ବିଭୂତି ପଡା ର ବାବୁଲି ସ୍ୱାଇଁ ଦ୍ରୁତ ଗତିରେ ବାଇକ୍ ରେ ଆସି ବାଇକ୍ କୁ ଧକ୍କା ଦେଇଥିଲେ । ଘଟଣା ସ୍ଥଳ ରେ ହିଁ ହିମାଂଶୁ ଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇଥିଲେ । ଆହତ ବିଜୟ ବରାଡ଼ ଓ ଅନ୍ୟ ଜଣଙ୍କୁ ଭୀମଭୋଇ ମେଡିକାଲ୍ କଲେଜ ହସ୍ପିଟାଲ ରେ ଭର୍ତି କରାଯାଇଥିଲା । ପରେ ସେମାନଂକୁ ବୁର୍ଲା ମେଡିକାଲ କୁ ସ୍ଥାନାନ୍ତରିତ କରାଯାଇଛି ।

# ଗାଁକୁ ଗାଁ ବୁଲି ଭୋଟ ଭିକ୍ଷା କଲେ ଚନ୍ଦ୍ରକାନ୍ତ



ବାସୁଦେବପୁର,୨/୨ (ନି.ପ୍ର): ଚଳିତ ତ୍ରିସ୍ତରୀୟ ନିର୍ବାଚନ ରେ ସୁଦର୍ଶନପୁର ଗ୍ରାମ ପଂଚାୟତ ର ବିଜୁ ଜନତା ଦଳ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଚନ୍ଦ୍ରକାନ୍ତ ମଳିକ ମାଛ ଚିହ୍ନ ରେ ନିର୍ବାଚନ ପ୍ରଚାର କରିବା ସହିତ ଗାଁ କୁ ଗାଁ ବୁଲି ଭୋଟ ଭିକ୍ଷା କରୁଛନ୍ତି । ପଂଚାୟତରେ ଯେଉଁ କିଛି କାର୍ଯ୍ୟ ଅଧୁରା ରହିଛି ତାହା ଖୁବ ଶୀଘ୍ର ପୂରଣ ହେବ ବୋଲି ଶ୍ରୀ ମଳିକ ଲୋକଙ୍କ ଠାରେ ପ୍ରକାଶ କରିଥିଲେ । ଭୋଟର ଭାଇ ଭଉଣୀ ଆମର ସାହା ଭରସା । ସବୁ କିଛି ଭଗବାନ ବିଚାର କରିବେ । ସମିତି ସଭ୍ୟ ପ୍ରାର୍ଥୀ ଦୈତାରି ସେଠୀ କେଟିଲି ଚିହ୍ନରେ ମଧ ନିର୍ବାଚନ ପ୍ରଚାର ଚଳାଇଛନ୍ତି । ଉଭୟ ପ୍ରାର୍ଥୀ ବିଜୟ ଲାଭ କରିବେ ବୋଲି ମନରେ ଆଶା ରଖିଛନ୍ତି ।

# ନିର୍ବାଚନର ରଣାଙ୍ଗନରେ ରମେଶ ବଳ



ବାସୁଦେବପୁର,୨/୨ (ନି.ପ୍ର): ବାସୁଦେବପୁର ବ୍ଲକର ରାଜଘରପୋଖରୀ ପଂଚାୟତରେ କଂଗ୍ରେସ ସମର୍ଥିତ ବରିଷ୍ଠ ନେତା ଓ ବିଶିଷ୍ଟ ସମାଜସେବୀ ରମେଶ ଚନ୍ଦ୍ର ବଳ ତ୍ରିସ୍ତରୀୟ ନିର୍ବାଚନ ରେ ସମିତି ସଭ୍ୟ ପ୍ରାର୍ଥୀ ଭାବେ ଛିଡ଼ା ହୋଇଛନ୍ତି ଓ ଜୋରଦାର ନିର୍ବାଚନ ପ୍ରଚାର ଚଳାଇଛନ୍ତି । ଶ୍ରୀ ବଳ ବସ ଚିହ୍ନରେ ଲଢୁଛନ୍ତି । ବାସୁଦେବପୁର ବ୍ଲକ କଂଗ୍ରେସ କମିଟିର ସଭାପତି ଭାବେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସେ ସୁଚାରୁ ରୂପେ ସମ୍ପନ୍ନ କରିଛନ୍ତି । ଭୋଟର ମାନେ ମୋତେ ଏହି ନିର୍ବାଚନ ରେ ଆଶୀର୍ବାଦ ଦେଇଛନ୍ତି ଓ ପଂଚାୟତରେ ଯେଉଁ ସମସ୍ୟା ରହିଛି ଆଗାମୀ ଦିନରେ ମୁଁ ତାକୁ ନିଶ୍ଚିତ ପୂରଣ କରିବି ବୋଲି ଶ୍ରୀ ବଳ ଲୋକଙ୍କ ସାମ୍ନାରେ ପ୍ରକାଶ କରିଥିଲେ । ଏହି ପଂଚାୟତରେ କଂଗ୍ରେସ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ସଂଯୁକ୍ତା ମହାନ୍ତି ଖୋଲା ଛତା ଚିହ୍ନ ରେ ଛିଡ଼ା ହୋଇଛନ୍ତି ଓ ନିର୍ବାଚନ ବୈତରଣୀ ପାର ହେବେ ବୋଲି ଭୋଟରଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଉଛନ୍ତି ।

# ସିମନବାଡ଼ି ପଚାଂୟତ ୬ ନମ୍ବର ଓ୍ୱାର୍ଡମେମ୍ବର ପଦବୀ ପାଇଁ ମୁହାଁମୁହିଁ ଦୁଇ ଏମବିଏ ପ୍ରାର୍ଥୀ

କନ୍ଧମାଳ,୨/୨ (ନି.ପ୍ର): ସାରା ରାଜ୍ୟରେ ଆରମ୍ଭ ହୋଇଛି ପଚାଂୟତ ନିର୍ବାଚନ ମହାକୁମ୍ଭ । ଏଥିପାଇଁ ଗାଁ ରାଜନୀତି ଏବେ ସରଗରମ । ପ୍ରାର୍ଥୀ ମୈଦାନକୁ ଓହ୍ଲାଇଲେଣି । ଚଳିତ ନିର୍ବାଚନରେ ଉତ୍କଣ୍ଠା ଭରି ରହିଥିବା ବେଳେ ଅନେକ ଶିକ୍ଷିତ ଯୁବକଯୁବତୀ ନିର୍ବାଚନ ମଇଦାନକୁ ଓହ୍ଲାଇ ନିର୍ବାଚନରେ ନିଜକୁ ସାମିଲ୍ କରିଛନ୍ତି । ତେବେ ଦାରିଙ୍ଗବାଡି ବ୍ଲକ ସିମନବାଡ଼ି ପଚାଂୟତର ୬ନମ୍ବର ଓ୍ୱାର୍ଡର ଓ୍ୱାର୍ଡମେମ୍ବର ପଦବୀ ପାଇଁ ଦ୍ୱିମୁଖୀ ଲଢ଼େଇ ହେଉଥିବା ବେଳେ ଦୁଇ ଜଣ ଯାକ ପ୍ରାର୍ଥୀ ଉଚ୍ଚ ଶିକ୍ଷିତ ଏମ.ବି.ଏ ଡିଗ୍ରୀ ଧାରୀ ।

ଚଳିତ ତ୍ରିସ୍ତରୀୟ ପଚାଂୟତ ନିର୍ବାଚନରେ ପ୍ରାର୍ଥୀ ଭାବେ ଉଭା ହୋଇଛନ୍ତି ବହୁ ଉଚ୍ଚ ଶିକ୍ଷିତ ଯୁବକ ଯୁବତୀ । ଯାହା ଏକ ସ୍ୱଚ୍ଛ ଏବଂ ବଳିଷ୍ଠ ରାଜନୀତିର ଶୁଭ ସଙ୍କେତ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି । ଦାରିଙ୍ଗବାଡ଼ି ବ୍ଲକର ଅନେକ ଉଚ୍ଚ ଶିକ୍ଷିତ ଯୁବକ ରାଜନୀତି ରଣାଙ୍ଗନକୁ ଓହ୍ଲାଇଛନ୍ତି । ସିମନବାଡ଼ି ଗ୍ରାମର ୨୫ ବର୍ଷୀୟ ଦେବାଶିଷ ବେହେରା, ଜଣେ ଉଚ୍ଚ ଶିକ୍ଷିତ ଉଦ୍ୟମୀ ଯୁବକ । ସେ ୨୦୧୬ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଏମ୍.କମ୍ ସାରିବା ପରେ ଓ ୨୦୧୯ରେ ସେ ଭୁବନେଶ୍ୱର ସ୍ଥିତ ଆଇଆଇଟିଏମରୁ ସେ ଏମବିଏ ଡିଗ୍ରୀ ହାସଲ କରିଛନ୍ତି । ଚଳିତ ନିର୍ବାଚନରେ ସେ ସିମନବାଡ଼ି ପଚାଂୟତର ବଜାର ସାହି ୬ନଂ ଓ୍ୱାର୍ଡ ପାଇଁ ଓ୍ୱାର୍ଡ ମେମ୍ବର ପ୍ରାର୍ଥୀ ହୋଇଛନ୍ତି । ଜଣେ ସଚ୍ଚୋଟ ନେତା ହୋଇ ଅଂଚଳବାସୀଙ୍କ ହକ୍ ପାଇଁ ସେ ଲଢ଼ିବେ ବୋଲି କହିଛନ୍ତି । ରାଜନୀତିରେ ଜଣେ ନିଷ୍ଠାପର ଓ ସଚ୍ଚୋଟ ନେତା ପାଇଁ ଅନିଶ୍ଚିତତା ବୋଲି କିଛି ନାହିଁ, ଲୋକଙ୍କ କାମକଲେ ବିଜୟ ସୁନିଶ୍ଚିତ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

ଅନ୍ୟପକ୍ଷରେ ସେହି ୬ ନମ୍ବର ଓ୍ୱାର୍ଡ ପାଇଁ ଓ୍ୱାର୍ଡମେମ୍ବର ପ୍ରାର୍ଥୀ ଭାବେ ଆଉ ଜଣେ ଉଚ୍ଚ ଶିକ୍ଷିତ ଯୁବକ ଏସ. ସୁନୀଲ କୁମାର ସୁବୁଦ୍ଧି ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସୁନୀଲ ୨୦୧୦ ମସିହାରେ ପଞ୍ଜାବ ଟେକନିକାଲ ୟୁନିଭରସିଟି ଜଳନ୍ଧରରୁ ଏମ.ବି.ଏ. ପାସ୍ ଆଉଟ ହୋଇ କେନ୍ଦ୍ର ସରକାରଙ୍କ ଇ-ଗଭର୍ଣ୍ଣାନ୍ସରେ କାର୍ଯ୍ୟ କରିବା ସହିତ ଓଡିଶା ବନାଂଚଳ ଉନ୍ନୟନ ପ୍ରକଳ୍ପ ତୁମୁଡିବନ୍ଧ ସହିତ ବାଲିଗୁଡା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାରେ ୩ବର୍ଷ କାମ କରିଛନ୍ତି । ବର୍ତମାନ ସେ ସମସ୍ତ ଚାକିରୀ ଛାଡ଼ି ରାଜନୀତିରେ ପାଦ ଦେଇଥିବା ବେଳେ ଲୋକଙ୍କ ସମସ୍ୟା ସମାଧାନ କରିବା ପାଇଁ ସେ ରାଜନୀତି ମଇଦାନକୁ ଆସିଥିବା କହିବା ସହିତ ସୁଯୋଗ ମିଳିଲେ ସିମନବାଡ଼ି ପଚାଂୟତର ୬ ନମ୍ବର ଓ୍ୱାର୍ଡ ସମେତ ପଚାଂୟତରେ ରହିଥିବା ସମସ୍ୟା ଗୁଡ଼ିକୁ ସମାଧାନ କରିବା ପାଇଁ ପ୍ରଥମ ପଦକ୍ଷେପ ଗ୍ରହଣ କରିବେ କହିଛନ୍ତି । ଏହିଭଳି ଭାବେ ୨ ଜଣ ପ୍ରାର୍ଥୀ ବିକାଶର ପ୍ରସଙ୍ଗକୁ ନେଇ ଘରକୁ ଘରକୁ ବୁଲି ଭୋଟ୍ ଭିକ୍ଷା କରୁଥିବା ବେଳେ ଦୁଇ ଜଣ ଉଚ୍ଚ ଶିକ୍ଷିତଙ୍କ ମଧ୍ୟରୁ ଓ୍ୱାର୍ଡରେ ଥିବା ୨ଶହ ୬୭ ଜଣ ଭୋଟର କାହାକୁ ଅଧିକ ଭୋଟ୍ ଦେଇ ବିଜୟୀ କରାଇବେ ତାହା ଉପରେ ରହିଛି ସମସ୍ତଙ୍କ ନଜର ।

# ଖାସବାହାଲ ପଂଚାୟତରେ ସାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ଦାବି

ନୂଆପଡ଼ା,୨/୨ (ନି.ପ୍ର): ରାଜ୍ୟ ଏବଂ କେନ୍ଦ୍ର ସରକାର ଗ୍ରାମାଂଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସହ ଅନ୍ୟାନ୍ୟ ବିଷୟରେ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଉପଯୁକ୍ତ ଭିତ ଭୂମିର ଅଭାବ ଯୋଗୁଁ ଏହି ଯୋଜନା ଠିକ ରୂପାୟନ ହୋଇପାରୁ ନାହିଁ । ଖଡ଼ିଆଳ ବ୍ଲକର ଆଦିବାସୀ ବହୁଳ ଖାସବାହାଲ ପଂଚାୟତ ଶିକ୍ଷା, ସାସ୍ଥ୍ୟ, ଗମନା ଗମନ, କ୍ଷେତ୍ରରେ ବହୁ ପଛରେ ପଡ଼ି ଯାଇଥିବା ଅଭିଯୋଗ ହେଉଛି । ଏହି ପଂଚାୟତରେ ବର୍ତମାନ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଟିଏ ସ୍ଥାପନ ହୋଇପାରି ନାହିଁ । ଫଳରେ ସାଧାରଣ ରୋଗରେ ଏହି ପଂଚାୟତ ବାସୀ ୨୦ ରୁ ୨୫ କିଲୋମିଟର ଦୂର ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି । ଏହି କାରଣ ଯୋଗୁଁ ଖଡ଼ିଆଳ ଡାକ୍ତରଖାନାରେ ରୋଗୀଙ୍କ ସଂଖ୍ୟା ବୃଦ୍ଧିପାଉଥିବା ଦେଖିବାକୁ ମିଳୁଥିବା ବେଳେ ଲୋକେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇପାରୁ ନାହାନ୍ତି । କାରଣ ଖଡିଆଳ ଡାକ୍ତରଖାନାରେ ଡାକ୍ତର ସହ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥାର ଅଭାବ ଦୀର୍ଘ ଦିନରୁ ଲାଗିରହିଛି । ଚିକିତ୍ସା ପାଇଁ କାମ ଧନ୍ଦା ଛାଡ଼ି ଲୋକେ ଦୂର ଦୂରାନ୍ତରୁ ଆସି ଘଂଟା ଘଂଟା ଜଗିରହି ଚିକିତ୍ସି ହେଉଥିବା ବେଳେ ଅଯଥାରେ ହଇରାଣ ଓ ଖର୍ଚ୍ଚାନ୍ତରେ ପଡୁଛନ୍ତି । ପୁଣି ଚିକିତ୍ସା ପାଇଁ ଏମାନଙ୍କ ଗୋଟିଏ ଦିନ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଉଥିବା ଅଭିଯୋଗ କରିଛନ୍ତି । ଇତିପୂର୍ବେ ରାଜ୍ୟ ସରକାର ରାଜ୍ୟର ଉପାନ୍ତ ଅଂଚଳ ମାନଙ୍କରେ ସାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ସୁପାରିସ କରିଥିବା ବେଳେ ଜିଲ୍ଲାର ଉପାନ୍ତ ଅଂଚଳ ସହ ଖାସବାହାଲ ପଂଚାୟତରେ ସାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରିବାକୁ ସାଧାରଣରେ ଦାବୀ ହେଉଛି ।

# ରାସ୍ତା ନିର୍ମାଣ ନେଇ ପୌର କାଯ୍ୟନିବାହୀ ଅଧିକାରିଙ୍କୁ ଦାବିପତ୍ର

ଜୟପୁର ,୨/୨ (ନି.ପ୍ର): ଜୟପୁର ପୌରାଂଚଳରେ ରାସ୍ତା ନିର୍ମାଣ ପାଇ ଦାବୀ ହୋଇଛି । ଏନେଇ ଜୟପୁର ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବୀପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଜୟପୁର ସହରର ଓାର୍ଡ ନମ୍ବର ୭ର ଧାନ୍ୱି କଲୋନିରେ ରାସ୍ତା ନିର୍ମାଣ ନେଇ ଦାବୀ ପତ୍ର ପ୍ରଦାନ କରାଯାଇଛି । ଧାନ୍ୱି କଲୋନିର ଅବସ୍ଥା ଶୋଚନିୟ ହୋଇ ରହିଛି । ଫଳରେ ସ୍ଥାନୀୟ ବାସିନ୍ଦା ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସେହି ରାସ୍ତା ତୁରନ୍ତ ନିର୍ମାଣ ପାଇ ଦାବୀ ପତ୍ର ପ୍ରଦାନ କରାଯାଇଛି । ଦାବି ପତ୍ର ପ୍ରଦାନ ସମୟରେ ସମାଜସେବି ହରି ରାଓ , ଆଇନଜୀବି ଜି ହମେଶ, ବିମଳ ପଟ୍ଟନାୟକ ସାନ ମୁକା ଶ୍ରୀନୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଖଡିଆଳ ବ୍ଲକର ୩ ଟି ଜିଲ୍ଲା ପରିଷଦ ଜୋନରେ ତ୍ରିମୁଖୀ ଲଢେଇ

ନୂଆପଡା,୨/୨ (ନି.ପ୍ର): ଫଂଚାୟତ ନିର୍ବାଚନ ପାଇଁ ଖଡିଆଳ ବ୍ଲକରେ ପ୍ରାର୍ଥୀ ମାନେ ନିର୍ବାଚନ ପ୍ରଚାର ଆରମ୍ଭ କରିଦେଇଛନ୍ତି । ପ୍ରାର୍ଥୀମାନେ ଘରକୁଘର ବୁଲିଭୋଟର ମାନଙ୍କୁ ଭୋଟ ମାଗୁଛନ୍ତି । ଏଥର ଖଡିଆଳ ବ୍ଲକର ତିନି ଗୋଟି ଜିଲ୍ଲା ପରିଷଦ ଜୋନରେ ତ୍ରିମୁଖୀ ଲଢେଇ ସୁନିଶ୍ଚିତ ବୋଲି ଆକଳନରୁ ଜଣାପଡିଛି । ନୂଆପଡାରେ ମୋଟ ୧୪ ଗୋଟି ଜିଲ୍ଲା ପରିଷଦ ଜୋନ ରହିଛି । ଖଡିଆଳ ବ୍ଲକରେ ୪, ୫ ଓ ୬ ନମ୍ବର ଜୋନ ରହିଛି । ସେଥିମଧ୍ୟରୁ ୪ ନମ୍ବର ଜୋନରେ ବରଗାଁ , ସାନମହେଶ୍ୱର, ଖୁଦପେଜ, ଚନାବେଡା, ଗଜ୍ରମୁଣ୍ଡା, ମାଣ୍ଡୋସିଲ, ଚିନ୍ଦାଗୁଡା, ଭୋଜପୁର, ଭୁଲିଆସିକୁଆଁ ମୋଟ ୯ ଗୋଟି ଗ୍ରାମ ପଂଚୟତ ରହିଥିବା ବେଳେ ୩୦,୧୬୭ ଭୋଟର ରହିଛନ୍ତି । ୫ ନମ୍ବର ଜୋନରେ ଢୁଆଝର, ରାନିମୁଣ୍ଡା, କିରିକିଟା, ସୁନାରିସିକୁଆଁ, ଦାଦ୍ରୀ, ବିରିଘାଟ, ଲାଞ୍ଜି, ସରଧାପୁର କେନ୍ଦୁପାଟି ମୋଟ ୯ ଗୋଟି ଗ୍ରାମ ପଂଚାୟତ ରହିଥିବା ବେଳେ ୨୬,୬୦୯ ଗୋଟି ଭୋଟ ରହିଅଛି । ସେହିପରି ୬ ନମ୍ବର ଜୋନରେ ତୁକୁଲା, ଖାସବାହାଲ, ବଡଦୋହେଲା, ରିଶିଗାଁ, ଅରେଡା, ନେହେନା, ବାଦୀ, ଦୋହେଲପଡା ମୋଟ ୮ ଗୋଟି ଗ୍ରାମ ପଂଚାୟତ ରହିଥିବା ବେଳେ ୨୬, ୫ ୧୮ ଜଣ ଭୋଟର ରହିଛନ୍ତି । ୪ ନମ୍ବର ଜୋନ ଅଣ ସଂରକ୍ଷିତ ରହିଥିବା ବେଳେ ୫ ନମ୍ବର ଜୋନ ଏସସି ମହିଳାଙ୍କ ପାଇଁ ସଂରକ୍ଷଣ ହୋଇଛି । ୬ ନମ୍ବର ଜୋନରେ ଏସସିଙ୍କ ପାଇଁ ସଂରକ୍ଷଣ କରାଯାଇଛି । ଏଥିପାଇଁ ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସ ନିଜ ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ନିର୍ବାଚନ ଲଢିବାକୁ ମଇଦାନକୁ ଛାଡ଼ିଛନ୍ତି । ଗତ ନିର୍ବାଚନରେ ୪ ନମ୍ବର ଜୋନରେ କଂଗ୍ରେସର ଉତ୍କଳ ଗୁପ୍ତା ଓ ୬ ନମ୍ବର ଜୋନରେ କଂଗ୍ରେସର ରମୁନି ଶବର ୫ ନମ୍ବର ଜୋନରେ ବିଜେଡ଼ିର ସନ୍ତୋଷିନୀ ସଲମା ବିଜୟ ଲାଭ କରିଥିଲେ । କିନ୍ତୁ ଚଳିତ ଥର ବିଜେପି କେବଳ ଗତଥର ପ୍ରତିଦ୍ୱନ୍ଦିତ କରିଥିବା ଅଜିତ କିଶୋର ଚଳାନଙ୍କୁ ପୁନର୍ବାର ମଇଦାନକୁ ଛାଡ଼ିଥିବା ବେଳେ ବିଜେଡି ନୂଆମୁହା ଚିତ୍ତ ରଞ୍ଜନ ବେହେରା ଓ କଂଗ୍ରେସ ନୂଆ ମୁହଁ ତୋଶବନ୍ତ ବେହେରାକୁ ମଇଦାନକୁ ଛାଡ଼ିଛନ୍ତି । ୬ ନମ୍ବର ଜୋନରେ ଚଳିତ ଥର ବିଜେଡିର ନୂଆମୁହ ମାଲ୍ୟବନ୍ତ ସୁନା, ବିଜେପିର ଲିଲି ମେଘ ଓ କଂଗ୍ରେସର ପୂର୍ଣ୍ଣଚନ୍ଦ୍ର ସେଠି ମଇଦାନକୁ ଓହ୍ଲାଇଛନ୍ତି । ୫ ନମ୍ବର ଜୋନରେ ବିଜେଡ଼ିର ତନୁଜା ଶବର , ବିଜେପିର ଫୁଲମତୀ ମାଝୀ , କଂଗ୍ରେସ ଲଳିତା ମାଝାଙ୍କୁ ରଣାଙ୍ଗନରେ ଛଡ଼ା ଯାଇଛି । ତିନି ଗୋଟି ଦଳ ପକ୍ଷରୁ ଯୋରଦାର ପ୍ରଚାର ଆରମ୍ଭ କରାଯାଇଛି ।

# ଧର୍ମାନ୍ତରୀକରଣକୁ ପ୍ରୋତ୍ସାହନ ଦେଉଛନ୍ତି ବୋରିଗୁମ୍ମା ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ

ଜୟପୁର,୨/୨ (ନି.ପ୍ର): ବୋରିଗୁମ୍ମା ବ୍ଲକର ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଲୋକନାଥ ସୁନା ପଦର ଅପବ୍ୟବହାର କରୁଥିବା ନେଇ ଆଜି ବିପିନ ବିହାରୀ ମହାପାତ୍ର ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ମାଧ୍ୟମରେ ଅଭିଯୋଗ ଜଣାଇଛନ୍ତି । ଉକ୍ତ ଅଭିଯୋଗ ପତ୍ରରେ ସେ ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷାଧିକାରୀ ଥିବା ସମୟରେ ନିଜ ପଦର ଦୁଃବ୍ୟବହାର କରି ଲୋକ ମାନଙ୍କୁ ଖ୍ରୀଷ୍ଟିଆନ ଧର୍ମରେ ପରିବର୍ତନ ହେବାପାଇଁ ପ୍ରୋତ୍ସାହନ ଦେଉଥିଲେ । ଯାହାକୁ ବିରୋଧ କରି କୋରାପୁଟ ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ତାଙ୍କ ବିରୋଧରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । କିନ୍ତୁ କୋରାପୁଟ୍ ଜିଲ୍ଲା ଶିକ୍ଷାଧିକାରୀ ସୁନାଙ୍କ ବିରୁଦ୍ଧରେ ସେଭଳି କିଛି ଦୃଷ୍ଟାନ୍ତ ମୁଳକ କାଯ୍ର୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ଯାହାକୁ ନେଇ ବିଶ୍ୱହିନ୍ଦୁ ପରିଷଦ କର୍ମକର୍ତାଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖା ଦେଇଥିଲା । ବର୍ତମାନ ମଧ ନିଜ ପଦର ଦୁରୁପଯୋଗ କରି ସରକାରଙ୍କ ସପକ୍ଷରେ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଚାର କରିବାରେ ବ୍ୟସ୍ତ ଅଛନ୍ତି । ଯାହାକି ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଙ୍ଘନ କରୁଛି । ଶ୍ରୀ ସୁନା ବର୍ତମାନ ବଲାଙ୍ଗିର ଜିଲ୍ଲା ପୁଇଁତଳା ବ୍ଲକର ଶିକ୍ଷାଧିକାରୀ ଭାବରେ କାର୍ଯ୍ୟ ତୁଲାଉଛନ୍ତି ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି ।

# ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜୁ ଜନତା ଦଳରୁ ବହିଷ୍କୃତ

ଧର୍ମଶାଳା,୨/୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜୁ ଜନତା ଦଳରୁ ବହିଷ୍କୃତ । ବହିଷ୍କୃତ ହେଲେ ଧର୍ମଶାଳା ବ୍ଲକ ବିଜୁ ଯୁବ ଜନତା ଦଳର ଉପସଭାପତି ଅଭୟ ସାମଲ । ସେ ଦଳ ବିରୋଧୀ କାର୍ଯ୍ୟ କରୁଥିବା ନେଇ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନଜରକୁ ଆସିଥିଲା । ତେବେ ତାଙ୍କ ଅନୁମୋଦନ କ୍ରମେ ଧର୍ମଶାଳା ଯୁବ ବିଜେଡି ସଭାପତି କ୍ଷତିଶ ନାୟକ ବିଜୁ ଜନତା ଦଳରୁ ବହିଷ୍କୃତ କରାଯାଇଥିବା ନେଇ ଏକ ପ୍ରେସ ଇସ୍ତାହାରରେ ପ୍ରକାଶ କରିଛନ୍ତି । ଯାହାକୁ ନେଇ ଧର୍ମଶାଳାରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ପଂଚାୟତ ନିର୍ବାଚନ ପାଇଁ ଅଧିକାରୀଙ୍କୁ ତାଲିମ ପ୍ରଦାନ

ପୁରୀ ,୨/୨ (ନି.ପ୍ର): ପଞ୍ଚାୟତ ନିର୍ବାଚନ ପାଇଁ ଜିଲ୍ଲାସ୍ତରୀୟ ମୁଖ୍ୟ ଅଧିକାରୀମାନଙ୍କୁ ଆଜି ତାଲିମ ପ୍ରଦାନ କରାଯାଇଛି । ଏହି ଅଧିକାରୀମାନେ ବ୍ଲକ ସ୍ତରୀୟ ଅଧିକାରୀଙ୍କୁ ତାଲିମ ଦେବେ । ବ୍ଲକ ସ୍ତରୀୟ ଅଧିକାରୀମାନେ ପୋଲିଂ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରିବେ । ବିଡ଼ିଓ, ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ଚଳିତମାସ ୩ ଓ ୪ ତାରିଖରେ ଜିଲ୍ଲାସ୍ତରୀୟ ତାଲିମ ପ୍ରଦାନକାରୀମାନେ ତାଲିମ ଦେବେ । ୬ ଓ ୭ ତାରିଖରେ ବ୍ଲକ ସ୍ତରରେ ପୋଲିଂ ଓ ପ୍ରିଜାଇଡ଼ିଂ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରାଯିବ । ପ୍ରଥମ ପର୍ଯ୍ୟାୟରେ ୧୬ ତାରିଖ କୃଷ୍ଣପ୍ରସାଦ, ବ୍ରହ୍ମଗିରି, କଣାସରେ ମତଦାନ ଅନୁଷ୍ଠିତ ହେବ । ଏଥିରେ ନିୟୋଜିତ ହେବାକୁ ଥିବା ଅଧିକାରୀ, ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀମାନଙ୍କୁ କରୋନାର ବୁଷ୍ଟର ଡ଼ୋଜ ପ୍ରଦାନ କରାଯିବ । କୋଭିଡ଼ ନିର୍ଦ୍ଦେଶନାମା ପାଳନ କରି ମତଦାନ ଅନୁଷ୍ଠିତ ହେବ । ପୋଲିଂ ଦଳ ଦୁଇଦିନ ପୂର୍ବରୁ ବୁଥରେ ପହଂଚିବେ । ବୁଥ ଅଂଚଳରେ ଥିବା ଅଙ୍ଗନବାଡ଼ି ଓ ଶିକ୍ଷାକର୍ମୀମାନେ ସହଯୋଗ କରିବେ । ପୁରୀ ଜିଲ୍ଲାରେ ୩୮୦୪ ମତଦାନ କେନ୍ଦ୍ର ରହିଛି । ୬ ହଜାରୁ ଉର୍ଦ୍ଧ କର୍ମଚାରୀ ନିୟୋଜିତ ହେବେ । ପ୍ରତି ବ୍ଲକ କାର୍ଯ୍ୟାଳୟରେ ବାଲଟ ବକ୍ସ, ବାଲଟ ପେପର, ଓ ଅନ୍ୟାନ୍ୟ ସାମଗ୍ରୀ ପହଂଚି ସାରିଲାଣି । ଆଜି ମୁଖ୍ୟ ତାଲିମ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କୈଳାଶଚନ୍ଦ୍ର ନାୟକ, ତହସିଲଦାର ରବିନ୍ଦ୍ର ପ୍ରଧାନ, ଏମରଜେନସି ଅଫିସର ଜିତେନ୍ଦ୍ର କୁମାର ପାତ୍ର, ଏନଆଇସି ଅଧିକାରୀ ବିଶ୍ୱନାଥ ପଣ୍ଡା, ପଂଚାୟତ ଅଧିକାରୀ ଚିନ୍ମୟ ପାଣିଗ୍ରାହୀ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିରଜା ଶଙ୍କର ରଥ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମମତା ମିଶ୍ର ଓ ବ୍ଲକ ଶିକ୍ଷାଧିକାରୀମାନେ ଯୋଗ ଦେଇଥିଲେ ।

# ମାଲକାନଗିରିରେ ବିଜେଡ଼ିର ଚାଲିଛି ଡିଜିଟାଲ ନିର୍ବାଚନ ପ୍ରଚାର

ମାଲକାନଗିରି,୨/୨ (ନି.ପ୍ର): ତ୍ରିସ୍ତରୀୟ ନିର୍ବାଚନକୁ ନେଇ ରାଜନୈତିକ ପାଣି ପାଗରେ ଉଷ୍ଣତା ବଢିବାରେ ଲାଗିଥିବା ବେଳେ ପ୍ରାର୍ଥୀ ମାନେ ବର୍ତମାନ ନିଜ ନିଜ ପ୍ରଚାରରେ ବ୍ୟସ୍ତ ହୋଇପଡିଛନ୍ତି । ତେବେ ଚଳିତ ନିର୍ବାଚନରେ କରୋନାକୁ ଦୃଷ୍ଟିରେ ରଖି ବିଭିନ୍ନ କଟକଣା କରାଯାଇଥିବା ବେଳେ ନିର୍ବାଚନ ପ୍ରଚାର ନିମନ୍ତେ ଡିଜିଟାଲ ପ୍ରଚାରକୁ ଅଧିକ ଗୁରୁତ୍ୱ ଦିଆଯାଇଛି । କରୋନା କଟକଣା ଯୋଗୁଁ ଜନ ଗହଳି କରି ପ୍ରଚାର ଉପରେ ରୋକ୍ ଲଗାଯାଇଥିବା ବେଳେ ସ୍ୱଳ୍ପ ସଂଖ୍ୟକ ଲୋକେ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି । ମାଲକାନଗିରି ଭଳି ଆଦିବାସୀ ବହୁଳ ଜିଲ୍ଲାରେ ପ୍ରଚାର ନିମନ୍ତେ ସୋସିଆଲ ମିଡିଆରେ ଡିଜିଟାଲ ପ୍ରଚାରକୁ ଗୁରୁତ୍ୱ ଦେଇଛି ବିଜୁ ଜନତା ଦଳ । ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ ନାଚ ଗୀତର ଭିଡିଓ ମାଧ୍ୟମରେ ଦଳୀୟପ୍ରଚାର ପାଇଁ ଆଗେଇ ଆସିଛନ୍ତି ଦଳର କିଛି ଆଗ ଧାଡିର ନେତା ଓ କର୍ମୀ । ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଏକ ଆଦିବାସୀ ବହୁଳ ଅଂଚଳ ହୋଇଥିବା ବେଳେ ଏହି ଅଂଚଳରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲା ସାଂଗଠନିକ ସମ୍ପାଦକ ତଥା ଖଇରପୁଟ ବ୍ଲକ ସଂଯୋଜକ ନୃସିଂହ ଚରଣ ମହାନ୍ତି ଏବଂ କିଛି ଦଳୀୟ କର୍ମୀ ଏକ ଭିଡିଓ ଗୀତ ମାଧ୍ୟମରେ ନିଜ ଦଳୀୟ ପାର୍ଥୀଙ୍କ ପାଇଁ ପ୍ରଚାର ଆରମ୍ଭ କରିଛନ୍ତି । ସ୍ଥାନୀୟ ଅଂଚଳର ଲୋକଙ୍କୁ ଦଳ ଓ ଦଳୀୟ ପ୍ରାର୍ଥୀଙ୍କ ବିଷୟରେ ବୁଝାଇବାକୁ ସ୍ଥାନୀୟ ଆଦିବାସୀ ଭାଷାରେ ଏହି ନାଚ ଗୀତର ଭିଡିଓଟି ସୁଟ୍ କରାଯାଇଛି । ଯେଉଁଥରେ ନିଜେ ଶ୍ରୀ ମହାନ୍ତି ଆଦିବାସୀ ଗୀତର ତାଳେ ତାଳେ ନୃତ୍ୟ ପରିବେଷଣ କରୁଥିବା ବେଳେ ତାଙ୍କ ସହ କିଛି କର୍ମୀ ମଧ ଏହି ନୃତ୍ୟ ପରିବେଷଣ କରୁଥିବା ଦେଖିବାକୁ ମିଳିଛି । ଡିଜିଟାଲ ପ୍ରଚାରକୁ ଗୁରୁତ୍ୱ ଦେଇ ଏଭଳି ନାଚ ଗୀତର ଭିଡିଓ କରାଯାଇଥିବା ବେଳେ ଏହା ମଧ ସ୍ଥାନୀୟ ଲୋକଙ୍କୁ ବେଶ୍ ଆକୃଷ୍ଟ କରିଛି । ଖଇରପୁଟ ବ୍ଲକରେ ବିଜୁ ଜନତା ଦଳ ପକ୍ଷରୁ ବଳି ମାଝି ଉକ୍ତ ଅଂଚଳର ଜିଲ୍ଲା ପରିଷଦ ସଦସ୍ୟ ପାଇଁ ପ୍ରାର୍ଥୀ ହୋଇଥିବା ବେଳେ ଏହି ଭିଡିଓରେ ତାଙ୍କ ବିଷୟରେ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ସ୍ଥାନୀୟ ଭାଷା ଓ ପାରମ୍ପରିକ ବାଦ୍ୟର ତାଳେ ତାଳେ ଏହି ଭିଡିଓଟିରେ ଅଂଚଳର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ଆଗାମୀ ଦିନରେ କିଭଳି ଅଂଚଳର ବିକାଶ କରାଯିବ ତାହା ଉପରେ ତଥ୍ୟ ରଖାଯାଇଛି । ଏହା ଭୋଟରଙ୍କୁ ବେଶ୍ ଆକୃଷ୍ଟ କରିପାରିଥିବା ଦେଖିବାକୁ ମିଳିଛି । ତେବେ ଅଂଚଳରେ ସରକାରୀ ନିୟମକୁ ମାନି କରୋନା କଟକଣା ମଧ୍ୟରେ ବିଜୁ ଜନତା ଦଳ ଏଭଳି ଡିଜିଟାଲ ପ୍ରଚାରକୁ ଗୁରୁତ୍ୱ ଦେଇଥିବା ବେଳେ ଅନ୍ୟ ଦଳୀୟ ପ୍ରାର୍ଥୀ କିନ୍ତୁ ବର୍ତମାନ ସୁଦ୍ଧା ସେଭଳି କୌଣସି ପଦକ୍ଷେପ ନେଇ ନଥିବା ଦେଖିବାକୁ ମିଳିଛି । ବିଜୁ ଜନତା ଦଳ ପକ୍ଷରୁ ଏହି ଡିଜିଟାଲ ପ୍ରଚାରକୁ ଆଗାମୀ ଦିନରେ ମଧ ଜାରି ରଖାଯିବ ବୋଲି ସାଂଗଠନିକ ସମ୍ପାଦକ ଶ୍ରୀ ମହାନ୍ତି ପ୍ରକାଶ କରିଥିବା ବେଳେ ଏହା ନିର୍ବାଚନରେ ତାଙ୍କ ପାଇଁ ଲାଭଦାୟକ ହେବା ସହ ବିଶେଷ କରି ଯୁବ ଭୋଟରଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି ସେ ଲକ୍ଷ୍ୟ ରଖିଛନ୍ତି । ବର୍ତମାନର ଡିଜିଟାଲ ଯୁଗରେ ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲାରେ ପ୍ରଥମ ଥର ପାଇଁ ଏଭଳି ଡିଜିଟାଲ ପ୍ରଚାର କରାଯାଇଥିବା ବେଳେ ଅନ୍ୟ ଦଳ ଗୁଡିକ ବର୍ତମାନ ସୁଦ୍ଧା ଡିଜିଟାଲ ପ୍ରଚାର ଉପରେ ସେତେଟା ଗୁରୁତ୍ୱ ଦେଇନଥିବା ଦେଖିବାକୁ ମିଳିଛି ।

# ଗାନ୍ଧୀ ପର୍ଯ୍ୟଟନ ସ୍ଥଳୀ

ନୂଆଦିଲ୍ଲୀର ଗାନ୍ଧୀ ପର୍ଯ୍ୟଟନସ୍ଥଳକୁ ଦେଖିଲେ ମନେ ହୁଏ ନାହିଁ ଯେ ଦିନେ ଏହି ଦେଶ ଇଂରେଜମାନଙ୍କ ଅଧୀନରେ ଥିଲା । ୧୫ ଅଗଷ୍ଟ ୧୯୪୭ରେ ଆମକୁ ଯେଉଁ ସ୍ୱାଧୀନତା ମିଳିଥିଲା ସେଥିରେ ମହାତ୍ମା ଗାନ୍ଧୀଙ୍କ କେତେ ଯୋଗଦାନ ରହିଥିଲା ଏ ସମ୍ବନ୍ଧରେ ଆମେ ସମସ୍ତେ ବହିରୁ ପଢ଼ିଛୁ ଓ ଚଳଚିତ୍ରରୁ ମଧ୍ୟ ଦେଖିଛୁ, କିନ୍ତୁ ଗାନ୍ଧୀଙ୍କ ସଂଘର୍ଷମୟ ଜୀବନ ସହିତ ଭଲ ଭାବେ ପରିଚିତ ହେବାକୁ ଚାହୁଁଥିଲେ ଦିଲ୍ଲୀର ଏପରି କିଛି ପର୍ଯ୍ୟଟନସ୍ଥଳକୁ ଭ୍ରମଣରେ ଯାଆନ୍ତୁ ଯେଉଁଠାରେ ଜାତିର ପିତାଙ୍କ ସମସ୍ତ ସ୍ମୃତିକୁ ଅତି ଯତ୍ନରେ ସାଇତି ରଖାଯାଇଛି ।







## ଗାନ୍ଧୀ ସଂଗ୍ରହାଳୟ

ରାଜଘାଟ ସାମ୍ନାରେ ନିର୍ମାଣ କରାଯାଇଛି ଗାନ୍ଧୀ ସଂଗ୍ରହାଳୟ । ଏଠାରେ ମହାତ୍ମା ଗାନ୍ଧୀଙ୍କ ସହ ଜଡିତ ସମସ୍ତ ଜିନିଷ ରହିଛି । ତାଙ୍କ ପ୍ରତିମୂର୍ତ୍ତି, ଫଟୋଗ୍ରାଫ୍, ପେଣ୍ଟିଂ ଆଦିକୁ ଅତି ଯତ୍ନରେ ରଖାଯାଇଛି । ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ମହାତ୍ମାଗାନ୍ଧୀଙ୍କ ଜୀବନୀ, ତାଙ୍କ ସିଦ୍ଧାନ୍ତ, ପରାମର୍ଶ ଓ ଉପଦେଶ ଉପରେ ନିର୍ମିତ ଚଳଚ୍ଚିତ୍ର ଦେଖିବାକୁ ଦିଆଯାଏ । ଗୁରୁବାର ଏହି ଫିଲ୍ମ ପ୍ରଦର୍ଶନ ହୋଇ ନଥାଏ । ଶୁକ୍ରବାର ଏଠାରେ ତାଙ୍କ ସ୍ମୃତିରେ ପ୍ରାର୍ଥନା ସଭାର ଆୟୋଜନ ହୋଇଥାଏ । ଏହା ସହିତ ମହାତ୍ମା ଗାନ୍ଧୀଙ୍କ ଜନ୍ମଦିନ ଓ ପୁଣ୍ୟତିଥିରେ ଏଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଏହି କାର୍ଯ୍ୟକ୍ରମରେ ବିପୁଳ ଜନ ସମାଗମ ହୋଇଥାଏ । ଏହି ସଂଗ୍ରହାଳୟକୁ ଜୋତା ପିନ୍ଧି ଆସିବାକୁ ବାରଣ କରାଯାଇଛି । ସଂଗ୍ରହାଳୟ ସୋମବାର ସକାଳ ୧୦ଟାରୁ ସନ୍ଧ୍ୟା ସାଢ଼େ ପାଂଚଟା ପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କ ପାଇଁ ଖୋଲା ରହିଥାଏ । ତେବେ ମହାତ୍ମା ଗାନ୍ଧୀଙ୍କୁ ସମର୍ପିତ ଏହି ସ୍ଥାନ ପୂର୍ବରୁ ବିର୍ଲା ଭଜନ ନାମରେ ଜଣାଶୁଣା ଥିଲା । କାରଣ ଜି.ଡି ବିର୍ଲାଙ୍କ ବାସଭବନକୁ ହିଁ ଗାନ୍ଧୀ ସ୍ମୃତିର ରୂପ ଦିଆଯାଇଛି ।

## ରାଜଘାଟ




ଦିଲ୍ଲୀର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ମଧ୍ୟରେ ଅନ୍ୟତମ ହେଉଛି ରାଜଘାଟ । ଯମୁନା ନଦୀର ପଶ୍ଚିମ ତଟରେ ଅବସ୍ଥିତ ଏହି ସ୍ଥାନ ଏଇଥିପାଇଁ ସ୍ୱତନ୍ତ୍ର ଯେ ଏଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳ ରହିଛି । କଳା ମୁଗୁନି ପଥରରେ ନିର୍ମିତ ଏହି ସମାଧି ଉପରେ ତାଙ୍କ ମୁଖରୁ ବାହାରିଥିବା ଶେଷ 'ହେ ରାମ' ଲିଖିତ ହୋଇଛି । ତାଙ୍କର ଏହି ଅନ୍ତିମ ବିଶ୍ରାମସ୍ଥଳ ସ୍ୱାଧୀନତା ପ୍ରାପ୍ତିରେ ତାଙ୍କର ମୂଲ୍ୟ ଯୋଗଦାନକୁ ବଖାଣୁଛି । ଦେଶ ବିଦେଶରୁ ଆସୁଥିବା ଉଚ୍ଚ ଅଧିକାରୀ ଏହି ସମାଧୀ ସ୍ଥଳରେ ମାଲ୍ୟାର୍ପଣ କରିବାକୁ ନିଶ୍ଚୟ ଆସିଥାନ୍ତି । ରାଜଘାଟର ଶାନ୍ତ ପରିବେଶକୁ ସୁନ୍ଦର ଓ କମନୀୟ କରି ତୋଳିଥାଏ ଏହାର ଚତୁଃପାର୍ଶ୍ୱରେ ଘେରି ରହିଥିବା ସବୁଜ ବୃକ୍ଷରାଜି ଓ କୃତ୍ରିମ ଝରଣା । ଏହି ସ୍ମାରକୀର ଏକ କୋଣରେ ସର୍ବଦା ଏକ ଜ୍ୟୋତି ପ୍ରଜ୍ୱଳିତ ହୋଉଥାଏ; ଯାହା ସମସ୍ତଙ୍କ ମନ ଜିଣିଛି ।





# ଚିକେନ୍ ବଲ୍

**ଆବଶ୍ୟକ ସାମଗ୍ରୀ:** ବୋନ୍‌ଲେସ୍ ଚିକେନ୍, ବ୍ରେଡ୍, ଅଟା, ଅଣ୍ଡା, ଧନିଆପତ୍ର, ଗୋଲମରିଚ ଗୁଣ୍ଡ, ଲଙ୍କା ଗୁଣ୍ଡ, ଚିଲି ସସ୍, ସୋୟା ସସ୍, ଲୁଣ, କଟା କଞ୍ଚା ଲଙ୍କା, କଟା ପିଆଜ, ତେଲ, ଅଦା ଓ ରସୁଣ ପେଷ୍ଟ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବୋନ୍‌ଲେସ୍ ଚିକେନକୁ ଧୋଇ ଏକ ପାତ୍ରରେ ରଖନ୍ତୁ । ସେଥିରେ ଧନିଆପତ୍ର, ଗୋଲମରିଚ ଗୁଣ୍ଡ, ଲଙ୍କା ଗୁଣ୍ଡ, ଚିଲି ସସ୍, ସୋୟା ସସ୍, ଆବଶ୍ୟକ ଅନୁସାରେ ଲୁଣ, କଟା କଞ୍ଚା ଲଙ୍କା, କଟା ପିଆଜ, ଅଦା ଓ ରସୁଣ ପେଷ୍ଟ ପକାଇ ଗୋଳାଇ ଦିଅନ୍ତୁ । ପରେ ତାକୁ ଗ୍ରାଇଣ୍ଡି କରି ଏକ ପାତ୍ରକୁ କାଢ଼ି ଦିଅନ୍ତୁ ।
ପରେ ବ୍ରେଡକୁ ଗ୍ରାଇଣ୍ଡି କରି ଏକ ପାତ୍ରରେ ରଖନ୍ତୁ । ତା' ପରେ ଅଣ୍ଡାକୁ ଭାଙ୍ଗି ଏକ ପାତ୍ରରେ ଭଲ ଭାବେ ଗୋଳାଇ ଦିଅନ୍ତୁ ।
ଏବେ ଗ୍ରାଇଣ୍ଡିଂ କରିଥିବା ଚିକେନକୁ ବଲ୍ ଆକାରରେ କରି ଗଢ଼ନ୍ତୁ । ଏହି ବଲ୍‌କୁ ଅଣ୍ଡା ଦେହରେ ବୁଡ଼ାଇ ତା' ପରେ ତାକୁ ଅଟା ଓ ବ୍ରେଡ୍ ଗୁଣ୍ଡରେ ବୁଡ଼ାଇ ଛାଣନ୍ତୁ । ଏହା ଟିକେ ଲାଲ ହୋଇ ଆସିଲେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିକେନ୍ ବଲ୍ ।





# ସାବଧାନ: ଟମାଟୋ ଖାଇବା ହୋଇପାରେ ଭୟାନକ

♦ ଯେଉଁମାନଙ୍କ ଗଲ୍ ବ୍ଲାଡର ବା କିଡ୍‌ନୀ ଷ୍ଟୋନ୍‌ଭଳି ସମସ୍ୟା ରହିଛି, ସେମାନଙ୍କୁ ଭୁଲ୍‌ରେ ବି ଟମାଟୋ ଖାଇବା ଉଚିତ ନୁହେଁ । ଟମାଟୋରେ କ୍ୟାଲସିୟମ ଅଧିକ ମାତ୍ରାରେ ଥାଏ । ଅଧିକ ପରିମାଣରେ ଟମାଟୋ ଖାଇବା ଦ୍ୱାରା ଶରୀରରେ କ୍ୟାଲସିୟମ ଅକ୍ସାଲେଟର ପରିମାଣ ବଢ଼ିଥାଏ । ଏପରି ସ୍ଥିତିରେ, ଏହାକୁ ଖାଇବା ଦ୍ୱାରା କିଡନୀରେ ଷ୍ଟୋନ୍ ସମସ୍ୟା କମିବା ବଦଳରେ ଅଧିକ ଦ୍ରୁତ ଗତିରେ ବଢ଼ିଯାଏ ।

♦ ଯେଉଁମାନଙ୍କ ଆଣ୍ଠୁ ଗଣ୍ଠି ଯନ୍ତ୍ରଣା ଭଳି ସମସ୍ୟା ରହିଛି, ସେହି ଲୋକଙ୍କୁ ମଧ ଅଧିକ ଟମାଟୋ ଖାଇବା କ୍ଷତିକାରକ ପ୍ରମାଣିତ ହୋଇପାରେ । ଟମାଟୋ ଖାଇବା ଦ୍ୱାରା ଗଣ୍ଠି ଯନ୍ତ୍ରଣା ତଥା ଆଣ୍ଠୁ ଗଣ୍ଠି ଫୁଲିବା ଭଳି ସମସ୍ୟା ବଢ଼ି ଯାଇଥାଏ ।

♦ ଯେଉଁମାନଙ୍କର ଆଲର୍ଜି ସମସ୍ୟା ରହିଛି, ସେମାନେ ମଧ ଅଧିକ ଟମାଟୋ ଖାଇବା ଠାରୁ ଦୂରେଇ ରହିବା ଉଚିତ । ବେଳେବେଳେ ଟମାଟୋର ଅତ୍ୟଧିକ ସେବନ ସ୍କିନ୍ ଆଲର୍ଜି, ଦାଗ, ମୁହଁ ଫୁଲିବା ଇତ୍ୟାଦିର କାରଣ ହୋଇପାରେ ।

# ଶୀତ ସତର୍କତା

ଅନ୍ୟ ଋତୁ ତୁଳନାରେ ତ୍ୱଚାର ସର୍ବାଧିକ କ୍ଷତି ହୋଇଥାଏ ଶୀତ ଋତୁରେ । ଦେହ ଓ ଓଠ ଫାଟିବା, ତ୍ୱଚା ଶୁଷ୍କତା, ରୁପି ପ୍ରଭୃତି ସମସ୍ୟା ଦେଖାଦିଏ । କେଶ କ୍ଷତିଗ୍ରସ୍ତ ହେବା ସହ ମୁହଁର ଉଜ୍ଜ୍ୱଳତା ହ୍ରାସ ପାଏ । ତେବେ ସାମାନ୍ୟ ସତର୍କତା ଅବଲମ୍ବନ କଲେ ସେଥିରୁ ମୁକ୍ତି ମିଳି ପାରିବ ।









**ମୁହଁ:**
ଦୁଇ ଚାମୁଚ ମିଲ୍କ ପାଉଡର, ଗୋଟିଏ ଚାମୁଚ ମହୁ ସହିତ ଦୁଇଟି ଅଣ୍ଡାର କେଶର ମିଶାଇ ମୁହଁରେ ଲଗାନ୍ତୁ । ଶୁଖିଯିବା ପରେ ସାମାନ୍ୟ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଦିନକୁ ଅନ୍ତତଃ ଦୁଇଥର ଏପରି କରନ୍ତୁ । ଏହି ଉପାୟ ନିୟମିତ କଲେ ମୁହଁ ପୁଣିଥରେ ଉଜ୍ଜ୍ୱଳ ଦେଖାଯିବ । ଏଥି ସହିତ ସନସ୍କ୍ରିନ ବ୍ୟବହାର କରିବାକୁ ଭୁଲନ୍ତି ନାହିଁ । ବହୁ ଲୋକଙ୍କ ଧାରଣା ଯେ ସନ୍‌ସ୍କ୍ରିନ କେବଳ ଗ୍ରୀଷ୍ମଋତୁରେ ବ୍ୟବହାର କରାଯାଏ, ମାତ୍ର ଏହା ଭୁଲ । ଶୀତଋତୁରେ ମଧ ସନ୍‌ସ୍କ୍ରିନ ବ୍ୟବହାର କରିବା ଉଚିତ । ଗ୍ରୀଷ୍ମ ହେଉ କି ଶୀତଳ ଘରୁ ଗୋଡ କାଢ଼ିବା ପୂର୍ବରୁ ଏହା ବ୍ୟବହାର କରନ୍ତୁ ।

**ପାଦ:**
ଶୀତ ଦିନରେ ପାଦ ଓ ଗୋଇଠି ଫାଟିବା ଏକ ସାଧାରଣ ସମସ୍ୟା । ଏଥିରୁ ମୁକ୍ତି ପାଇବା ପାଇଁ ରାତିରେ ଶୋଇବା ପୂର୍ବରୁ ପେଟ୍ରୋଲିୟମ ଜେଲିରେ ପାଦ ମାଲିସ୍ କରନ୍ତୁ ଏବଂ ମୋଜା ବ୍ୟବହାର କରନ୍ତୁ ।

**କେଶ:**
ଶୀତଋତୁରେ କେଶ ନିୟମିତ କଣ୍ଡିସନିଂ ଆବଶ୍ୟକ କରେ । ଏଥି ପାଇଁ ସିଲିକାନ ରିଚ୍ କଣ୍ଡିସନିଂ ବ୍ୟବହାର କରନ୍ତୁ ।

**ଶରୀର:** ପ୍ରତିଦିନ ଗରମ ପାଣିରେ ସ୍ନାନ କଲେ ତ୍ୱଚାର ପ୍ରାକୃତିକ ତୈଳ ଶୁଖିଯାଏ ଏବଂ ତା'ର ସ୍ୱାଭାବିକ ସ୍ନିଗ୍ଧତା ହରାଏ । ତେଣୁ ଥଣ୍ଡାରୁ ରକ୍ଷା ପାଇବା ପାଇଁ ଗରମ ପାଣିରେ ସ୍ନାନ କରନ୍ତୁ ନାହିଁ । ନଖଉଷୁମ ପାଣିରେ ସ୍ନାନ କରନ୍ତୁ ।

# ମହିଳାଙ୍କ ପାଇଁ ଆତ୍ମରକ୍ଷା କୌଶଳ



- ବାରରକୁ ଯିବା ପୂର୍ବରୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ ରଖନ୍ତୁ । ବାଟରେ କୌଣସି ଅଘଟଣ ଘଟିଲେ ସାମର୍ଥ୍ୟ ଅନୁସାରେ ମୁକାବିଲା କରନ୍ତୁ ।
- ଗହଣା ଚୋରି, ଅସଦାଚରଣରୁ ରକ୍ଷା ପାଇବା ପାଇଁ ଆଗ ପଛକୁ ନଜର ରଖନ୍ତୁ । ଅନୁସରଣକାରୀଙ୍କ ପ୍ରତି ସତର୍କ ରହନ୍ତୁ । ପୁଲିସ୍ ହେଲ୍‌ପ ଲାଇନ୍ ନମ୍ବର ପାଖରେ ରଖନ୍ତୁ । ମୋବାଇଲ୍‌ରେ ନିକଟସ୍ଥ ପୁଲିସ୍‌କୁ ସୂଚନା ଦିଅନ୍ତୁ ।
- ଆଜିକାଲି ମୋବାଇଲ୍‌ରେ କେତୋଟି ଆପ୍ ରହିଛି, ସେଗୁଡିକୁ ଡାଉନ୍‌ଲୋଡ୍ କରି ରଖନ୍ତୁ । ବିପଦର ଆଭାସ ପାଇବା ମାତ୍ରେ ଏହି ଆପ୍ ବ୍ୟବହାର କରନ୍ତୁ ।
- ଏପରି କିଛି ଆପ୍ ରହିଛି ଯାହାକୁ ଛୁଇଁବା ମାତ୍ରେ ସତର୍କ ଘଣ୍ଟି ବାଜିଥାଏ । ଏହା ଦ୍ୱାରା ଅନ୍ୟ ଲୋକମାନେ ସେଠାକୁ ଚାଲିଆସିବେ ଏବଂ ଆପଣଙ୍କୁ ସାହାର୍ଯ୍ୟ କରିପାରିବେ ।
- ଆକ୍ରମଣର ଶିକାର ହେବା ମାତ୍ରେ ନିଜସ୍ୱ ବୁଦ୍ଧି ଖଟାଇ ପ୍ରତିଆକ୍ରମଣ କରନ୍ତୁ ଏବଂ ଶତ୍ରୁର ଦୁର୍ବଳତା ଜାଣିବାକୁ ଚେଷ୍ଟା କରନ୍ତୁ ।
- ଆତ୍ମରକ୍ଷା କୌଶଳ ପାଇଁ ତାଲିମ ନିଅନ୍ତୁ । ହାତରେ ମୁଦି ପିନ୍ଧନ୍ତୁ । ଏହା ଆତ୍ମ ରକ୍ଷାରେ ସହାୟକ ହୋଇପାରିବ ।
- ରାସ୍ତାରେ ଯିବାବେଳେ ହଇରାଣର ସମ୍ମୁଖୀନ ହେଲେ ଗୋଟିଏ ସ୍ଥାନରେ ଧୀରସ୍ଥିର ଭାବେ ଛିଡା ହୁଅନ୍ତୁ ନାହିଁ । ନିର୍ଦ୍ଦିଷ୍ଟ ଦୂରତାରେ ସବୁବେଳେ ରହନ୍ତୁ ।

# ନିରୋଗ ଶରୀର ଓ ପ୍ରସନ୍ନ ମନ ପାଇଁ ପ୍ରାର୍ଥନା



ସମସ୍ତେ ଚାହାନ୍ତି ଅନେକ ଦିନ ବଞ୍ଚିରହିବାକୁ । କେବଳ ବଞ୍ଚିବାକୁ ନୁହେଁ, ସୁସ୍ଥ ଦେହ ଓ ସୁସ୍ଥ ମନରେ ବଞ୍ଚିବାକୁ । ସେଥିପାଇଁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଗୋଟିଏ ସଂକ୍ଷିପ୍ତ ପ୍ରାର୍ଥନାରେ କୁହାଯାଇଛି - ଅରୋଗେ ମରଣଂ ଶତେ ମନସି ପ୍ରସନ୍ନଂ ସଦା ।।
ଅର୍ଥାତ୍, ହେ ପ୍ରଭୁ ! ଏହି ଜନ୍ମରେ ଆପଣଙ୍କ ପାଖରେ ମୋର ଏତିକି ମାଗୁଣି ଯେ ମୁଁ ଶହେବର୍ଷ ପର୍ଯ୍ୟନ୍ତ ବଞ୍ଚିବି, ମୋର ମନ ସବୁବେଳେ ପ୍ରସନ୍ନ ରହିବ ଏବଂ ବିନା ବ୍ୟାଧିରେ ଶହେବର୍ଷ ବିତାଇବା ପରେ ମୋର ମରଣ ହେବ । ଏହି ପ୍ରାର୍ଥନାରେ ସବୁକିଛି ସୂଚନାତ୍ମକ ଭାବରେ କୁହାଯାଇଛି । ମନୁଷ୍ୟ ସମାଜରେ ସାଧାରଣତଃ ତିନିଟି କାରଣରୁ ବ୍ୟାଧି ବା ବିପତ୍ତି ଦେଖାଯାଇଥାଏ ।
୧. ଆଧିଦୈବିକ, ୨. ଆଧିଭୌତିକ ଓ ୩. ଆଧ୍ୟାତ୍ମିକ । 'ଆଧିଦେହବିକ' ହେଉଛି ବାତ୍ୟା, ବନ୍ୟା ଓ ଭୂମିକମ୍ପ ଆଦି ବିପତ୍ତି- ଯାହା ଆମର ଆୟତ୍ତାଧୀନ ନୁହେଁ, ଦୈବର ଅଧୀନ । ତେଣୁ ସେଥିରୁ ରକ୍ଷା ପାଇବା ପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରାଯାଏ । 'ଆଧିଭୌତିକ' ହେଉଛି ପଞ୍ଚଭୂତରୁ ଜାତ ବିପତ୍ତି । ଆମର ଶରୀର ପଞ୍ଚଭୂତରୁ ସୃଷ୍ଟି । ଆମର ଏହି ଶରୀର ବଧ୍ୟ ବ୍ୟାଧିର ଘର । ପଞ୍ଚଭୂତରୁ ସୃଷ୍ଟି ଅନ୍ୟ ଜୀବଜନ୍ତୁଙ୍କଠାରୁ ମଧ୍ୟ ଆମର ବିପତ୍ତି ଥାଏ ତେଣୁ ସେଥିରୁ ଉଦ୍ଧାର ପାଇବାପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରାଯାଏ । 'ଆଧ୍ୟାତ୍ମିକ' ଭାବ ମନକୁ ଆନନ୍ଦ ଦିଏ । ତାହାର ଅଭାବରେ ମନ ବ୍ୟାଧିଗ୍ରସ୍ତ ହୋଇପଡେ । ଉନ୍ମଦ, ଅପସ୍ମାର ଆଦି ରୋଗ ଦେଖାଯାଏ । ତେଣୁ ତାହାର ଉର୍ଦ୍ଧ୍ୱ ମନକୁ ପ୍ରସନ୍ନ ରଖିବାପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରାଯାଏ । ଏହିପରି ଭାବରେ, ଇହଲୋକରେ ଆଧିଦୈବିକ ଓ ଆଧିଫଭୌତିକ ବ୍ୟାଧି ନଥାଇ, ଆଧ୍ୟାତ୍ମିକ ଓ ଆନନ୍ଦମୟ ଜୀବନ ବିତାଇବାପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରାଯାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଅର୍ଥନୀତିକ ସର୍ଭେ ରିପୋର୍ଟ-ଆଶାର କରଣ...

ସଂସଦର ବଜେଟ୍ ଅଧିବେଶନ ଆରମ୍ଭ ହୋଇ ସାରିଛି । ବଜେଟ୍ ମଧ ଉପସ୍ଥାପିତ ହୋଇଯାଇଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୨-୨୩ ବର୍ଷର ବଜେଟ୍ ସଂସଦରେ ଉପସ୍ଥାପନ କରିଛନ୍ତି । କରୋନା ମହାମାରୀର ତୃତୀୟ ଲହର ଭିତରେ ଉପସ୍ଥାପିତ ଏହି ବଜେଟ୍‌ରେ ସରକାର ସାଧାରଣ ଜନତାଙ୍କଠାରୁ ନେଇ ଶିଳ୍ପସଂସ୍ଥା ଓ ବ୍ୟବସାୟୀମାନଙ୍କୁ କି ପ୍ରକାର ଆଶ୍ୱସ୍ତି ପ୍ରଦାନ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ନିବଦ୍ଧ ଥିଲା । ଏହି ଧାରଣାକୁ ଦୃଷ୍ଟିରେ ରଖି ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ପେଶ୍ କରିଥିବା ବଜେଟ୍‌ରେ କାହାରି ଉପରେ କୌଣସି ପ୍ରକାର ଟିକସ ବୋଝ ପଡ଼ିନାହିଁ । ତେଣୁ ଅର୍ଥମନ୍ତ୍ରୀ ଏହାକୁ ଏକ 'ଟିକସବୋଝମୁକ୍ତ ବଜେଟ୍' ବୋଲି କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ ଏହାକୁ ଦେଶର ବିକାଶ ପାଇଁ ଏକ ସୁଚିନ୍ତିତ ବଜେଟ୍ ବୋଲି ଅଭିନନ୍ଦନ ଜଣାଇଛନ୍ତି । ସରକାରଙ୍କ ଏହି ବଜେଟ୍‌କୁ ଭାରତୀୟ ବାଣିଜ୍ୟ ଓ ଉଦ୍ୟୋଗ ଜଗତ, ଯଥା- ଫିକି ଏବଂ ଆସୋଚାମ ଭଳି ସଂଗଠନ ଉଚ୍ଚପ୍ରଶଂସା କରିଛନ୍ତି । ବାସ୍ତବତା ଦୃଷ୍ଟିରୁ ବିଚାର କଲେ, କରୋନା ମହାମାରୀ ଗତ ଦୁଇବର୍ଷ ଧରି ଦେଶର ଅର୍ଥନୀତିକୁ ଏଭଳି ମାତ୍ରାରେ ଆକ୍ରାନ୍ତ କରି ରଖିଛି ଯେ, ସେଥିରେ ସରକାରଙ୍କଠାରୁ ନେଇ ସାଧାରଣ ଜନତାଙ୍କ ପର୍ଯ୍ୟନ୍ତ ସଭିଏଁ ଚାପଗ୍ରସ୍ତ ରହିଛନ୍ତି । ଶିଳ୍ପ, ବ୍ୟବସାୟିକ ସଂସ୍ଥାମାନେ ମଧ ପ୍ରଭାବିତ ଅବସ୍ଥାରେ ଅଛନ୍ତି । ଅର୍ଥବ୍ୟବସ୍ଥାକୁ ଗତିଶୀଳ କରିବା ନିମନ୍ତେ ସରକାର ଗତବର୍ଷ ବଜେଟ୍‌ରେ ଯେଉଁଭଳି ଭାବେ ବ୍ୟବସ୍ଥା କରିଥିଲେ, ୨୦୨୨-୨୩ ବର୍ଷର ବଜେଟ୍‌ରେ ତାହାକୁ ଆହୁରି ସଂପ୍ରସାରିତ କରିଛନ୍ତି । ଅର୍ଥାତ୍ ଭିତ୍ତିଭୂମି ଓ ସଂସାଧନ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବ । ଏହି ବୁନିଆଦୀ ଢାଞ୍ଚାକୁ ମଜଭୁତ କରାଗଲେ କରୋନା ମହାମାରୀ ହେଉ ଅବା ଅନ୍ୟ ଯେକୌଣସି ପ୍ରକାର ପ୍ରାକୃତିକ ଆପଦା ଅଥବା ମାନ୍ଦାବସ୍ଥାକୁ ମୁକାବିଲା କରିବାକୁ ଦେଶ ସକ୍ଷମ ହୋଇପାରିବ । ଗତବର୍ଷ ବଜେଟ୍ ତୁଳନାରେ ଚଳିତ ବଜେଟ୍‌ରେ ପୁଞ୍ଜିଗତ ପରିବ୍ୟୟକୁ ୩୫% ବୃଦ୍ଧି କରିବା ସରକାରଙ୍କ ଆତ୍ମବିଶ୍ୱାସକୁ ସୂଚିତ କରେ । ଏହାଦ୍ୱାରା ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ନାଗରିକଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ କରିବା ଓ ସେମାନଙ୍କୁ ସମସ୍ତ ପ୍ରକାର ସାମାଜିକ ସୁବିଧା (ସ୍ୱାସ୍ଥ୍ୟ, ଶିକ୍ଷା, ସଡ଼କ ଇତ୍ୟାଦି) ଉପଲବ୍ଧ କରାଇବା ସହ ଦେଶର କୃଷି ଓ ଶିଳ୍ପ କ୍ଷେତ୍ରରେ ମଧ ଆବଶ୍ୟକ କରାଇବା ସହ ଦେଶର କୃଷି ଓ ଶିଳ୍ପ କ୍ଷେତ୍ରରେ ମଧ ଆବଶ୍ୟକ ପ୍ରଗତି ହାସଲ କରାଯାଇପାରିବ । ଗତବର୍ଷ ସରକାର ଭିତ୍ତିଭୂମି କ୍ଷେତ୍ରରେ ସୁଦୃଢ଼ୀକରଣ ପାଇଁ ଯେଉଁ ବଜେଟ୍ ପ୍ରାବଧାନ କରିଥିଲେ ଏବେ ତାହା ରୂପାନ୍ୱିତ ହୋଇ ସେଥିରୁ ଇପ୍ସିତ ଫଳଶ୍ରୁତି ମିଳିବା ଆରମ୍ଭ କରିଛି । ସୂଚନାଯୋଗ୍ୟ ଯେ, ଏହା କେବଳ ଭାରତର ସମସ୍ୟା ନୁହେଁ, ଏକ ବୈଶ୍ୱିକ ସମସ୍ୟା । ଆର୍ଥିକ ମାନ୍ଦାବସ୍ଥା ସହିତ କରୋନା ମହାମାରୀର ପ୍ରଭାବ ବିଶ୍ୱ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଛି । ଅନ୍ୟ ଯେକୌଣସି ରାଷ୍ଟ୍ର ତୁଳନାରେ ଭାରତ ଏହାଦ୍ୱାରା ସବୁଠାରୁ କମ୍ ଆକ୍ରାନ୍ତ ଏବଂ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଆର୍ଥିକ ଅଭିବୃଦ୍ଧିର ଧାରା ଜାରି ରଖିପାରିଛି । ସେଥିପାଇଁ ବିଶ୍ୱର ବହୁ ଆର୍ଥିକ ଆକଳନକାରୀ ସଂସ୍ଥା (ମୁଡିସ୍, ବିଶ୍ୱବ୍ୟାଙ୍କ, ଆଇଏମଏଫ ଇତ୍ୟାଦି) ଦେଶର ନେତୃତ୍ୱ ଓ ନୀତିକୁ ଭୂୟସୀ ପ୍ରଶଂସା କରିଛନ୍ତି । ସେହି ପୃଷ୍ଠଭୂମିରେ ୨୦୨୨-୨୩ ବର୍ଷର ବଜେଟ ପ୍ରସ୍ତାବକୁ ବାସ୍ତବତା ଦୃଷ୍ଟିରୁ ହିଁ ଆକଳନ କରାଯିବା ଆବଶ୍ୟକ । ରାଜନୈତିକ ଦୃଷ୍ଟିରୁ ବିରୋଧୀ ଦଳଙ୍କ ସମାଲୋଚନା ଅବା ଶାସକ ଦଳଙ୍କ ପ୍ରଶଂସା ପ୍ରତିବର୍ଷ ପରିଲକ୍ଷିତ ହୁଏ । କିନ୍ତୁ ବାସ୍ତବ ଚିତ୍ର ମିଳିଥାଏ ଅର୍ଥଶାସ୍ତ୍ର, ଶିଳ୍ପ ବାଣିଜ୍ୟିକ ସଂସ୍ଥାମାନଙ୍କଠାରୁ । ଦେଶର ପ୍ରଗତିର ରଥକୁ ଆଗକୁ ଆଗେଇ ନେଉଥିବା ସାତଟି ଚକ ଯଥା- ସଡ଼କ, ରେଳବାଇ, ବିମାନସେବା, ବନ୍ଦର, ସାଧାରଣ ପରିବହନ, ଜଳମାର୍ଗ ଏବଂ ଲଜିଷ୍ଟିକ୍ସକୁ ସରକାର ଏବେ ଆହୁରି ଉନ୍ମୁକ୍ତ କରି ସେଥିରେ ବିପୁଳ ପୁଞ୍ଜି ବିନିଯୋଗର ପ୍ରାବଧାନ କରିଛନ୍ତି । ଏହା ଆର୍ଥିକ ମୂଳଦୁଆକୁ ସୁଦୃଢ଼ କରିବ, ଏଥିରେ ଦ୍ୱିମତ ନାହିଁ । ତେଣୁ ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ପାଳନ ଅବସରରେ ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ ବଜେଟ କେବଳ ଦେଶର ଆର୍ଥିକ ଭିତ୍ତିଭୂମିକୁ ମଜଭୁତ କରିବ ନାହିଁ, ଅପରପକ୍ଷେ ସକଳ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଆର୍ଥିକ ପ୍ରଗତିକୁ ଆଗେଇ ନେବା ସହ ସାଧାରଣ ଜନତାଙ୍କ ପାଇଁ ଆଶ୍ୱସ୍ତି ଆଣିବାର ବାର୍ତ୍ତା ବହନ କରେ ।

# ମହାତ୍ମ୍ୟ ମାଘ




ଶିବ ପ୍ରସାଦ ବାହିନୀପତି


ମଘା ନକ୍ଷତ୍ର ଯୁକ୍ତ ପୂର୍ଣ୍ଣିମା ବିଶିଷ୍ଟ ଚାନ୍ଦ୍ରମାସ ହେଉଛି ମାଘ ମାସ, ଯାହା ଅତ୍ୟନ୍ତ ଧର୍ମର ମାସ । ଏହା ଶୀତ ଋତୁର ଅନ୍ତିମ ମାସ । ଏ ମାସରେ ପ୍ରାତଃ ସ୍ନାନ ସହ ହବିଷ୍ୟାଦି କର୍ତ୍ତବ୍ୟ । ଏ ମାସରେ ଅତ୍ୟଧିକ ଶୀତ ହେଉଥିବାରୁ ତାକୁ ନେଇ ଏକ ଜନ ଢଗ ଗଢ଼ି ଉଠିଛି - 'ମାଘ, ଶୀତ ହୁଏ ବାଘ, ଶୀତର ବଡ଼ ରାଗ' । ପୁଣି କୁହାଯାଇଛି - 'ଏକା ମାଘରେ ଶୀତ ଯାଏନି' । ଶୀତ କେଉଁ କେଉଁ ଘରେ ଅନୁଭୂତ ହୁଏ, ସେ ସମ୍ବନ୍ଧେ ଏକ ବେତାଳୋକ୍ତ ଢଗ - 'ମାଘେ ଶୀତ, ମେଘେ ଶୀତ, ଯତ୍ର ବାତ ତତ୍ର ଶୀତ' । ମାଘ ମାସରେ ମୂଳା ଏବଂ ବରକୋଳି ଖାଇବାକୁ ବାରଣ କରାଯାଇଛି ବୋଲି ଏକ ଲୋକ ଢ଼ଗରୁ ଜଣାପଡ଼େ - 'ମାଘେ ବରକୋଳି ମକରେ ମୂଳା, ଗୋରୁ ମାଉଁସ ପୁଳା ପୁଳା ।' ଏ ମାସରେ ବରକୋଳି ଓ ମୂଳା ଖାଇଲେ ଗୋ ମାଂସ ଭକ୍ଷଣର ପାପ ହୋଇଥାଏ ।

ସଂସ୍କୃତରେ 'ମାଘମ୍'ର ଅର୍ଥ ପାପମୁକ୍ତ ମାସ ; ଏ ମାସରେ ସ୍ୱୟଂ ନାରାୟଣ ମାଧବ ରୂପେ ପୂଜିତ । ଏ ମାସରେ ସୂର୍ଯ୍ୟ, ଶିବ ଓ ସରସ୍ୱତୀ ଜନ୍ମ ନେଇଥିଲେ । ପ୍ରାତଃ ସ୍ନାନାନ୍ତେ ଏହି ମାସରେ ଦୀପଦାନ କଲେ ଅମୋଘ ପୁଣ୍ୟ ମିଳେ । ସର୍ଯ୍ୟୋଦୟ ପୂର୍ବରୁ ସ୍ନାନାଦି ସମାପନାନ୍ତେ ସୂର୍ଯ୍ୟ ଓ ବିଷ୍ଣୁ ଆରାଧନା ପ୍ରାଣୀଙ୍କୁ ପାତକ ନାଶ କରିଥାଏ । ପୁରାଣରେ ଅଛି :-

'ପାଳିଲେ ମାଘ ସ୍ନାନ ଧର୍ମ । ଗଞ୍ଜାଇ ସକଳ ଅଧର୍ମ ।।
ଯମ ନ ଲଙ୍ଘେ ତା'ର ସୀମା । ସେ ପ୍ରାଣୀ ଅଟେ ପୁଣ୍ୟ ଆତ୍ମା ।'

ମାଘ ମାସରେ ସୂର୍ଯ୍ୟ ମକର ରାଶିରେ ଥିବା ବେଳେ ପବିତ୍ର ନଦୀରେ ପ୍ରାତଃରୁ ସ୍ନାନ କଲେ ସ୍ୱର୍ଗ ପ୍ରାପ୍ତି ହେବାର କଥିତ ଅଛି । ଅନେକ ଗ୍ରନ୍ଥରେ ଏ ମାସର ମହତ୍ତ୍ୱ ଲିଲିଖ୍ୟ । ମହାଭାରତର ଅନୁଶାସନ ପର୍ବରେ ଲିପିବଦ୍ଧ ଯେ ମାଘରେ ନିୟମ ସହିତ ଦିନକୁ ଏକବକ୍ତ ଭୋଜନ କଲେ ଧନୀକର କୁଳରେ ଜାତ ହୋଇ ସ୍ୱ କୁଟୁମ୍ବ ମଧ୍ୟେ ମହତ୍ତ୍ୱ ପ୍ରାପ୍ତ ହୁଏ । ପୁଣି ବର୍ଣ୍ଣିତ, ଏ ମାସର ଦ୍ୱାଦଶୀ ତିଥିରେ ଦିବାରାତ୍ର ଉପାସ ରହି ମାଧବଙ୍କୁ ଉପାସନା କରିଲେ ରାଜସୂୟ ଯଜ୍ଞର ଫଳ ପ୍ରାପ୍ତି ହେବା ସହ ସେ ନିଜର କୁଳୋଦ୍ଧାରକ ହୋଇଥାଏ । ଗଙ୍ଗା ନାମୋଚ୍ଚାରଣ ପୂର୍ବକ ସ୍ନାନ କଲେ ଗଙ୍ଗାସ୍ନାନର ଫଳ ମିଳେ । ଏ ମାସରେ ବିଷ୍ଣୁ ପୂଜାରେ ସମସ୍ତ ମନୋବାଞ୍ଛା ପୂର୍ଣ୍ଣ ହୁଏ ବୋଲି ଶାସ୍ତ୍ର କହେ ଏବଂ ଦୁଃଖ ଦୂର ହେବା ସହ ସୁଖ ସମୃଦ୍ଧିର ଅଭିବୃଦ୍ଧି ଘଟେ ।

ପୁରାଣରେ ମାଘ ମାସର ସ୍ନାନର ମହତ୍ତ୍ୱକୁ ନେଇ ଛୋଟ ଏକ କାହାଣୀ ଅଛି । କାହାଣୀଟି ଏହିପରି, ପ୍ରାଚୀନରେ ନର୍ମଦା ନଦୀ ତୀର ବାସିନ୍ଦା ଥିଲେ ସୁବ୍ରତ ନାମ୍ନୀ ଜନୈକ ସମସ୍ତ ବେଦ - ବେଦାଙ୍ଗ, ଧର୍ମଶାସ୍ତ୍ର ଆଉ ପୁରାଣରେ ସିଦ୍ଧହସ୍ତ ସହିତ ଅନେକ ଭାଷା ଓ ଲିପି ସବୁ ଜାଣିଥିବା ବିଦ୍ୱାନ ବ୍ରାହ୍ମଣ; ବିଦ୍ୱାନ ହୋଇ ବି ସେ ତାଙ୍କ ଜ୍ଞାନକୁ ଧର୍ମକାର୍ଯ୍ୟେ ଉପଯୋଗ କରି ନଥିଲେ । ପୂରା ଜୀବନ ଧନ କମାଇବାରେ ବିତାଇ ଥିଲେ । ବୟସ ବଢ଼ି ଯେତେବେଳେ ବୃଦ୍ଧାବସ୍ଥା ଆଗତ ହେଲା ସେ ଚିନ୍ତା କଲେ କି ମୁଁ ଧନ ବହୁତ କମାଇଲି କିନ୍ତୁ ସ୍ୱର୍ଗ ପ୍ରାପ୍ତ୍ୟର୍ଥେ କିଛି ତ କରିନି । ସେ ଅନୁତପ୍ତ ହେଲେ । ସେହି ଅନୁତପ୍ତିତ ରାତ୍ରେ ଚୋରମାନେ ତାଙ୍କର ସମସ୍ତ ସଞ୍ଚିତ ଧନ ଅପହରଣ କରିନେଲେ, କିନ୍ତୁ ସୁବ୍ରତଙ୍କର କୌଣସି ଦୁଃଖ ଭୋଗ ନାହିଁ । ସେ ପରମାତ୍ମା ପ୍ରାପ୍ତିର ମାର୍ଗାନ୍ୱେଷଣରେ ଥିଲେ । ତାଙ୍କର ଏକ ଶ୍ଳୋକ ସ୍ମରଣ ଆସିଲା ଯେ 'ମାଘେ ନିମଗ୍ନାଃ-ସଲିଳେ, ସୁଶୀତେ ବିମୁକ୍ତପାପାସ୍ତ୍ରିଦିବଂ ପ୍ରୟାନ୍ତ।' ଏବେ ମିଳିଗଲା ମୁକ୍ତିମନ୍ତ୍ର ତାଙ୍କୁ; ସେ ମାଘ ସ୍ନାନର ସଙ୍କଳ୍ପ ନେଇ ନବଦିନ ପର୍ଯ୍ୟନ୍ତ ନର୍ମଦା ନୀରରେ ସ୍ନାନ କଲେ ଏବଂ ଦଶମୀ ଦିନ ସ୍ନାନାନ୍ତେ ଶରୀର ତ୍ୟାଗ କଲେ । ସାରା ଜୀବନ କିଛି କାମ ନକରି ବି ମାଘ ସ୍ନାନ କରି ଅନୁତାପ କଲାରୁ ନିର୍ମଳ ମାନସ ପ୍ରାପ୍ତ କଲେ ଏବଂ ଦେହାନ୍ତାନ୍ତେ ଆତ୍ମା ଏକ ଦିବ୍ୟ ବିମାନରେ ଆରୋହଣ କରି ସ୍ୱର୍ଗଗାମୀ ହୋଇଥିଲେ । ତେଣୁ ମାଘର ସ୍ନାନ ମହତ ପୁଣ୍ୟ ପ୍ରଦାନର ମାର୍ଗ ଅଟେ ।

ପୁରାଣର ଅନ୍ୟେକ କାହାଣୀ କହେ - ଇନ୍ଦ୍ରଦେବ ମୁନି ଗୌତମଙ୍କ ପତ୍ନୀ ଅହଲ୍ୟାଙ୍କର ଅପରୂପ ସୌନ୍ଦର୍ଯ୍ୟରେ ଆକର୍ଷିତ ହୋଇ ତାଙ୍କର ସତୀତ୍ୱ ନାଶ କଲେ; ଫଳତଃ ଗୌତମଙ୍କ ଦ୍ୱାରା ଅଭିଶପ୍ତ ହୋଇ ଇନ୍ଦ୍ର ଅମରାବତୀପୁରକୁ ନଫେରି ମେରୁ ପର୍ବତ ଶିଖରରେ ଥିବା ଏକ ସରୋବରରେ ପ୍ରସ୍ଫୁଟିତ ପଦ୍ମ ନାଡ଼ ଭିତରେ ଛପି ରହିଲେ । ଇନ୍ଦ୍ରଙ୍କୁ ସ୍ୱର୍ଗରେ ନପାଇ ଦେବଗଣ ବ୍ରହ୍ମା ଓ ବୃହସ୍ପତିଙ୍କ ସହ ଅନ୍ୱେଷଣ କରି କରି ସେହି ମେରୁ ପର୍ବତରେ ଉପନୀତ ହେଲେ । ଇନ୍ଦ୍ରଙ୍କ ଠାରୁ ସମସ୍ତ ବୃତ୍ତାନ୍ତ ଶ୍ରବଣାନ୍ତେ ଦେବଗୁରୁ ବୃହସ୍ପତି ତାଙ୍କୁ ତୀର୍ଥ ସ୍ନାନର ଔପଦେଶ ଦେଇ ସଙ୍ଗତେ ଦରି ତୀର୍ଥରାଜ ପ୍ରୟାଗରେ ପହଞ୍ଚିଲେ, ଯେଉଁଠି ବ୍ରହ୍ମାଙ୍କର ଯଜ୍ଞସ୍ଥଳ । ଏଠାରେ ବିଷ୍ଣୁ ବେଣୀମାଧବ ଓ ଶିବ ଅକ୍ଷୟବଟ ରୂପେ ବିରାଜିତ । ଇନ୍ଦ୍ର ସ୍ନାନ ସାରି ଉପରକୁ ଉଠିଲା ବେଳକୁ ତାଙ୍କ ଶରୀରରୁ ଲଜ୍ଜା ଜନକ ସହସ୍ର ଯୋନି ଲୁପ୍ତ ହୋଇ ସେସବୁ ସସ୍ତ୍ର ଲୋଚନରେ ରୂପାନ୍ତରିତ ହୋଇଯାଇଛି ଏବଂ ସେଦିନ ଥିଲା ମାଘ ମାସ; ମାଘ ସ୍ନାନର ଫଳରୁ ସେ ପାତକ ମୁକ୍ତ ହେଲେ । ତେଣୁ ମାଘ ମାସରେ ଯେକୌଣସି ତୀର୍ଥ, ନଦୀ ଆଦିରେ ସ୍ନାନ କଲେ ଏବଂ ସୂର୍ଯ୍ୟ - ବିଷ୍ଣୁ ପୂଜନ ସହ ଶିବଙ୍କୁ ଜଳାଭିଷେକ କଲେ ନରର ପାତକ ନାଶ ହୋଇଯାଏ।

ଅର୍କକ୍ଷେତ୍ର ଏକ ପ୍ରସିଦ୍ଧ ତୀର୍ଥକ୍ଷେତ୍ର ଅଟେ । ପ୍ରାଚୀନ କାଳରୁ ଏହା ସିଦ୍ଧ ତୀର୍ଥ ରୂପେ ପରିଗଣିତ । ସାରଳା ଦାସଙ୍କ ମହାଭାରତର ବନପର୍ବରେ ଅର୍କକ୍ଷେତ୍ର ବିଷୟେ ଉଲ୍ଲେଖ ରହିଛି - ମକର ମାସ ଅର୍ଥାତ ପବିତ୍ର ମାଘ ସପ୍ତମୀରେ ସୂଯ୍ୟଦେବ ଅର୍କ ନାମକ ଏକ ଦୈତ୍ୟକୁ ପାତାଳକୁ ଚାପି ଅର୍କତୀର୍ଥ ସୃଷ୍ଟି କରିଥିବାରୁ ପ୍ରତିବର୍ଷ ମାଘ ସପ୍ତମୀରେ ଅତ୍ର ସ୍ନାନୋତ୍ସବ ଅନୁଷ୍ଠିତ ହୁଏ । ପଦ୍ମ ପୁରାଣରେ ପ୍ରାଚୀ ମାହାତ୍ମ୍ୟରେ କୁହାଯାଇଛି ସୂର୍ଯ୍ୟ ସ୍ୱ କଳୁଷ ବିମୋଚନାର୍ଥେ ଅର୍କତୀର୍ଥରେ ତପସ୍ୟା ପୂର୍ବକ ମୁକ୍ତିଲାଭ କରିଥିଲେ ଏବଂ ଶିବ ବି ଏଠି ତପଃ କରି ବ୍ରହ୍ମା ଶିର ଛେଦନ ଜନିତ ପାପରୁ ମୁକ୍ତିପ୍ରାପ୍ତି ହୋଇ ଥିଲେ । ସୂର୍ଯ୍ୟଦେବ ଅର୍କତୀର୍ଥର ମାହାତ୍ମ୍ୟ ବର୍ଣ୍ଣନାରେ ଶିବଙ୍କୁ କହିଛନ୍ତି-

'ଅର୍କତୀର୍ଥ ଯେତେ ପୁଣ୍ୟ,
ମୁଁ କହିବାକୁ ନୁହେଁ କ୍ଷମ ।
ମାଘ ମାସର ଶୁକ୍ଳପକ୍ଷ,
ସପ୍ତମୀ ହୋଇଲେ ପ୍ରତ୍ୟକ୍ଷ ।
ତିଳ ଲଗାଇ କଲେ ସ୍ନାନ,
ତିଳେ ଦେଲେ ଦାନ-ଭୋଜନ ।
କୋଟି ଗୋଦାନ ଫଳ ପାଇ,
ତା' ଦେହେ ବ୍ୟାଧି ନ ଲାଗଇ।
ଅପୁତ୍ରୀ ନାରୀ କଲେ ଦାନ,
କୋଳେ ତା' ହୁଅଇ ନନ୍ଦନ ।
ଅର୍କତୀର୍ଥରେ ସ୍ନାନ କରି,
ବ୍ରହ୍ମହତ୍ୟାରୁ ହୋଏ ପାରି ।'

ମାଘ ଶୁକ୍ଳ ସପ୍ତମୀ ସୂର୍ଯ୍ୟଙ୍କ ଜାତ ଦିବସ ହେତୁ ଏ ତିଥି ସ୍ନାନ ପାଇଁ ପ୍ରଯୁଜ୍ୟ, ଫଳତଃ ମନୁଷ୍ୟ ବୀତରୋଗ ବିକଳ୍ମଷ ହୋଇ ନର ଜନ୍ମରୁ ମୁକ୍ତି ପାଏ । ଏହି ମାଘ ସପ୍ତମୀ ହେଉଛି ଅତିବଡ଼ି ଜଗନ୍ନାଥ ଦାସଙ୍କର ବ୍ରହ୍ମଲୀନ ଦିବସ; ଏହିଦିନ ସେ ପରମଧାମ ଗମନ କରିଥିଲେ । ଏ ମାସରେ ବି ସୁନ୍ଦର ସୁନ୍ଦର ପର୍ବପର୍ବାଣୀ ପଡ଼େ । କୃଷ୍ଣ ଏକାଦଶୀରେ ଓଳାଶୁଣୀ ମେଳା ବେଶ୍ ପ୍ରସିଦ୍ଧ ଏବଂ ମାଘ ମାସ ଅମାବାସ୍ୟା ହେଉଛି ମୌନୀ ଅମାବାସ୍ୟା; ପୂର୍ଣ୍ଣମା ତିଥିରେ ଯୋରନ୍ଦା ମେଳା ବି ପ୍ରସିଦ୍ଧି ଲାଭ କରିଛି । ଶୁକ୍ଳପକ୍ଷ ଚତୁର୍ଥୀ ହେଉଛି ତିଳ ଚତୁର୍ଥୀ ଓ ଶୁକ୍ଳପକ୍ଷ ସପ୍ତମୀ ହେଉଛି ରଥ ସପ୍ତମୀ । ବେଶ୍ ନିରା ହେଲା ଖଣ୍ଡଗିରି ମେଳା ; ତତ୍ ସହିତ ଏ ମାସରେ ବୀଣାପାଣିଙ୍କ ପୂଜା ଓ ଅଗ୍ନ୍ୟୁତ୍ସବ ଯାହା ପୂର୍ଣ୍ଣମୀ ତିଥିରେ ପଡ଼େ, ବେଶ୍ ଆନନ୍ଦଦାୟକ । ଶୁକ୍ଳପକ୍ଷ ଏକାଦଶୀ ଭୀଷ୍ମ ଏକାଦଶୀ ନାମେ ଖ୍ୟାତ । (କ୍ରମଶଃ)


ଭାଟପଡ଼ା, ନିରାକାରପୁର,
କଣାସ, ପୁରୀ
(ମୋ)୮୯୧୭୪୮୦୫୩୬


# ଆତ୍ମନିର୍ଭର ଆର୍ଥିକ ବ୍ୟବସ୍ଥା (ବଜେଟ୍)


ସୌମେନ୍ଦ୍ର ଜେନା


ଫେବୃଆରୀ ମାସ ଆରମ୍ଭରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନୂଆବର୍ଷର ବଜେଟ ସଂସଦରେ ଉପସ୍ଥାପନ କରିଛନ୍ତି । ଯଦି ସକାରାତ୍ମକ ଦୃଷ୍ଟିରୁ ବିଚ୍ଛର କରାଯାଏ ତେବେ ଏହା ଏକ ସନ୍ତୁଳିତ, ଜୀବନରକ୍ଷାକାରୀ, ଆତ୍ମନିର୍ଭର ଆର୍ଥିକ ବ୍ୟବସ୍ଥା ନିର୍ମାଣ ପାଇଁ ସହାୟକ ବଜେଟ ବୋଲି ଜଣାପଡିବ । ପାଖାପାଖି ଦୀର୍ଘ ଦୁଇବର୍ଷ ଧରି ଦେଶରେ କୋରୋନାର ଆକ୍ରମଣ ଜାରିଥିଲା ବେଳେ ମାସମାସ ଧରି ଲକ୍‌ଡାଉନ୍, ସଟ୍‌ଡାଉନ୍ ଯୋଗୁ ଦେଶରେ ଗୋଟିଏ ପଟେ ବ୍ୟବସାୟୀ ମାନଙ୍କର ଆର୍ଥିକସ୍ଥିତି ଦୁର୍ବଳ ହୋଇଛି । ବହୁଲୋକ କର୍ମସଂସ୍ଥାନ ହରାଇଛନ୍ତି । ରୋଗର ସଂକ୍ରମଣ ଯୋଗୁ ସାଢେ ଚ଼ରିଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ କୋଟି କୋଟି ଲୋକ ମୃତ୍ୟୁମୁହଁରୁ ରକ୍ଷାପାଇଛନ୍ତି । ବିଦେଶରେ ଟିକା ନବା ନ ନେବାକୁ କେନ୍ଦ୍ରକରି ଇଉରୋପରୁ କାନାଡା ଯାଏଁ ଲୋକେ ଆନ୍ଦୋଳନ,ଦଙ୍ଗାଗୋଳରେ ମାତିଥିଲା ସମୟରେ କାନାଡାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଆନ୍ଦୋଳନକାରୀଙ୍କ ଦ୍ୱାରା ଘେରାଉର ସମ୍ମୁଖୀନ ହୋଇ ନିଜ ସୁରକ୍ଷା ପାଇଁ ସରକାରୀ ବାସଗୃହ ଛାଡି ଅଜଣା ସ୍ଥାନରେ ଆଶ୍ରୟ ନେଇଛନ୍ତି । ଆମେରିକା ଓ ବ୍ରିଟେନରେ ହାତଲେଖା କୋରୋନା ପ୍ରମାଣପତ୍ର ଯୋଗୁ ସଂଖ୍ୟାଧିକ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଭାରତର ଜୀବନ ରକ୍ଷାକାରୀ ଅର୍ଥନୀତି ବଳରେ ଶତାଧିକ କୋଟି ଜନତାଙ୍କୁ ଦୁଇଶହ କୋଟିରୁ ଅଧିକ ଟିକା ମାଗଣାରେ ସରକାର ଦେଇ ଜନଜୀବନକୁ ସଡାଡିବାରେ ଲାଗିଛନ୍ତି । କେରୋନାର କାଳରେ ପୃଥିବୀରେ ଭାରତ ୯.୨ ପ୍ରତିଶତ ବିକାଶ ହାର ସହ ସବୁଠୁ ଆଗରେ ରହି ଯେପରି ସଙ୍କଟର ସଫଳ ମୁକାବିଲାରେ ଲାଗିଛି ତା ପଛରେ ବଜେଟ ପରିଚ୍ଛଳନାଗତ ସଫଳତା, ଆର୍ଥିକ ସଂସ୍କାର, ସଙ୍କଟକୁ ସୁଯୋଗରେ ପରିଣତ କରିବାର ଦକ୍ଷତା ଦାୟୀ ରହିଥିବା ଜଣାପଡିବ ।

ଭାରତ ପରି ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏକଶହ ଚ଼ଳିଶ ଗୋଟି ଜନତାଙ୍କ ସମସ୍ୟାର ସମାଧାନ ପାଇଁ ବାରମ୍ବାର ବ୍ୟବସ୍ଥାରେ ସଂସ୍କାର ଆଣି କେନ୍ଦ୍ରର ମୋଦି ସରକାର ଜନମାନସରେ ପ୍ରଶଂସାଭାଜନ ହୋଇଥିବା କାରଣରୁ ଦେଶର ୭୨ପ୍ରତିଶତ ଜନତା ସରକାରଙ୍କ ଉପରେ ସନ୍ତୁଷ୍ଟ ଥିବା ଯୋଗୁ ମୋଦି ବିଶ୍ୱର ସର୍ବାଧିକ ଜନପ୍ରିୟ ନେତା ହେବାର ସମ୍ମାନ ଲାଭ କରିଛନ୍ତି । ତେଣୁ ବର୍ତ୍ତମାନର ଅର୍ଥନୀତି ବିଶ୍ୱର ଅନ୍ୟ ଦେଶମାନଙ୍କ ତୁଳନାରେ ଭାରତ ପାଇଁ ସନ୍ତୋଷଜନକ ରହିଛି । ଗାତ୍ରଦାହୀ ଲୋକେ ଏକପାଖିଆ ବିଚ଼ରକରି ହେଉନାହିଁ, ହେଲାନାହିଁ, ହେବନାହିଁ ବୋଲି ଯେମିତି ନାହିଁ ନାହିଁର କଥା କହି ନିଜ ତର୍କକୁ ସୁହାଇଲା ଭଳି ସୀମିତ ତଥ୍ୟକୁ ରଖି ଆର୍ଥିକ ବିଚ଼ର କରିଥାନ୍ତି ତାହାକୁ ଆମେ ଠିକ୍ ବୋଲି କହିପାରିବା ନାହିଁ । କାରଣ କୋରୋନାର ଆରମ୍ଭ କାଳରେ ବିଶ୍ୱର ଅନେକ ବଡବଡ ତଥ୍ୟବିତ୍‌ଙ୍କୁ ଧରି ଆମେରିକାର ଗଣମାଧମଗୁଡ଼ିକରେ ଢେର ଭାରତ ବିରୋଧୀ ଲେଖା ପ୍ରକାଶ ପାଇଥିଲା । ଭାରତର ଅର୍ଥନୀତି କୋରୋନା ଯୋଗୁ ଭାଙ୍ଗିପଡିବ, କୋଟି କୋଟି ଲୋକେ ପୋକମାଛିପରି ମରିଯିବେ ବୋଲି ଭୟସଞ୍ଚାର କଲାପରି ଶବ୍ଦାବଳୀପୂର୍ଣ୍ଣ ଲେଖାସବୁ ଉଭୟ ଭାରତୀୟ ଏବଂ ଅଣଭାରତୀୟଙ୍କ ଦ୍ୱାରା ଲେଖା ପ୍ରକାଶ ପାଇଲା । କିନ୍ତୁ ଏହି ସଙ୍କଟ କାଳରେ ବଜେଟର ପରିଚ୍ଛଳନା, ପରିସ୍ଥିତିର ସମ୍ମୁଖୀନ ହେବା, ଲୋକଙ୍କ ଜୀବନରକ୍ଷା ପାଇଁ ମାଗଣା ଟୀକାକରଣର ସର୍ବବୃହତ ଅଭିଯାନ ଚଳାଇବା, ଗରିବ ରାଷ୍ଟ୍ରମାନଙ୍କୁ ଟୀକା ଓ ଚିକିତ୍ସା ସାମଗ୍ରୀ ବଣ୍ଟନ କରିବାର କ୍ଷମତା ବୃଦ୍ଧି କରିବା, ଲେବାନନ ଓ ଆଫଗାନିସ୍ଥାନ ଲୋକଙ୍କ ପାଇଁ ଲକ୍ଷାଧିକ ମେଟ୍ରିକ ଟନ୍‌ର ଖାଦ୍ୟ ସାମଗ୍ରୀ ମାଗଣାରେ ଦେବାପରି କାର୍ଯ୍ୟ ଭାରତ କରିବାକୁ ସକ୍ଷମ ହୋଇଛି । ସେମିତି ୮୦ରୁ ଅଧିକ ଦେଶକୁ ଶସ୍ତା ଓ ମାଗଣାରେ ଟୀକା ଯୋଗାଇ ଧନୀରାଷ୍ଟ୍ରମାନଙ୍କ ପାଇଁ ମଡେଲ ସୃଷ୍ଟି କରିଛି । ପାଖପଡୋଶୀ ଶ୍ରୀଲଙ୍କା ଓ ମାଳଦ୍ୱୀପ ପରି ଛୋଟ ରାଷ୍ଟ୍ରଗୁଡ଼ିକୁ ଋଣଜାଲରୁ ମୁକୁଳାଇବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଛି । ଦେଶର ଅର୍ଥନୀତି ବିଷୟ ଆଲୋଚନା ବେଳେ ଏସବୁ ସଫଳତାକୁ ଏଡାଇଦେଇ ହେବନାହିଁ । ସବୁ ରାଷ୍ଟ୍ରର ଲକ୍ଷ୍ୟଥାଏ ସଫଳତାର ସହ ପରିସ୍ଥିତିକୁ ନେଇ ସଂଘର୍ଷ କରି ଆଗକୁ ଆଗକୁ ବଢିବା । ଅନ୍ୟ ରାଷ୍ଟ୍ରମାନଙ୍କ ପରି ଭାରତ ମଧ ଆଭ୍ୟନ୍ତରୀଣ ଏବଂ ବାହ୍ୟ ପରିସ୍ଥିତି ସହ ସଂଘର୍ଷ କରି କୋରୋନା ସହ ଲଢୁଛି ଏବଂ ସଫଳତାର ସହ ଆଗରୁ ବଢୁଛି ।

କେନ୍ଦ୍ରସରକାରଙ୍କ ୨୦୨୨-୨୩ର ବଜେଟକୁ ଦେଖିଲେ ମୋଟ ୩୯୪୪୯୪୮.୬୭ କୋଟିର ଅଟକଳ ହୋଇଛି । ଏହି ବଜେଟରେ ଆତ୍ମନିର୍ଭର ହେବାପାଇଁ ସବୁ କ୍ଷେତ୍ରରେ ସୁଯୋଗ ବୃଦ୍ଧିଲାଗି ଲକ୍ଷ୍ୟ ରଖାଯାଇଥିବା ଜଣାପଡିବ । ଯେମିତି ପିଏଲଆଇ ସ୍କିମରେ ଶିଳ୍ପର ବ୍ୟାପକ ବିକାଶ ପାଇଁ ୧୯୫୦୦କୋଟି ଖର୍ଚ୍ଚ, ପ୍ରତି ଜିଲ୍ଲାରେ ଆଇଟିଆଇ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନା, ଆଗାମୀ ୫ବର୍ଷରେ ୬୦ଲକ୍ଷ ଚ଼କିରୀ ସୃଷ୍ଟି, ୩ ବର୍ଷରେ ୪୦୦ ବନ୍ଦେ ଭାରତ ଏକ୍ସପ୍ରେସ ଚଳାଇବା, ୫ ନୂତନ ନଦୀ ସଂଯୋଗୀକରଣ, ନବୋଦ୍ୟୋଗୀଙ୍କ ପାଇଁ ୨ଲକ୍ଷ କୋଟି ଖର୍ଚ୍ଚ, ୮୦ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଗୃହ, ଜଳ, ସ୍ଥଳ ଓ ଆକାଶ କ୍ଷେତ୍ରରେ ଯୋଗାଯୋଗ ବୃଦ୍ଧିପାଇଁ ପଦକ୍ଷେପ, ପ୍ରଧାନମନ୍ତ୍ରୀ ଇ-ବିଦ୍ୟା ଯୋଜନାରେ ୨୦୦ଶିକ୍ଷା ଚ୍ୟାନେଲ ଖୋଲିବା, ଆଞ୍ଚଳିକ ଭାଷାରେ ଶିକ୍ଷାଦାନ, ରସାୟନ ମୁକ୍ତ କୃଷି ବ୍ୟବସ୍ଥା, ଜାତୀୟ ଟେଲିମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ୩.୮ କୋଟି ଗୃହକୁ ନଳଯୋଗେ ପାନୀୟ ଜଳ ଯୋଗାଣ, ଇ-ପାସପୋର୍ଟ ସୁବିଧା, ଡାକଘରେ ଏଟିଏମ୍ ସୁବିଧା, ଚ଼ଷର ସୁବିଧା ପାଇଁ ଡ୍ରୋନର ଉପଯୋଗ, କୃଷି ବିକାଶ ଓ ବାଣିଜ୍ୟ ପାଇଁ ଷ୍ଟାର୍ଟଅପ୍ ସ୍ଥାପନା ଆଦି ଲକ୍ଷ୍ୟ ବେଶ୍ ଉଲ୍ଲେଖନୀୟ । ସେମିତି ଚଳିତବର୍ଷ ରେକର୍ଡ ପରିମାଣର ଜିଏସ୍‌ଟି ଜାନୁଆରୀ ମାସରେ ୧୩୮୩୯୪ କୋଟି ହେବା, କର୍ପୋରେଟ ସରଚ଼ର୍ଜ ୧୨ ପ୍ରତିଶତରୁ ୭ ପ୍ରତିଶତକୁ ହ୍ରାସ କରାଯିବା ଦ୍ୱାରା ଆଗାମୀ ଦିନରେ ବାଣିଜ୍ୟର ବିକାଶ ହେବ, ଏଥିରେ ସନ୍ଦେହ ନାହିଁ ।

ଚଳିତବର୍ଷର ବଜେଟରେ ରେଳ ସୁରକ୍ଷା ବୃଦ୍ଧି ପାଇଁ ୨୦୦୦ କିଲୋମିଟର ରେଳପଥକୁ କବଚ ଟେକ୍‌ନୋଲୋଜି ପ୍ରଦାନ କରାଯିବା ଏକ ଭଲ ପଦକ୍ଷେପ ନିଶ୍ଚୟ । ଦେଶରେ ଯୋଗାଯୋଗର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନାରେ ୨୦୨୨-୨୩ରେ ଲୋକଙ୍କ ୨୦୦୦୦କୋଟି ବ୍ୟୟରେ ୨୫୦୦୦କି.ମି ଜାତୀୟ ରାଜପଥର ନିର୍ମାଣଲକ୍ଷ୍ୟ ଏକ ବଡ ସଫଳତା ହେବ । ସ୍ୱାଧୀନତାର ଅମୃତ ମହୋତ୍ସବ ବର୍ଷରୁ ଆଗାମୀ ୨୫ ବର୍ଷ ପାଇଁ ଲକ୍ଷ୍ୟରଖି ସରକାର ବିକାଶର ସୁଦୃଢ ଢାଞ୍ଚା ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚ଼ରୀଙ୍କ ପାଇଁ ଆୟ କର ହ୍ରାସ ୧୦ରୁ ୧୪ ପ୍ରତିଶତକୁ ବଢାଇ ଦିଆଯାଇଛି, ଯାହା ଅନେକଙ୍କ ପାଇଁ ବେଶ୍ ସହାୟକ ହେବ । ସେହିପରି ମହିଳା ଓ ଶିଶୁବିକାଶ ନିମନ୍ତେ ମିଶନ ଶକ୍ତି, ମିଶନ ବାତ୍ସଲ୍ୟ, ସକ୍ଷମ ଅଙ୍ଗନୱାଡ଼ି, ପୋଷଣ ୨.୦ ସୁବିଧା ଯୋଗାଇ ଦିଆଯିବ । ଉତ୍ତର ପୂର୍ବାଞ୍ଚଳ ରାଜ୍ୟର ଯୁବକ ଓ ମହିଳାମାନଙ୍କ ବିକାଶ ପାଇଁ ୧୫୦୦ କୋଟି ବ୍ୟବସ୍ଥା ରହିଛି । ଏହାଛଡା ସ୍ୱତନ୍ତ୍ର ଭାବେ ପିଏମ୍- ଡିଭାଇନ୍ ନାମରେ ଆଉ ଏକ ନୂଆ ଯୋଜନା ଉତ୍ତର ପୂର୍ବାଞ୍ଚଳର ସାମଗ୍ରୀକ ବିକାଶ ପାଇଁ ଆରମ୍ଭ କରାଯିବା ଲାଗି ବଜେଟରେ ବ୍ୟବସ୍ଥା ରହିଛି । ସୀମାନ୍ତର ଗ୍ରାମାଞ୍ଚଳ ପାଇଁ ନୂଆ ଗ୍ରାମ ବିକାଶ ଯୋଜନା କାର୍ଯ୍ୟକାରୀ ହେବ ବୋଲି କୁହାଯାଇଛି ।


(ଅବଶିଷ୍ଟାଂଶ ପୃଷ୍ଠା-୭ରେ)





## ଜୀବନ ବ୍ୟାପ୍ତି




ଅନସୂୟା ପଣ୍ଡା


ସ୍ମୃତି କାନ୍ଥରେ ଟଙ୍ଗା ହେଇଛି
ଗତକାଲିର ମନସ୍ତତ୍ତ୍ୱକୁ ନେଇ
ପେଣ୍ଟା ପେଣ୍ଟା କଢରେ ଭବିଷ୍ୟତ
ସ୍ୱପ୍ନ ଦେଖୁଛି ହସିବାର
ମାହେନ୍ଦ୍ର ବେଳାଟେ ପାଇଁ
ବର୍ତ୍ତମାନ ଘାଣ୍ଟି ହେଉଛି କେବେ କେବେ
ଗତକାଲି ପାଇଁ।

କେବେ ଆସନ୍ତା କାଲିର
କଳ୍ପନାକୁ ନେଇ ମନଟା ଅସ୍ଥିର ହେଇ
ଘୂରୁଛି ଅକ୍ଷ ବାହାରେ
ଅସ୍ଥାୟୀ ଜୀବନରେ ସ୍ଥାୟୀ କାମନା ପାଇଁ
ଅହରହ ଖୋଜା ଚାଲିଛି ଜୀବନର ସଜ୍ଞା
ଅବୁଝା ସମୀକରଣକୁ ପାଥେୟ କରି।

ଜୀବନ କଣ ସତେରେ ଅବଶୋଷର
ତୃଷ୍ଣା, ନା ତୃପ୍ତିର ବର୍ଷା
ଭାଗଶେଷ ଭାଗଫଳଠୁ ଉର୍ଦ୍ଧ୍ୱରେ
ଜୀବନ ସମୀକ୍ଷା ହୁଏ
ଭାଗ୍ୟର ଦ୍ୱାହି ଦେଇ
ପ୍ରାରବ୍ଧର ଫଳ କହି
ଅବକ୍ଷୟ ବୟସର ଅବୁଝା
ନଇଟେ ହେଇ


♥ ଇଞ୍ଜିନିୟରିଂ କଲେଜ, ବୁର୍ଲା,
ସମ୍ବଲପୁର, ଓଡିଶା, ୭୬୮୦୧୮,
(ମୋ)୯୪୩୯୨୧୧୯୭୧


## ସମ୍ପର୍କର ଭୂମିକା




ସୁଭାଷ ଚନ୍ଦ୍ର ଭୂତିଆ


ସମ୍ପର୍କ ତୁମେ ଏମିତିକା
କେବେ ପ୍ରେମ ତରଙ୍ଗିଣୀ
ପୁଣି କେବେ ନିସ୍ୱ ମରୁଭୂମି
କେବେ ରୂପ ବାସ୍ତବ ତ
କେବେ ମିଛ ମରୀଚିକା
ସମ୍ପର୍କ ତୁମେ ....

ସମ୍ପର୍କ ତୁମେ ଏମିତିକା
କେବେ ରଙ୍ଗ ଫଗୁଣର
ପୁଣି କେବେ ହତାଶ ମରୁଡି
କେବେ ଶୀତ ପାହାନ୍ତା ତ
କେବେ ଗ୍ରୀଷ୍ମର ଆଶଙ୍କା
ସମ୍ପର୍କ ତୁମେ......

ସମ୍ପର୍କ ତୁମେ ଏମିତିକା
କେବେ ଓଠୁ ଝରେ ହସ
ପୁଣି କେବେ ଅଜ୍ଞାତରେ ବାସ
କେବେ ମହୁ ଠାରୁ ମିଠା
କେବେ ବିଷ ବିଭୀଷିକା
ସମ୍ପର୍କ ତୁମେ ....

ସମ୍ପର୍କ ତୁମେ ଏମିତିକା
କେବେ ଅଶା ଅବତାର
ପୁଣି କେବେ ଭାଙ୍ଗଇ ବିଶ୍ୱାସ
କେବେ ସ୍ୱପ୍ନଭରା ନିଶା
କେବେ କରିଥାଏ ଏକା
ସମ୍ପର୍କ ତୁମେ ....

ସମ୍ପର୍କ ତୁମେ ଏମିତିକା
କେବେ ଜନ୍ମ ଜନ୍ମାନ୍ତରୁ
ପୁଣି କେବେ ଅକସ୍ମାତ ସୃଷ୍ଟି
କେବେ ସୂତା ଖିଅ ପରି
କେବେ ବିଚ୍ଛେଦ ଭୂମିକା
ସମ୍ପର୍କ ତୁମେ .....


♥ ଡିହଡୋଳ, ପରଜଙ୍ଗ,
ଢେଙ୍କାନାଳ


## ପାଞ୍ଚ ସୋ ସଦ୍‌ଗୁରୁ




ଯୋଗୀ କୃପାସିନ୍ଧୁ ମୁନି


ଭଜମନ- ଭଜ ମନକୁ । ବୃତ୍ତେ ।
ନଜାଣିଲ ନିଜକୁ ମନ?
ଯାହାକୁ ଜାଣିଲେ ହୋଇଯିବୁ ଧନ୍ୟ
ସେ ତୋର ଅଟଇ ଜୀବ ଜୀବନ ।
ଘୋଷ ।
ହୋଇ ଅନ୍ଧ କୁସଂସ୍କାରେ ବସ ହରାଇଲୁ
ତୋର ସର୍ବସ୍ୱ
ତୋ ଅନ୍ତର ଅଟେ ତାହାର ନିବାସ
ଚିରନ୍ତନ ସତ୍ୟ ନିତ୍ୟ ପରମ ।
ସର୍ବଦା ସେ ଅଛି ରହିବ କାହିଁରେ ବିନାଶ
ନୋହିବ
ଅସ୍ତ୍ର ଯେ ତାହାକୁ ନପାରେ ସଂହାରୀ
ଅଗ୍ନୀ ନକରଇ ତାକୁ ଦହନ ।
ଜଳରେ ବୁଡ଼ିଲେ ନମରି ପବନ
ନପାରେ ଉଡ଼ାଇ
ପ୍ରତକ୍ଷ ଜାଣିଣ ଜଣାଏ ଯେଜନ
ସେହି ସଦଗୁରୁ ବଚନ ଘେନ ।
ନେଲେ ତୁହି ତାଙ୍କ ଶରଣ ଜୀବନ ତୋ
ହୋଇବ ଧନ୍ୟ
କହେ କୃପାସିନ୍ଧୁ ଦୀନଜନ ବନ୍ଧୁ
ଖଣ୍ଡି ନେବେ ତୋର ଭବ ବନ୍ଧନ ।


♥ ଜୁଣବଳଦା, ଗୋଡ଼ିଖାଳ
ଆଶ୍ରମ, ବାଲେଶ୍ୱର


## ଅଜଣା ଯନ୍ତ୍ରଣା




ସୁଧାକର ରାଉତ


ଭାବିଥିଲି ମୋର ପ୍ରେମର ସନ୍ତକେ
ହୋଇଣ ସିନ୍ଦୂର ବିନ୍ଦୁ
ସ୍ମୃତି ରୂପେ ତୋ ମଥାରେ ସଦାଥାନ୍ତି
ଦୂର କରି ଦୁଃଖ ସିନ୍ଧୁ ।

ଭାବିଥିଲି ମନେ ତୋ ଓଢ଼ଣୀ ହୋଇ
ଚାହିଁଥାନ୍ତି ଅତୀତକୁ
ଦେଖିଥାନ୍ତି ନାଟକର ଶେଷ ଦୃଶ୍ୟ
ତୋର ବିଦାୟ ବେଳକୁ ।

ଭାବିଥିଲି ହାତର ମେହେନ୍ଦୀ ହୋଇ
ରହିଥାନ୍ତି କିଛି କ୍ଷଣ
ଲିଭିଯାନ୍ତି ହେଲେ ତୋ ମନର ସ୍ମୃତି
ଅକାରଣେ ଉଖାରିଣ ।

ଭାବିଥିଲି ତୋ ଗଳାର ହାର ହୋଇ
ଚୁମି ଥାନ୍ତି ତୋର ତନୁ
ମନର ପିପିସସା ମେଣ୍ଟାଇ ଥାନ୍ତି ମୁଁ
ଅଭୁଲା ରଖି ମୋ ମନୁ ।

ଭାବିଥିଲି ତୋ ନୟନ କଜଳ ଧାରେ
ଦେଖିଥାନ୍ତି ତୋ ଅନ୍ତର
ଅଲକ୍ଷ୍ୟ ଲଗା ସେ ଦର୍ପଣ ଯେ ନେଉ
ତହିଁ ଥାନ୍ତା ଅଧିକାର ।

ଭାବିଥିଲି ସଦା ଛାୟା ଭଳି ତୋର
ସାଥେ ସାଥେ ଥାଇ ରହି
ଜୀବନ ଦିଗବଳୟ ଛୁଇଁ ଥାନ୍ତେ
ବାଉତ ସାଧିଲା ବିହି ।

କାଚ କାନ୍ଥର ସେ ଅଲାଜୁକ ବାଧା
ଦୁଇ ହୃଦୟ ମିଳନେ
ଅପାଙ୍‌କ୍ତେୟ ଭଳି ରହିବା କେତେ
ମନ ଅତୁଟ ବନ୍ଧନେ ।


♥ ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨








## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

**ଡ. ସିନ୍ଧୁ ସେନ**



ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

**ଭାଗ-୪୬**

କିଛି ସମୟ ନିରବତା ପରେ ସେ କହିଲେ, ଦେଖ କର୍ଣ୍ଣ, ଜୀବନର ସଂକଟ କାଳରେ ଏ ମହାଶକ୍ତିକୁ ଯେକୌଣସି ବୀରଉପରେ ଥରେ ମାତ୍ର ପ୍ରୟୋଗ କରିପାରିବ । ତା ପରେ ତାହା ଆପେଆପେ ମୋ ପାଖକୁ ପୁଣି ଫେରିଆସିବ ।

ମୋର କିଛି ପ୍ରତିବାଦ କରିବାର ଭାଷା ନଥିଲା । ମହାଶକ୍ତିର ସମସ୍ତ ପ୍ରୟୋଗ ବିଧି ମୋତେ ଶିଖାଇ ସାରି ଦାନମଣ୍ଡପରୁ ଅନ୍ତର୍ହିତ ହୋଇଗଲେ ଦେବରାଜ ।

ଏସବୁ ଅଲୌକିକ ଦୃଶ୍ୟ ଦେଖି ଉପସ୍ଥିତ ସମସ୍ତେ ବିସ୍ଫୋରିତ ନେତ୍ରରେ ପରସ୍ପରକୁ ଚାହିଁ ରହିଥିଲେ । ମୋ ଉପରେ ସୂର୍ଯ୍ୟଦେବଙ୍କ ରଶ୍ମି ଝରିପଡୁଥିଲା, ଯାହାକୁ ମୁଁ ମୋ ପାଇଁ ଆଶିଷ ବୋଲି ଗ୍ରହଣ କରିଦେଲି । ହାତଉଠାଇ ପ୍ରଣାମକଲି ସୂର୍ଯ୍ୟଦେବଙ୍କୁ ହେ ସୂର୍ଯ୍ୟଦେବ, ଦାନର ବେଦି ଉପରେ ଠିଆହୋଇ ମୁଁ ଯାହା କଲି, ଭୁଲ୍ କରିନି ତ ? ଅନୁଭବ କଲି ସୂର୍ଯ୍ୟଦେବଙ୍କ ମୋ ପ୍ରତି ଆନ୍ତରିକତା ଆଉ ଭଲପାଇବା । ନିତିଦିନ ସୂର୍ଯ୍ୟଦେବଙ୍କୁ ପୂଜା କରିବାରେ ମୁଁ ତ କେବେ କାର୍ପଣ୍ୟ କରିନାହିଁ, ତାଛଡ଼ା ଯିଏ ସକଳ ଶକ୍ତିର ଉତ୍ସ, ଦିବ୍ୟଦ୍ରଷ୍ଟା । ସେ ନିଶ୍ଚିତ ମୋ ଉପରେ ଆସନ୍ନ ବିପଦ ଜାଣି ସ୍ୱପ୍ନରେ ଦେଖାଦେଇ ସତର୍କ କରାଇ ଦେଇଥିଲେ। ନହେଲେ ସେଦିନ ରାତିରେ ସ୍ୱପ୍ନରେ ସେ ଯାହାସବୁ କହିଥିଲେ ସବୁ ସତ ହୋଇଗଲା କେମିତି ?

କବଚ କୁଣ୍ଡଳ ଦାନକରି ଇନ୍ଦ୍ରଙ୍କ ମହାଶକ୍ତିର ଅଧିକାରୀ ହୋଇଗଲି । ହେଲେ ଜାଣେନା ସେ ମହାଶକ୍ତି ଭବିଷ୍ୟତରେ ମୋତେ କିଭଳି ସହାୟତା ଦେବ । ମୋ ଚିତ୍ତମନ ଯେତେ ଅସ୍ଥିର ହେଉଥିଲେ ମଧ୍ୟ ମୁଁ ନିଜକୁ ନିଜେ ସାନ୍ତ୍ୱନା ଦେଉଥିଲି । ଦେବରାଜ ଇନ୍ଦ୍ରଙ୍କୁ ଦାନଦେଇ ଅର୍ଜିଥିବା ପୁଣ୍ୟପାଇଁ ଆତ୍ମସନ୍ତୋଷ ଲାଭ କରୁଥିଲି । ମନରେ ଗର୍ବ ଆସୁଥିଲା ଏଇଥିପାଇଁ ଯେ, ମୋର ଏ ଦାନ ନିଶ୍ଚିତ ଭାବେ ଆଗାମୀ ଇତିହାସରେ ଲିପିବଦ୍ଧ ହୋଇ ରହିଯିବ । ଆଉ ସେଦିନ ଏ ଜଗତ ଜାଣିବ, ମର୍ତ୍ତ୍ୟର ମଣିଷ ପାଖରେ ହାତପାତି ଭିକ୍ଷା ମାଗିଥିଲେ ସ୍ୱର୍ଗର ଦେବତା । ଏପରି ଏକ ମହତକାର୍ଯ୍ୟ ପାଇଁ ମୋ ମନରେ ମଧ୍ୟ ଅପୂର୍ବ ଉଲ୍ଲାସ ଜାଗି ଉଠିଥିଲା । ଏତକ ଖାଲି ଭାବୁଥିଲି ଦାନ ଦେଇ ମୁଁ ବଡ଼ ହୋଇଛି କି ଛୋଟ ହୋଇଛି କହିପାରିବି ନାହିଁ । କିନ୍ତୁ ମୋ ଠାରୁ ଏଭଳି ଦାନନେଇ ଇନ୍ଦ୍ରଦେବ ନିଶ୍ଚିତ ଭାବେ ଛୋଟ ହୋଇଗଲେ । ଆର୍ଯ୍ୟାବର୍ତ୍ତରେ ଏତେବଡ଼ ବୀରର ଜନକ ହୋଇ ମଧ୍ୟ ନିଜପୁତ୍ର ପାଇଁ ଶେଷରେ ମୋ ଠାରୁ ତାଙ୍କୁ ଛଳନାର ଭିକ୍ଷା ମାଗିବାକୁ ପଡ଼ିଲା । ଏଭଳି ଭିକ୍ଷା ତ ଜୀବନ ଭିକ୍ଷା ସହ ସମାନ ।

ଧନ୍ୟ ଧନଞ୍ଜୟ । ଶେଷରେ ସମ୍ମୁଖ ସମରରେ ହାରିଯିବା ଭୟରେ ଏଭଳି ଛଳନା କରି ମୋର ସମସ୍ତ ଶକ୍ତିକୁ ହରଣ କରିନେଲ । କୁଆଡ଼େଗଲା ତୁମର ବୀରତ୍ୱ । ଏବେ ଯୁଦ୍ଧରେ ବିଜୟଲାଭ କଲେ ବି ତୁମର ସ୍ୱଚ୍ଛତା ଉପରେ କଳଙ୍କର ଦାଗ ରହିଯିବ ନିଶ୍ଚିତ । ଏତେ ଦିବ୍ୟାସ୍ତ୍ରର ଅଧିକାରୀ ହୋଇ ବି ଶେଷରେ ମୋର ପରାଜୟ ପାଇଁ କବଚକୁଣ୍ଡଳକୁ କୌଶଳ କରି ଛଡ଼ାଇନେଲ । ଦିନେ ନା ଦିନେ ସମଗ୍ର ଜଗତ ଏହାର ବିଚାର କରିବେ । ମୋ ପ୍ରତି ଘଟିଥିବା ଏ ଅନ୍ୟାୟ ପ୍ରତି ସମବେଦନା ଜଣାଇବେ । ସେଦିନ ଏ ଜଗତ ଜାଣିବ କର୍ଣ୍ଣ କ'ଣ ? କର୍ଣ୍ଣର ଦୁଃଖ, କ୍ଷୋଭ, ଗ୍ଲାନିର ତ୍ରିଧାରା ସମଗ୍ର ଜଗତ ଉପରେ ଅଜାଡ଼ି ହୋଇପଡ଼ିବ । ଜଗତବାସୀଙ୍କ ପାଖରେ ମୁଁ ଯାହା ହୁଏନା କାହିଁକି, ଏତିକି ତ ମୋ ପାଇଁ ସାନ୍ତ୍ୱନା..... ଆଶ୍ୱାସନା ।

- ଏକଚାଳିଶ -

କାମ, କ୍ରୋଧ, ଲୋଭ, ମାୟା ଭଳି ସ୍ୱାର୍ଥ ମଧ୍ୟ ମଣିଷର ଚିର ଶତ୍ରୁ । ଯାହା ମଣିଷଠାରୁ ଛଡ଼ାଇ ନିଏ ମନୁଷ୍ୟତ୍ୱ । ନିଷ୍ଠୁର କରିଦିଏ । ମଣିଷ ଭିତରେ ଥିବା ଦେବତ୍ୱକୁ ମାରି ଦେଇଥାଏ। ଏଇ ମଣିଷ ପାଖରେ ଅଛି ଦେବତ୍ୱ ପୁଣି ପଶୁତ୍ୱ । ସ୍ୱାର୍ଥାନ୍ଧ ବ୍ୟକ୍ତି ଦେବତ୍ୱ ଠାରୁ ପଶୁତ୍ୱକୁ ବେଶି ପ୍ରଶ୍ରୟ ଦେଇଥାନ୍ତି । ମଣିଷ ଯେତେବେଳେ ସ୍ୱାର୍ଥାନ୍ଧ ହୁଏ, ସେତେବେଳେ ତା ପାଖରେ କୌଣସି ବାଛବିଚାର ନଥାଏ । ନଥାଏ ଅନୁକମ୍ପା ଅବା ଦରଦ । ଅନ୍ୟମାନଙ୍କୁ ଯନ୍ତ୍ରଣା ଦେଇ ସେ ପାଏ ଆନନ୍ଦ । ନିଜର ସର୍ବନିମ୍ନ ଆବଶ୍ୟକତାର ପରିପୂର୍ଣ୍ଣତା ହିଁ ସ୍ୱାର୍ଥର ଲକ୍ଷ୍ୟ । ତଥାପି ତାର ନିର୍ଦ୍ଦିଷ୍ଟ କିଛି ସୀମା ଥାଏ । ମାତ୍ର ଯେତେବେଳେ ସେ ସୀମାକୁ ମଧ୍ୟ ଉଲ୍ଲଙ୍ଘନ କରି ଆହୁରି ଆଗକୁ ଟପିଯିବାକୁ ଚେଷ୍ଟାକରେ, ସେତେବେଳେ ସେ ସ୍ୱାର୍ଥପରତାର ଚରମସୀମାକୁ ସ୍ପର୍ଶ କରିଥାଏ ।

ମିତ୍ର ଦୁର୍ଯ୍ୟୋଧନଙ୍କ ଆଜି ସେଇ ଅବସ୍ଥା । ସ୍ୱାର୍ଥର ଚରମ ସୀମାରେ ଉପନୀତ ହୋଇ ମଧ୍ୟ ତାଙ୍କ ମନରେ ସନ୍ତୋଷ ନାହିଁ, ତୃପ୍ତି ନାହିଁ । ପାଣ୍ଡବମାନଙ୍କୁ ମାତ୍ରାଧିକ କଷଣ ଦେଇ ମଧ୍ୟ ମାନସିକ ଶାନ୍ତି ପାଇପାରୁ ନାହାଁନ୍ତି । ଅନ୍ୟାୟ ଭାବେ ଭ୍ରାତୃବିବାଦ କରାଇ କୁରୁପାଣ୍ଡବମାନଙ୍କ ମଧ୍ୟରେ ବିଭେଦମାନ ପାଚେରି ଠିଆ କରି ଦେଉଛନ୍ତି । ଆଉ ମୁଁ ସବୁ ଜାଣି ବି ବିନା ପ୍ରତିବାଦରେ ତାଙ୍କୁ କରିଚାଲିଛି ସମର୍ଥନ । ଏହାହିଁ ମୋ ପାଇଁ ବିଡ଼ମ୍ବନା । କାରଣ ମିତ୍ରଙ୍କୁ ପ୍ରତିବାଦ କରିବାର ସତ୍‌ସାହସ ମୋର ନାହିଁ । ବାଧ୍ୟବାଧକତାରେ ହେଉ ଅବା ପରିସ୍ଥିତି ଚାପରେ ପଡ଼ି ହେଉ ମୋତେ ନିରବ ରହିବାକୁ ପଡୁଛି । ନା ତାଙ୍କର ମାନସିକ ପରିବର୍ତ୍ତନ କରିପାରୁଛି, ନା ନିଜମନକୁ ପ୍ରବୋଧନା ଦେଇପାରୁଛି । ଏସବୁ ଭାବିଲେ ମୁଁ ନିଜକୁ ମଧ୍ୟ କ୍ଷମା କରିପାରୁ ନଥିଲି।

ସେଦିନ ଦାନମଣ୍ଡପରେ ମୋ ଜୀବନର ସର୍ବଶ୍ରେଷ୍ଠ ସମ୍ପଦ ମୋ କବଚ କୁଣ୍ଡଳକୁ ଇନ୍ଦ୍ରଦେବଙ୍କ ହାତରେ ଟେକିଦେଇ ଏକ ମହତ କାର୍ଯ୍ୟ କରିପାରିଛି ବୋଲି ମନେମନେ ଗର୍ବ କରୁଥିଲି । ଆଜିପର୍ଯ୍ୟନ୍ତ ଯାହାକୁ ଯେତେ ପାରିଛି ଦାନ କରିଛି । ମାତ୍ର କବଚ କୁଣ୍ଡଳ ଦାନର ବିକଳ୍ପ କିଛି ନାହିଁ । କାରଣ ତାହାହିଁ ଥିଲା ମୋ ଜୀବନ ମରଣର ସମସ୍ୟା, ମୋର ଶକ୍ତି, ସାମର୍ଥ୍ୟ । ଯାହା ମୋ ଜନ୍ମରୁ ମୋ ଶରୀରର ଏକ ଅବୟବ ସ୍ୱରୂପ ବିଦ୍ୟମାନ ଥିଲା । ଏକ ଅଂଶବିଶେଷ ଥିଲା । ତାକୁ ଶରୀରରୁ ବାହାର କରିବାର ଏକ ଅଂଗ ଅପସାରଣ ସହ ସମାନ । ତେଣୁ ଏଭଳି ଏକ ମହାର୍ଘ ବସ୍ତୁଟିକୁ ଦାନକରି ମନେମନେ ବେଶ୍ ଉତ୍‌ଫୁଲ୍ଲିତ ହୋଇପଡୁଥିଲି । ପରମୁହୂର୍ତ୍ତରେ କିନ୍ତୁ ନିଜକୁ ସମୀକ୍ଷା କରିବାକୁ ଯାଇ ଭାବୁଥିଲି । ମୁଁ ତ ନିଜେ ଜଣକ ଦାନରେ ବଞ୍ଚିରହିଛି । ମିତ୍ର ଦୁର୍ଯ୍ୟୋଧନଙ୍କ ଠାରେ ମୁଁ ଋଣୀ। କାରଣ ତାଙ୍କର ବଦାନ୍ୟତା ପାଇଁ ତ ମୁଁ ଅଂଗଦେଶର ରାଜା । କୁରୁ ପରିବାରରେ ମୋର ଅବାଧ ପ୍ରବେଶ । ନହେଲେ ସୂତପୁତ୍ରର ପରିଚୟ ନେଇ ମୁଁ ବା କ'ଣ କରିଥାଇ ପାରନ୍ତି । ସେଦିନ ଯଦି ଦୁର୍ଯ୍ୟୋଧନ ସର୍ବସମ୍ମୁଖରେ ମୋ ମୁଣ୍ଡରେ ଅଂଗରାଜର ମୁକୁଟ ପିନ୍ଧାଇ ନ ଦେଇଥାନ୍ତେ ତେବେ ଆଜି ଏ ଦାନ ମଣ୍ଡପରେ ଠିଆହୋଇ ଏମିତି ଦାନ କରିବାର ସୌଭାଗ୍ୟ ମୋତେ କ'ଣ ମିଳିଥାନ୍ତା ?

କବଚ କୁଣ୍ଡଳ ଶୂନ୍ୟ ମୋ ତନୁବଲ୍ଲରୀକୁ ନିରୀକ୍ଷଣ କରି ଧୃତରାଷ୍ଟ୍ର ତନୟ ବିବ୍ରତ ହୋଇ ପଡୁଥିଲେ ।

ଏ କ'ଣ କଲ ମିତ୍ର । ଶେଷରେ ତୁମର ସମସ୍ତ ଶକ୍ତିର ପ୍ରତୀକ କବଚ କୁଣ୍ଡଳକୁ ମଧ୍ୟ ଦାନ କରିଦେଲ ? ତୁମ ଉପରେ ଥିବା ମୋର ସବୁ ବିଶ୍ୱାସ ଓ ଭରସାକୁ ଭାଂଗିଦେଲ ।

ଦୁର୍ଯ୍ୟୋଧନ ସବୁଦିନେ ଏମିତି । ତାଙ୍କର ସୁରକ୍ଷାବଳୟ ତ୍ରିଭୁଜର ତିନିବାହୁ ଥିଲୁ ଆମେ ତିନିଜଣ । ଜଣେ ଶକୁନିମାମୁ ମୁଖ୍ୟ ପରାମର୍ଶଦାତା, ଅନ୍ୟଜଣେ ତାଙ୍କର ଅନୁଜ ଦୁଃଶାସନ ଏକାନ୍ତ ଆଜ୍ଞାବହ ଓ ଅନ୍ୟଜଣକ ମୁଁ ନିଜେ । ମୋର ଶକ୍ତି ଓ ବଳ ଉପରେ ତାଙ୍କର ସଂପୂର୍ଣ୍ଣ ଭରସା । ତାଙ୍କର ଅସ୍ଥିର ମାନସିକତାକୁ ସାନ୍ତ୍ୱନା ଦେବାକୁ ଯାଇ କହିଲି ମିତ୍ର ତୁମେ କ'ଣ ମୋ ଉପରେ ନୁହେଁ, ମୋ କବଚ କୁଣ୍ଡଳ ଉପରେ ଭରସା ରଖିଥିଲ ? ତେବେ ଏତିକି ମନେରଖ । କବଚ କୁଣ୍ଡଳ ଶୂନ୍ୟ କର୍ଣ୍ଣର ଶରୀର ଏତେ ଦୁର୍ବଳ ନୁହେଁ, ଶକ୍ତିହୀନ ନୁହେଁ । ମୋର ନିଜସ୍ୱ ବାହୁବଳ ଉପରେ ମୋର ଯଥେଷ୍ଟ ଭରସା ଅଛି। ଏ ଅଧମ କର୍ଣ୍ଣ ଯେତେଦିନ ତୁମ ସହ ଥିବ, ତୁମେ ରହିଥିବ ଅପରାଜୟ ହୋଇ । ମୋର କବଚ କୁଣ୍ଡଳ ପାଇଁ ଚିନ୍ତା କରନି ମିତ୍ର । ମୁଁ ଏବେ ଇନ୍ଦ୍ରପ୍ରଦତ୍ତ ମହାଶକ୍ତିର ଅଧିକାରୀ ।

ମୋ କଣ୍ଠରୁ ସାହସଭରା କଥାଶୁଣି ଉତ୍ସାହିତ ହୋଇପଡ଼ିଲେ ମିତ୍ର । ମୋତେ ଆଲିଙ୍ଗନ ଫାଶମଧ୍ୟରେ ଆବଦ୍ଧକରି କହିଲେ, ତୁମେ କେବଳ ମୋର ମିତ୍ର ନୁହେଁ କର୍ଣ୍ଣ, ଏକାଧାରରେ ସଖା, ବନ୍ଧୁବାନ୍ଧବ, ପରମ ଆତ୍ମୀୟ । ଆମେ ଦୁହେଁ ଦୁଇଟି ଅଭିନ୍ନ ଆତ୍ମା । ଏମିତି କେବେ ସମୟ ନ ଆସୁ ଯେବେ ଆମ ଦୁହିଁଙ୍କୁ ପରସ୍ପର ଠାରୁ ଭିନ୍ନ ହେବାକୁ ପଡୁ । ଆମ ସଂପର୍କ ମଧ୍ୟରେ ଫାଟଟିଏ ସୃଷ୍ଟି କରୁ । ଦୁହିଁଙ୍କ ମଧ୍ୟରେ ଏକ ବିଭେଦମାନ ପାଚେରିଟିଏ ସୃଷ୍ଟି ନହେଉ ।

ନା ମିତ୍ର ନା ଏମିତି କୁହନା । ମୁଁ ତ ମୋର ପ୍ରତିଟି ନିଃଶ୍ୱାସର ସ୍ପନ୍ଦନରେ ଅନୁଭବ କରେ ତୁମର ସତ୍ତା । କେବେ କୌଣସି ପରିସ୍ଥିତିରେ ମଧ୍ୟ ମୁଁ ତୁମକୁ କିମ୍ବା ତୁମ ପକ୍ଷକୁ କେବେବି ଛାଡ଼ି ପାରିବି ନାହିଁ । ସ୍ୱାଭିମାନୀ କର୍ଣ୍ଣ ତାର ନିଜସ୍ୱ ନିଷ୍ପତ୍ତି ନିଜେ ହିଁ ନିର୍ଣ୍ଣିତ କରିଥାଏ । ଅନ୍ୟ କେହି ନୁହେଁ । ତେଣୁ ଏତିକି ବିଶ୍ୱାସ ରଖ, କର୍ଣ୍ଣ ଓ ଦୁର୍ଯ୍ୟୋଧନ ଚାହିଁଲେ ମଧ୍ୟ ପରସ୍ପର ପ୍ରତି ବିଶ୍ୱାସଘାତ କରିପାରିବେ ନାହିଁ । ଲକ୍ଷ୍ୟକଲି ଦୁର୍ଯ୍ୟୋଧନଙ୍କ ଓଠରେ ଝଲକି ଉଠୁଥିଲା ମୃଦୁମୃଦୁ ହସ ।

ଆମେ ସବୁ ଆଲୋଚନାରତ ଥିବାବେଳେ ସେ ସବୁର ଶେଷ କିଛି ନଥିଲା । କଥା ପ୍ରସଂଗରେ ବିଭିନ୍ନ ବିଷୟବସ୍ତୁକୁ ନେଇ ଆଲୋଚନା ହେଉଥିଲା ଆଉ ସେସବୁ ବିଶଦ ବିବରଣୀ ମଧ୍ୟ ଉପସ୍ଥାପନ କରାଯାଉଥିଲା । ସେଦିନ ମଧ୍ୟ ପାଣ୍ଡବମାନଙ୍କ ଅଜ୍ଞାତବାସ ସମ୍ବନ୍ଧୀୟ ଆଲୋଚନା ଚାଲିଥିଲା । ପାଣ୍ଡବମାନଙ୍କର ଅଜ୍ଞାତବାସ ଅବଧି ସରିବାକୁ ବସିଲାଣି । ଅଥଚ ଗୁପ୍ତଚର ମାନେ ଏ ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ପାଇପାରୁ ନାହାଁନ୍ତି । ଆର୍ଯ୍ୟାବର୍ତ୍ତର ଏପରି କୌଣସି ରାଜ୍ୟ ନାହିଁ ଯେଉଁଠାକୁ ଗୁପ୍ତଚରମାନେ ନ ଯାଇଛନ୍ତି । କିନ୍ତୁ ସବୁଆଡୁ ନିରାଶ ହୋଇ ଫେରି ଆସିଲେଣି । ଯଦି ଅଜ୍ଞାତବାସ କାଳରେ ସେମାନଙ୍କୁ ଠାବ କରାଯାଇ ନପାରିଲା ତେବେ, ସେମାନେ ନିଶ୍ଚିତ ବନବାସରୁ ଫେରି ନିଜ ରାଜ୍ୟଭାଗ ଦାବି କରିବେ । ସେସବୁ ଚିନ୍ତାକରି ଦୁର୍ଯ୍ୟୋଧନଙ୍କ ଚିନ୍ତା ବଢ଼ି ଯାଇଥିଲା । ରାଜ୍ୟଭାଗ ନଦେବା ନିମନ୍ତେ ଅନେକ କୌଶଳ ଓ ଷଡ଼ଯନ୍ତ୍ର କରାଗଲାଣି । ତେବେବି ସେଥିନିମନ୍ତେ ଶଙ୍କା ଜାଗୁଥିଲା ତାଙ୍କ ମନରେ । ମୁଁ ଜାଣିଥିଲି ଦୁର୍ଯ୍ୟୋଧନଙ୍କ ସାମ୍ରାଜ୍ୟ ଲିପ୍ସା ମନୋବୃତ୍ତି ଏତେ ପ୍ରବଳ ଯେ, ସେ ଯୁଦ୍ଧ କରିବେ ପଛେ, ପାଣ୍ଡବମାନଙ୍କୁ ରାଜ୍ୟ ଫେରାଇ ଦେବେନି। କ୍ଷମତାଅନ୍ଧ ଦୁର୍ଯ୍ୟୋଧନଙ୍କ ମନୋବୃତ୍ତି ମଧ୍ୟ ଏତେ ସହଜରେ ପରିବର୍ତ୍ତନ ହେବା ସମ୍ଭବ ନୁହେଁ । ମୋର ନିଜର ଯେ ଯୁଦ୍ଧ ମନୋବୃତ୍ତି ନାହିଁ ଏକଥା ମୁଁ କହୁନି ତେବେ ମୁଁ କେବଳ ମୋ ପ୍ରତିଦ୍ୱନ୍ଦ୍ୱୀ ସହ ଯୁଦ୍ଧ କରିବାକୁ ଅଗ୍ରହୀ ।

ଆମ ଆଲୋଚନା ସେଇଠି ସ୍ଥଗିତ ରଖିବାକୁ ବାଧ୍ୟହେଲୁ, ଯେବେ ଜାଣିବାକୁ ପାଇଲୁ ଗୁପ୍ତଚର ସମ୍ବାଦ ନେଇ ଆସିଛି ବିରାଟ ରାଜାଙ୍କ ଶ୍ୟାଳକ କୀଚକଙ୍କ ମୃତ୍ୟୁ ହୋଇଛି । ତାହା ପୁଣି ସ୍ୱାଭାବିକ ଭାବେ ନୁହେଁ । ନାଟ୍ୟଶାଳାରେ କେହି ଜଣେ ଗାନ୍ଧର୍ବ ତାଙ୍କୁ ହତ୍ୟା କରିଛି । କଥାଟା ବିଶ୍ୱାସ ହେଉ ନଥିଲା ଏଇଥିପାଇଁ ଯେ, ମଲ୍ଲଯୁଦ୍ଧରେ ବିଶାରଦ କୀଚକଙ୍କ ମୃତ୍ୟୁ ପୁଣି ଜଣେ ଗାନ୍ଧର୍ବ ମଲ୍ଲ ହାତରେ ।

ମତ୍ସ୍ୟଦେଶର ରାଜା ବିରାଟ । ନିଜ ଶ୍ୟାଳକ କୀଚକଙ୍କ ବାହୁବଳରେ ବଳୀୟାନ । ବିରାଟ ରାଜାଙ୍କ ଦୁର୍ବଳତାର ସୁଯୋଗ ନେଇ ରାଜ୍ୟଶାସନର ପ୍ରଭୁତ କ୍ଷମତା ରହିଥିଲା କୀଚକଙ୍କ ହାତରେ । ତାଛଡ଼ା ସମଗ୍ର



ଆର୍ଯ୍ୟାବର୍ତ୍ତରେ ଜଣେ ଅଦ୍ୱିତୀୟ ମଲ୍ଲଯୋଦ୍ଧା ଭାବେ ତାଙ୍କର ଥିଲା ଏକ ସ୍ୱତନ୍ତ୍ର ଖ୍ୟାତି । ଏପରି ମଲ୍ଲ ବିଶାରଦ ପୁଣି ଗନ୍ଧର୍ବ ହାତରେ ! ସମସ୍ତ ଘଟଣା ଆମପାଇଁ ଥିଲା ରହସ୍ୟାବୃତ୍ତ । ମହାରାଣୀ ସୁଦେଷ୍ଣାଙ୍କ ପରିଚାରିକା ସୈରିନ୍ଧ୍ରୀର ଅପୂର୍ବ ରୂପଲାବଣ୍ୟରେ ଆକର୍ଷିତ ହୋଇପଡ଼ିଥିଲେ କୀଚକ । ବାରମ୍ବାର ତାଙ୍କୁ ପ୍ରେମ ନିବେଦନ କରି ମଧ୍ୟ ସୈରିନ୍ଧ୍ରୀଙ୍କ ବିମୁଖତାରେ କୀଚକ କ୍ରୋଧାନ୍ୱିତ ହୋଇ ଶେଷରେ ପାଶବିକ ଅତ୍ୟାଚାର କରିବାକୁ ପଛାଇ ନଥିଲେ । ତାରି ଫଳସ୍ୱରୂପ ସୈରିନ୍ଧ୍ରୀଙ୍କ ଗନ୍ଧର୍ବପତି ସୁଯୋଗ ନେଇ ମଲ୍ଲଯୁଦ୍ଧରେ କୀଚକଙ୍କୁ ବଧ କରିଥିଲେ । କିନ୍ତ ସେହି ଗନ୍ଧର୍ବ ଜଣକ କିଏ, ତାହା ସମସ୍ତଙ୍କ ନିକଟରେ ଥିଲା ଅଜ୍ଞାତ । ଆମ ମନରେ ତେଣୁ ସନ୍ଦେହ ଜାଗୁଥିଲା । ପାଣ୍ଡବମାନେ ଆଉ ମତ୍ସ୍ୟଦେଶରେ ଆତ୍ମଗୋପନ କରିନାହାଁନ୍ତି ତ ? ମାତ୍ର ଗୁପ୍ତଚରଙ୍କ ତଥ୍ୟ ଅନୁଯାୟୀ ସେମାନେ ତ ମତ୍ସ୍ୟଦେଶରେ ନାହାଁନ୍ତି ।

ମୋ ମନରେ କିନ୍ତୁ ଘୋର ସନ୍ଦେହ ଆସୁଥିଲା। କାରଣ ମଲ୍ଲଯୁଦ୍ଧରେ କୀଚକଙ୍କ ସମକକ୍ଷ ଯୋଦ୍ଧା କେହି ଯଦି ରହିଥାନ୍ତି ସେ ହେଉଛନ୍ତି ଦ୍ୱିତୀୟ ପାଣ୍ଡବ ଭୀମସେନ । ତେବେ କୀଚକଙ୍କ ହତ୍ୟାକାରୀ ଗନ୍ଧର୍ବ ଜଣକ ଭୀମସେନ ନୁହଁନ୍ତି ତ ? ମୋ ମନ କହୁଥିଲା, ଗୁପ୍ତଚର ପାଖରେ ସଠିକ୍ ତଥ୍ୟ ହୁଏତ ନାହିଁ ।

ଏସବୁ ଶୁଣିସାରିବା ପରେ ଦୁର୍ଯ୍ୟୋଧନ ପ୍ରସ୍ତାବ ଦେଲେ ଏ ବେଳରେ ଆମେ ଯଦି ବିରାଟ ନଗର ଉପରେ ଆକ୍ରମଣ କରିବୁ ତେବେ ହୁଏତ ପାଣ୍ଡବମାନଙ୍କ ସ୍ଥିତି ଜଣାପଡ଼ିଯିବ । ଆଉ ପାଣ୍ଡବମାନେ ଧରାପଡ଼ିଗଲେ ପୁଣି ଦ୍ୱାଦଶବର୍ଷ ବନବାସ । ଏମିତି ଆଗତ ଭବିଷ୍ୟତ କଥା ଚିନ୍ତାକରି ମିତ୍ର ଉଲ୍ଲସିତ ହୋଇପଡୁଥିଲେ । ମୁଁ କିନ୍ତୁ ସେସବୁ ଚିନ୍ତାଧାରାର ବିରୋଧୀ ଥିଲି। ପ୍ରଥମତଃ ବିନାକାରଣରେ ମତ୍ସ୍ୟଦେଶ ଉପରେ ଆକ୍ରମଣ ଘୋର ଅନ୍ୟାୟ । ଦ୍ୱିତୀୟରେ ବିରାଟ ରାଜା କୁରୁରାଜାଙ୍କ ମିତ୍ର। ଏସବୁ କ୍ଷେତ୍ରରେ ମହାରାଜଙ୍କ ଅନୁମତି ଆଣିବା ମଧ୍ୟ କଷ୍ଟକର ।

ମିତ୍ର ଦୁର୍ଯ୍ୟୋଧନ କିନ୍ତୁ ଛାଡ଼ିବାର ଲୋକ ନୁହଁନ୍ତି । ସଂଗେସଂଗେ କହିଲେ, ଅନୁମତି ଆଣିବାର ଦାୟିତ୍ୱ ମୋ ଉପରେ ଛାଡ଼ିଦିଅ । ଆମର ବିରାଟ ରାଜ୍ୟ ଉପରେ ଆକ୍ରମଣ କରିବାର ଆବଶ୍ୟକତା ନାହିଁ । ମାତ୍ର ଆମେ ଯଦି ସେମାନଙ୍କ ଗୋଧନ ଉପରେ ଦୃଷ୍ଟିଦେବା, ତେବେ ବିଶେଷକିଛି ଅସୁବିଧା ହେବନି । ସେଥିପାଇଁ ଗୋଟିଏ ଉପାୟ ଅଛି । ଆମଆଡୁ ଆଗ ଆକ୍ରମଣ ହେବନାହିଁ ଆମେ କେବଳ ସେମାନଙ୍କ ବିପୁଳ ଗୋଧନକୁ ଅପହରଣ କରିବା। ଏଥିରେ ମହାରାଜ ବି ଖୁସ୍ ଆଉ ଆମର ଉଦ୍ଦେଶ୍ୟ ମଧ୍ୟ ସଫଳ । କିଏ ନ ଚାହେଁ ନିଜ ରାଜ୍ୟର ଗୋଧନ ବୃଦ୍ଧିପାଉ ବୋଲି । ତେଣୁ ହସ୍ତିନାପୁର ମହାରାଜଙ୍କ ଏଥିରେ ଆପତ୍ତି କରିବାର ପ୍ରଶ୍ନ ଉଠିବ କାହିଁକି ?

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


## ଆଜିର କବିତା

### ମୋ ଗାଆଁ...

**ବିଜୟଲକ୍ଷ୍ମୀ ପାଣିଗ୍ରାହି**

କଂକ୍ରିଟ ଛାଉଣୀରେ
ଦେଖ ଦେଖ ମାଟି ମୁହେଁ ନିଆଁ
ସହରିଆ ବାସ୍ନାରେ
ବାସେ ମୋର ଗାଆଁ
ମାଘେ ଆସେ ବାଘ ପରି ଶୀତ
ଅଥଚ ମୋ ଗାଆଁରେ
ନାହିଁ ନିଆଁପୁଆଁ।

ପାହାନ୍ତି ତାରାର ଆଲୁଅରେ
ପୋଖରୀର ତୁଠ ଖାଁ ଖାଁ
କାଖରେ କଳସୀ ନାହିଁ
ନାହିଁ ସେ ଅଳତା ଧାରର
ଚିପା ଚିପା ପାଦଚାଲି
ନା ଅଛି କଅଁଳା ବାଛୁରୀର ଡିଆଁ।

ହଜିଲାଣି ପୂଜାପର୍ବ
ପାଶୋରା ମୁରୁଜର ଝୋଟି
ସଂସ୍କୃତି ଆଜି ଦିଗହରା
ଗଛ ପୂଜା ବାନ୍ଧି ହେଲା
ପୋଥି ପୁରାଣରେ
ସଭ୍ୟତା ଗଢୁଛୁ ଆଜି
ଆମେ ଗଛକାଟି।

କାହିଁ ଗଲା
ମୋ ଗାଆଁର ମନଲୋଭା ଶିରୀ
ଅତି ଆଧୁନିକତାଟା ସାଜିଲା ବଇରୀ
ହଜିଲା ସଂସ୍କୃତି ଏଠି
ହଜିଲା ମୋ ଗାଁର ପରାଣ
ଭାଗବତ ଟୁଙ୍ଗି ଆଜି କାନ୍ଦୁଅଛି
ଫେରାଇ ଦିଅ ହେ ସଭ୍ୟ ସମାଜ
ମୋ ଗାଆଁ ଜୀବନ।


+ଶିକ୍ଷୟିତ୍ରୀ,ଜୟପୁର, କୋରାପୁଟ
ମୋ : ୮୨୪୯୪୫୦୦୫୦


### ଚିରସ୍ମରଣୀୟା...

**ଝରଣା ବାରିକ**

ସଂସାରର ସବୁ ନିୟମରେ ମୁଁ ବନ୍ଧା
ଏନ୍ତୁଡ଼ିଶାଳରୁ ମଶାଣୀକୁ ଯିବା ଯାଏ
ମୁଁ କାହାର ନାଁ କାହାର ନଜରରେ
ଆକଟ ହୋଇ ରହିଥାଏ।

କେବେ ବାପାଙ୍କର ନାଲି ଆଖିତ
କେବେ ଭାଇର ଗାଳିରେ
କେବେ ସ୍ୱାମୀଙ୍କ ତାଗିଦ୍‌ରେ
କେବେ ଶ୍ୱଶୁରଙ୍କ ମୁରବି ପଣିଆରେ।
କେବେ ପୁଅ ପାଖରେ
କାଠ କଣ୍ଢେଇଟିଏ ହୋଇ
ଚୁପଚାପ୍ ସହିବାକୁ ପଡେ
ଯାବତୀୟ ଯନ୍ତ୍ରଣା।

ରକ୍ତ ମାଂସର ଶରୀର ସିନା ମୋର
ହୃଦୟଟା ଲୁହାଠାରୁ ଟାଣ
କଷ୍ଟ ସବୁ ଲୁହ ହୋଇ ବୋହି ଯାଏ ସତ,
କେବେ କାହାର ଅମଙ୍ଗଳ
ଚିନ୍ତା କରିବାକୁ ଜିଭ ଲେଉଟେ ନାହିଁ।

ଜରାଜୀର୍ଣ୍ଣ ଅବସ୍ଥା ବେଳେ
ବୃଦ୍ଧାଶ୍ରମରେ ସମୟ
କଟିଯାଏ ମୋର।
ମରିବା ଆଗରୁ ମୁଁ ମରି
ସାରିଥାଏ ବାରମ୍ବାର।
ତଥାପି ବଞ୍ଚି ରହିଥାଏ
ମୁଁ ଚିରସ୍ମରଣୀୟା ହୋଇ।
ଏ ସମାଜ ଆଖିରେ।


+ସମଲ, ତାଳଚେର, ଅନୁଗୋଳ
ମୋ:୯୫୫୬୮୪୬୯୩୨


## ସମ୍ପର୍କର ରଙ୍ଗ

### ପତି ପତ୍ନୀ ମଧ୍ୟରେ ସମ୍ପର୍କ- ୧

**ଶ୍ୱେତା ରାଉତ୍**



ପ୍ରତ୍ୟେକ ମଣିଷ ସମ୍ପର୍କ ପାଇଁ କିଛି ନା କିଛି କରିଥାଏ। ବାପା ମା, ପିଲାମାନଙ୍କ ପାଇଁ, ସ୍ୱାମୀ ସ୍ତ୍ରୀ ପାଇଁ, ସ୍ତ୍ରୀ ସ୍ୱାମୀ ପାଇଁ, ଭାଇ ଭଉଣୀ ପାଇଁ, ବନ୍ଧୁ ବାନ୍ଧବଙ୍କ ପାଇଁ, ମାଲିକ ପାଇଁ ଇତ୍ୟାଦି ଆମେ ସବୁକିଛି ସମ୍ପର୍କ ପାଇଁ କରିଥାନ୍ତି। ବେଳେବେଳେ ଏମିତି ମନେହୁଏ କି ଆମେ ଯେଉଁ ପରିବାର ପାଇଁ ପରିଶ୍ରମ କରନ୍ତି, ଯେଉଁ ସମ୍ପର୍କକୁ ସଜାଡି ରଖିବାକୁ ପ୍ରୟାସ କରିଥାନ୍ତି, ଛୋଟ ଛୋଟ କଥାରେ ସେ ସମ୍ପର୍କ ତୁଟିଯାଏ କାହିଁକି ? ଆମେ ଯେତେବେଳେ କାହାପାଇଁ କାମ କରୁଥିବା ଭଲ,କାମ ନକଲେ ଖରାପ, ଟଙ୍କା, ପଇସା, ଉପହାର ଦେଉଥିଲେ ଭଲ, ନଦେଇ ପାରିଲେ ଖରାପ, ସାହାଯ୍ୟ କରୁଥିଲେ ଭଲ, ସାହାଯ୍ୟ ନକରି ପାରିଲେ ଖରାପ, ନୀରବରେ ସବୁ ନିର୍ଯ୍ୟାତନା ସହି ଯାଉଥିଲେ ଭଲ, ନସହି ପାରି ପଦେ କହିଦେଲେ ଖରାପ, ଯେତେଦିନ ତ୍ୟାଗ କରୁଥିବେ ଭଲ, ନକରିପାରିଲେ ଖରାପ। ସବୁବେଳେ ଆମେ କାହାର କିଛି କରିବାକୁ ହିସାବ କରି କରି ସମ୍ପର୍କର ସଂଜ୍ଞା ବଦଳାଇ ଦେଉନାହାନ୍ତି ତ ?ଆମେ କେବେ ଧ୍ୟାନ ଦେଇଛନ୍ତି କି ପ୍ରକୃତରେ ସମ୍ପର୍କର ସଂଜ୍ଞା କଣ ?

ଯେତେବେଳେ ପତି-ପତ୍ନୀ ମଧ୍ୟରେ ସାମାନ୍ୟତମ ବିବାଦ ଉପୁଜେ, ଉଭୟ ସଂଗେ ସଂଗେ ପରସ୍ପର ପ୍ରତି ଆରୋପ କରନ୍ତି, ନିଜ ନିଜର କରିଥିବା ଦାୟିତ୍ୱର ହିସାବ କରନ୍ତି। ପତ୍ନୀ କହେ 'ମୁଁ ତୁମପାଇଁ ଏତେ କଥା ସହିଛି, ତୁମ ଘରେ ଏତେ କାମ କରୁଛି, ତୁମ ପିଲାଙ୍କୁ ମଣିଷ କରିଛି,ତୁମ ଘରଦ୍ୱାର, ବନ୍ଧୁ ବାନ୍ଧବ ସମସ୍ତଙ୍କ କଥା ବୁଝିଛି, ତୁମ ବାପା-ମାଆଙ୍କ ଦାୟିତ୍ୱ ନେବା,ତାଙ୍କ ଦେହପା କଥା ବୁଝି ଅଧାମରା ହୋଇଗଲିଣି ତଥାପି ତୁମେ ମୋତେ ବୁଝି ପାରିଲନି ? କେବେ ଦିନେ ତୁମ ପାଟିରେ ପ୍ରଶଂସା ଶୁଣିଲିନି !'

ସ୍ୱାମୀ ମଧ୍ୟ ସ୍ତ୍ରୀକୁ କୁହେ 'ମୋ କଥା କେବେ ଭାବିଛ କେତେ କଷ୍ଟରେ ଦି'ପଇସା ରୋଜଗାର କରି ପରିବାର ଚଳଉଛି, ତୁମ ଶାଢୀ ଗହଣାର ସଉକ୍ ପୂରଣ କରିବାକୁ ଅଫିସରେ ଲାଞ୍ଚ ନେଇଛି, ନିଜେ ଛିଡା ପିନ୍ଧି ତୁମ ମା, ପିଲାଙ୍କୁ ଭଲ ପିନ୍ଧେଇଛି, ଅଫିସ୍‌ରେ ମାଲିକଠୁ ଯେତେ କଥା ଶୁଣିଲେ ବି ତୁମପାଇଁ ମୁଁ ଦିନ ତମାମ ଗଧ ଭଳି ଖଟୁଛି। ତଥାପି ତୁମର ସବୁବେଳେ ଅସନ୍ତୋଷ, ସବୁବେଳେ ଅଭିଯୋଗ, ମୁଁ ମଣିଷ ନା ପଶୁ! କେତେ ସହିବି !

ପରସ୍ପର ଭିତରେ ଏମିତି, କରିଛି-କରିଛି-କରିଛି ବୋଲି ଯେଉଁ ହିସାବ ଆମେ ରଖିଥାନ୍ତି, ବଜାରରେ ସଉଦା କିଣାବିକା ଭଳି ଆମ ସମ୍ପର୍କ କେବଳ ହିସାବରେ ରହିଯାଏ ।କାହା ପାଇଁ କେତେ କାମ ଆମେ କରିଛନ୍ତି ତାହା ସମ୍ପର୍କର ସଂଜ୍ଞା ନିରୂପଣ କରେନାହିଁ, 'ସମ୍ପର୍କ' ବିବେକର, ବିଚାରର, ଆତ୍ମାର, ବୁଝାମଣାର ଆଦାନପ୍ରଦାନରେ ଗଢି ଉଠିଥାଏ। ସମ୍ପର୍କ ସବୁବେଳେ ଆଶା, ଆକାଂକ୍ଷା, ସ୍ୱାର୍ଥ, ଅଭିଳାଷ, କାମନାରହିତ ଏକ ସ୍ୱଚ୍ଛ ମନସ୍ତାତ୍ତ୍ୱିକ ଉପାଦାନର ପରିଭାଷା, ଯେଉଁଠି କିଛି କାହାପାଇଁ କରିବାର ହିସାବ ନୁହେଁ ବରଂ କାହାପାଇଁ ଆମ ମନରେ ବିଚାର କିଭଳି ଅଛି ତାହାହିଁ ସମ୍ପର୍କର ସଂଜ୍ଞା ନିରୂପଣ କରେ।

ମାଆଟିଏ ଯେତେବେଳେ ପିଲାପାଇଁ କିଛି କରେ, ପିଲାର ଯତ୍ନ ନିଏ, ତା ପାଇଁ ପସନ୍ଦର ଖାଦ୍ୟ ରାନ୍ଧେ, ପିଲାର ମଳମୂତ୍ର ସଫାକରେ, ରାତି ରାତି ଅନିଦ୍ରା ରହି ପିଲାକୁ ଆରାମରେ ଶୁଆଇଥାଏ, ସେତେବେଳେ ସେ ହିସାବ କରିନଥାଏ କାହାପାଇଁ କେତେ କଣ କରୁଛି। ପିଲା ସହିତ ମାଆ ହୃଦୟରେ, ଆତ୍ମାରେ ଯୋଡି ହୋଇଥାଏ, ସେଥିପାଇଁ ଜୀବନ ଦେଇ କାମ କଲାପରେ ବି ସେ ହିସାବ ରଖିନଥାଏ ତା ପିଲା ପାଇଁ ସେ କେତେ କଷ୍ଟ କରୁଛି। ସେ କଷ୍ଟ ବି ତାକୁ ଆନନ୍ଦ ଦିଏ,ଭିକ ମାଗି ପିଲାକୁ ଖୁଆଇବାବେଳେ ସେ ସମ୍ମାନହାନିର କଥା ଭୁଲିଯାଇ ପିଲାର ଭୋକ ଉପରେ ଗୁରୁତ୍ୱ ଦିଏ, ତା ଜୀବନ ବଞ୍ଚାଇବାକୁ କିଛି ପଇସା ମାଗିବାବେଳେ ସେ କାହାର ପାଦ ଧରିପକାଏ ତ କାହାଘରେ ଅଇଁଠା ବାସନ ମାଜେ। ମାଆର ଏ ସମର୍ପଣଭାଭ ପାଇଁ ତ ପିଲା ଆଉ ମାଆର ସମ୍ପର୍କ ନିଆରା ଯାହାକୁ କାହା ସହିତ ତୁଳନା କରାଯାଇ ପାରେନା।

ଏଭଳି ବିଚାର, ଶ୍ରଦ୍ଧା, ସମର୍ପଣଭାବ ଆମେ ଅନ୍ୟ ସମ୍ପର୍କ ଭିତରେ କାହିଁକି ରଖିପାରନ୍ତିନି ? ପିଲାପାଇଁ ଏତେ କଲାପରେ ବି ମାଆଟିଏ ଅବଶୋସ କରେନାହିଁ, ପିଲାଠୁ ହତାଦର ପାଇବା ପରେ ବି ମାଆ ପିଲାର ମଙ୍ଗଳକାମନା କରି ଇଶ୍ୱରଙ୍କୁ ତାର ଖୁସି ମାଗିଥାଏ। ଏଭଳି ସ୍ୱଚ୍ଛ ସମର୍ପଣଭାବ ଆମେ ପତି-ପତ୍ନୀ ଭିତରେ ନରଖି, ଆମେ କାହା ପାଇଁ କଣ କଲେ ହିସାବ କାହିଁକି ରଖନ୍ତି ? ପତି-ପତ୍ନୀ ସମ୍ପର୍କ ମଧ୍ୟରେ ଆମେ ଯଦି ଆଶା-ଆକାଂକ୍ଷା, ପାଇବା-କରିବାର ହିସାବ କରିବା ଛାଡି କେବଳ କର୍ମ, କର୍ତ୍ତବ୍ୟ ଓ ନିଃସ୍ୱାର୍ଥଭାବ ରଖି ପରସ୍ପର ପ୍ରତି ବିଚାରରେ, ଆତ୍ମାରେ, ବୁଝାମଣାରେ ଶ୍ରଦ୍ଧାଭାବ ରଖିପାରିବା ତେବେ ମାଆ-ପିଲାର ଅନାବିଳ ଭଲପାଇବା ଭଳି ପତି-ପତ୍ନୀ ମଧ୍ୟରେ ମଧ୍ୟ ସମ୍ପର୍କ ସୁନ୍ଦର ହୋଇପାରିବ।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଭୁବନେଶ୍ୱର

# ଭୁବନେଶ୍ୱରବାସୀଙ୍କ ପାଇଁ "ସ୍ମାର୍ଟ ସିଟି" ଆଜି ଦୁଃସ୍ୱପ୍ନରେ ପରିଣତ ହୋଇଛି : ସମୀର ମହାନ୍ତି

ଭୁବନେଶ୍ୱର,୨/୨ (ନି.ପ୍ର): ଦୀର୍ଘ୨୨ବର୍ଷ ଧରି ରାଜ୍ୟରେ ଶାସକ ବିଜେଡି ଭୁବନେଶ୍ୱର ବାସୀଙ୍କୁ ପ୍ରତାରଣା କରି ଆସୁଛନ୍ତି। ଭୁବନେଶ୍ୱର ବାସୀଙ୍କ ପାଇଁ "ସ୍ମାର୍ଟ ସିଟି" ଆଜି ଦୁଃସ୍ୱପ୍ନରେ ପରିଣତ ହୋଇଛି । ନାଳ, ନର୍ଦ୍ଦମା, ସ୍ୱେରେଜ, ପାନୀୟ ଜଳ, ରାସ୍ତାଘାଟ ଭଳି ମୌଳିକ ସୁବିଧା ପାଇବାରୁ ବଂଚିତ ହେଉଛନ୍ତି । ଶାସକ ବିଜେଡି ଆଜି ଦୁର୍ନୀତି ଓ ଭ୍ରଷ୍ଟାଚାର ଦୁର୍ନୀତିର ଗନ୍ତାଘର ସାଜିଛି ଏବଂ ଅନ୍ୟ ପଟେ ନିର୍ଦ୍ଦିଷ୍ଟ ପ୍ରଶାସନିକ ଅଧିକାରୀମାନଙ୍କ ସହାୟତାରେ ବିକାଶ ପାଇଁ ଆସୁଥିବା ବ୍ୟାପକ ଅର୍ଥକୁ ହରିଲୁଟ୍ କରୁଛନ୍ତି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ମଙ୍ଗଳବାର ବହୁ ସଂଖ୍ୟାରେ ବିଜେଡି ନେତା ଓ କର୍ମୀମାନେ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ଭୁବନେଶ୍ୱର ସହୀଦ ନଗରର ଶ୍ରୀରାମ ତ୍ରିପାଠୀ, ସମରଦୀପ ରାୟ, ଆଲୋକ ସାହୁ, ସନାତନ ବେହେରା, ମୁନା ବେହେରା, ବିଭୁଦତ ବିଶ୍ୱାଳ, ଚିତରଞ୍ଜନ ମହାପାତ୍ର, ପ୍ରଦୀପ କୁମାର ନାୟକ, ଦୁଷ୍ମନ୍ତ ବେହେରା, ଶକ୍ତି ସ୍ୱାଇଁ, ଦୁର୍ଗା ରାଉତ, ଅଥିଥି ବେହେରା, ସୁକାନ୍ତ ବାରିକ, ଦିଲିପ୍ ରାଉତ, ବ୍ରହ୍ମାନନ୍ଦ ଧଳ, ଅଭୟ ମହାନ୍ତି, ସୁନୀଲ ସେଠୀ, ଅଭିମନ୍ୟୁ ବାରିକ, ସନ୍ଦିପ ପ୍ରସାଦ ବେହେରା, ମନୋରଞ୍ଜନ ଜେନା, ଶରତ କୁମାର ପାଣିଗ୍ରାହୀ ବିଜେଡି ଦଳ ପରିତ୍ୟାଗ କରି ବିଜେପିରେ ଯୋଗଦାନ କରିଛନ୍ତି। ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ



ସିଂଙ୍କ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନଙ୍କ ଉପସ୍ଥିତିରେ ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର ନୂତନ ସଦସ୍ୟ ଭାବେ ବିଜେପିରେ ସାମିଲ ହୋଇଥିବା ସମସ୍ତଙ୍କୁ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ । ଭୁବନେଶ୍ୱର ବାସୀଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ଯେଉଁ ଲଢେଇ ଆରମ୍ଭ କରିଛନ୍ତି ଏହି ଯୁବସାଥୀ ମାନଙ୍କ ଯୋଗଦାନ ଏ ଲଢେଇକୁ ଆହୁରି ଶାଣିତ କରିବ। ଏହି ଯୋଗଦାନ ଫଳରେ ଭାରତୀୟ ଜନତା ପାର୍ଟିକୁ ଆହୁରି ଶକ୍ତିଶାଳୀ କରିବ ବୋଲି ରାଜ୍ୟ ସଭାପତି ଶ୍ରୀ ମହାନ୍ତି କହିଛନ୍ତି।

# ରାଜ୍ୟରେ ୩,୪୫୦କରୋନା ପଜିଟିଭ ଚିହ୍ନଟ: ୪୩୬ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଆକ୍ରାନ୍ତ

ଭୁବନେଶ୍ୱର,୨/୨ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୩,୪୫୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୦୧୨ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୧୪୩୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୪୩୬ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୭୧୪ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୧୫୨ ଜଣ, ବାଲେଶ୍ୱରରୁ ୧୦୫ ଜଣ, ବରଗଡ଼ରୁ ୮୨ ଜଣ, ଭଦ୍ରକରୁ ୫୨ ଜଣ, ବଲାଙ୍ଗୀରରୁ ୧୦୩



ଜଣ, ବୌଦ୍ଧ ଜିଲ୍ଲାରୁ ୫୩, କଟକରୁ ୨୦୨ ଜଣ, ଦେବଗଡ଼ରୁ ୭୧ ଜଣ, ଢେଙ୍କାନାଳରୁ ୩୫ ଜଣ, ଗଜପତିରୁ ୭୩, ଗଞ୍ଜାମରୁ ୬୪ ଜଣ, ଜଗତସିଂହପୁରରୁ ୬୪ ଜଣ, ଯାଜପୁରରୁ ୭୩ ଜଣ, ଝାରସୁଗୁଡ଼ାରୁ ୫୫ ଜଣ, କଳାହାଣ୍ଡିରୁ ୬୩ ଜଣ, କନ୍ଧମାଳରୁ ୪୪ ଜଣ, କେନ୍ଦ୍ରାପଡ଼ାରୁ ୬୦ ଜଣ, କେଉଁଝରରୁ ୩୯ ଜଣ, ଖୋର୍ଦ୍ଧାରୁ ୭୧୪ ଜଣ, କୋରାପୁଟରୁ ୪୪ ଜଣ, ମାଲକାନଗିରିରୁ ୧୬ ଜଣ, ମୟୁରଭଞ୍ଜରୁ ୧୮୦ ଜଣ, ନବରଙ୍ଗପୁରରୁ ୯୯, ନୟାଗଡ଼ରୁ ୧୨୫ ଜଣ, ନୂଆପଡ଼ାରୁ ୧୮୧ ଜଣ, ପୁରୀରୁ ୭୨ ଜଣ, ରାୟଗଡ଼ାରୁ ୩୬ ଜଣ, ସମ୍ବଲପୁରରୁ ୧୩୧ ଜଣ, ସୋନପୁରରୁ ୨୧, ସୁନ୍ଦରଗଡ଼ରୁ ୨୮୭ ଜଣ ଓ ଷ୍ଟେଟ ପୁଲରୁ ୧୪୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

# ବ୍ରହ୍ମେଶ୍ୱରରେ ମହାଶିବରାତ୍ରୀ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୨/୨ (ନି.ପ୍ର): ଚଳିତ ବର୍ଷ ମହାପ୍ରଭୁ ଶ୍ରୀ ବ୍ରହ୍ମେଶ୍ୱର ମହାଦେବଙ୍କ ମହାଶିବରାତ୍ରୀ ପାଇଁ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ କୋଭିଡ୍ କଟକଣାରେ ଜାଗରଯାତ୍ରା କରାଯିବା ସହ ପ୍ରସାଦ ସେବନ କରାଯିବ। ସେହିପରି ସରକାରଙ୍କ ନିୟମକୁ ଦେଖି ନାମୀକଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯିବ। ମନ୍ଦିର ନିକଟରେ ଆଇନ ଶୃଙ୍ଖଳା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯିବ। ମହାଶିବରାତ୍ରୀ ଦିନ ବ୍ରହ୍ମେଶ୍ୱର ମନ୍ଦିରରେ ସାହାଣ ମେଲା ନୀତି ସମୟରେ କରୋନା କଟକଣାକୁ ଦେଖି ଶ୍ରଦ୍ଧାଳୁଙ୍କ ଦର୍ଶନ ବ୍ୟବସ୍ଥା କରାଯିବ ।

# ଭଦ୍ରକ ବ୍ଲକ ୨୮ ନମ୍ବର ଜୋନ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କୁ ହତ୍ୟା ପ୍ରସଙ୍ଗରେ ନିର୍ବାଚନ କମିଶନଙ୍କୁ ଫେରାଦ ହେଲା ବିଜେପି

ଭୁବନେଶ୍ୱର,୨/୨ (ନି.ପ୍ର): ଭଦ୍ରକ ବ୍ଲକ ୨୮ ନମ୍ବର ଜୋନର ବ୍ରହ୍ମପୁର ଗ୍ରାମର ବିଜେପି ସମର୍ଥିତ ଜିଲ୍ଲା ପରିଷଦ ପ୍ରାର୍ଥୀ ଶୁବାଷିସ ଗିରିଙ୍କୁ ସର୍ବସାଧାରଣ ସମ୍ମୁଖରେ ଆଜି ଦିନ ୧୦ଟା ସମୟରେ ବିଜେଡି ଗୁଣ୍ଡାମାନେ ପିଟିପିଟି ହତ୍ୟା କରିବା ପରେ ମୃତ ଶରୀରକୁ ପୋଖରୀରେ ଫିଙ୍ଗି ଦେଇଛନ୍ତି । ଏହି ବିଭତ୍ସ ହତ୍ୟାକାଣ୍ଡରେ ଅଭିଯୁକ୍ତ ବିଜେଡି କାର୍ଯ୍ୟକର୍ତା ମହେଶ୍ୱର ସାହୁ, ଜ୍ୟୋତିରଂଜନ ସେନାପତି, ପ୍ରିୟରଂଜନ ସେନାପତି, ମହେଶ୍ୱର ମାହାଲ, ପ୍ରଶାନ୍ତ ଅର୍ଖ ପ୍ରମୁଖ ସ୍ଥାନୀୟ ବିଜେଡି ବିଧାୟକଙ୍କ ଦୃଢ ସମର୍ଥକ। ଏହି ଘଟଣା ଘଟାଉଥିବାବେଳେ ସେମାନେ ବିଧାୟକଙ୍କ ପାଖ ଲୋକ ଏବଂ ସେମାନଙ୍କୁ କିଏ କିଛି କରିପାରିବେ ନାହିଁ ବୋଲି ବଡ ଚିତ୍କାରରେ କହୁଥିଲେ । ରାଜ୍ୟ ନିର୍ବାଚନ କମିଶନ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରି ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି ବିଜେପି। ବିଜେପିର ଏକ ପ୍ରତିନିଧି ଦଳ ଏସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ କହିଛନ୍ତି ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଶାସକ ବିଜେଡିକୁ ହାରିବାର ଭୟ ଘାରିଛି । ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଶାସକ ବିଜେଡି ଯେତେ ପ୍ରକାରର ପ୍ରୟାସ କରିଲେ ସୁଦ୍ଧା ଭୋଟରଙ୍କ ନିକଟରେ ଗ୍ରହଣୀୟ ହୋଇପାରୁନାହିଁ। ହତାଶ ହୋଇ ଶାସକ ବିଜେଡି ବିରୋଧୀଙ୍କ ପ୍ରତି ହିଂସାପରାୟଣ ହୋଇପଡିଛି । ନିର୍ବାଚନରେ ହାରିବାର ଭୟ, ଶାସନ କ୍ଷମତାର ଅହଂକାର ଏବଂ ଅପର୍ଯ୍ୟାପ୍ତ ଅର୍ଥବଳର ଦୁରୁପଯୋଗ କରିବା ସହିତ ହିଂସାକାଣ୍ଡ ଭଳି ନିଷ୍ଠୁର ପଦକ୍ଷେପ ନେବାକୁ ପଛାଉନାହିଁ ବିଜେଡି। ଶାସକ ବିଜେଡିର ଏଭଳି ହିଂସାତ୍ମକ ଆଚରଣ ସୁସ୍ଥ ଗଣତନ୍ତ୍ର ପ୍ରତି ଅତ୍ୟନ୍ତ ବିପଦଜନକ। ଶାସକ ଦଳର ଏଭଳି ହିଂସାତ୍ମକ ଆଚରଣ ବିରୁଦ୍ଧରେ ରାଜ୍ୟ ନିର୍ବାଚନ କମିଶନଙ୍କୁ ବାରମ୍ବାର ତଥ୍ୟ ଓ ପ୍ରମାଣ ସହ ଅଭିଯୋଗ ସତ୍ତ୍ୱେ କୌଣସି ଦୃଢ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଅଧିକ ଚିନ୍ତାଜନକ । ଏହି ପ୍ରତିନିଧି ଦଳରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ, ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ଲିଗାଲ ସେଲର ଜୟନ୍ତ ଜେନା, ରବିଶଂକର ପଟ୍ଟନାୟକ, ମହେନ୍ଦ୍ର ଜେନା, ସିଦ୍ଧାର୍ଥ ଶଂକର ପତି ପ୍ରମୁଖ ସାମିଲ ଥିଲେ ।

# ୫ ସୁଦ୍ଧା ପଞ୍ଚାୟତ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ଦିଆଯିବ ବୁଷ୍ଟର ଡୋଜ୍ ଟିକା

ଭୁବନେଶ୍ୱର ,୨/୨ (ନି.ପ୍ର): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନିୟୋଜିତ ସମସ୍ତ କର୍ମଚାରୀଙ୍କୁ ସମ୍ମୁଖ ଯୋଦ୍ଧା ମାନ୍ୟତା ଦିଆଯାଇଛି। ତେଣୁ ସମସ୍ତ କର୍ମଚାରୀଙ୍କୁ ବୁଷ୍ଟର ଡୋଜ୍ ଟିକା ଦେବାକୁ ରାଜ୍ୟ ନିର୍ବାଚନ କମିସନର କହିଛନ୍ତି। ଦ୍ୱିତୀୟ ଡୋଜ୍ ନେବାର ୯୦ଦିନ ପୂରଣ କରିଥିଲେ ସେମାନେ ବୁଷ୍ଟର ଡୋଜ୍ ନେଇପାରିବେ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ସୂଚନା ଦିଆଯାଇଛି। ତେଣୁ ଆସନ୍ତା ୫ତାରିଖ ସୁଦ୍ଧା ସମସ୍ତ ବୁଷ୍ଟର ଡୋଜ୍ ଟିକାକରଣ ଶେଷ କରିବା ଲାଗି ଜିଲ୍ଲାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦ୍ୱିତୀୟ ଡୋଜ୍ ଟିକା ନେବାର ୬ମାସ ପରେ ସାଧାରଣଭାବେ ବୁଷ୍ଟର ଡୋଜ୍ ନେଇପାରିବେ। ମାତ୍ର ପଞ୍ଚାୟତ ନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କ କ୍ଷେତ୍ରରେ ଏହା ୯୦ଦିନ ରଖାଯାଇଛି। ଆଜିଠାରୁ ସେମାନଙ୍କ ଟିକାକରଣ ଆରମ୍ଭ ହୋଇଛି। ପ୍ରାୟ ୧ଲକ୍ଷ କର୍ମଚାରୀଙ୍କୁ ଟିକା ଦିଆଯିବ। ଆସନ୍ତା ୫ତାରିଖ ସୁଦ୍ଧା ଏହାକୁ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ଦେଇଛନ୍ତି କରୋନା ଟିକାକରଣ ନୋଡାଲ ଅଧିକାରୀ ଡା.ବିଜୟ ପାଣିଗ୍ରାହୀ। ମଙ୍ଗଳବାର ରାଜ୍ୟରେ ୩୦୭୫ ଟିକାକରଣ ଅଧିବେଶନରେ ୧ଲକ୍ଷ ୯୧ହଜାର ୨୧୮ ଜଣଙ୍କୁ ଟିକା ଦିଆଯାଇଛି। ଏହାକୁ ମିଶାଇ ରାଜ୍ୟରେ ମୋଟ ଟିକାକରଣ ୫କୋଟି ୭୨ଲକ୍ଷ ୮୯ହଜାର ୭୫୩କୁ ବୃଦ୍ଧି ପାଇଛି। ୧୮-୪୪ବର୍ଷର ୯୦ ପ୍ରତିଶତ, ୪୫ବର୍ଷରୁ ଅଧିକ ୯୪ ପ୍ରତିଶତ ନିଜର ପ୍ରଥମ ଡୋଜ୍ ନେଇଛନ୍ତି। ଏହାସହ ୧୫-୧୮ବର୍ଷର ୬୪ ପ୍ରତିଶତ ପ୍ରଥମ ଡୋଜ୍ ନେଇ ସାରିଲେଣି। ଆସନ୍ତାକାଲି ୩୧୯୦ ଟିକାକରଣ ଅଧିବେଶନ ଅନୁଷ୍ଠିତ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ନୀଳାଚଳ ଟାଟାକୁ ବିକ୍ରିଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦାୟୀ: କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଂଚ

ଭୁବନେଶ୍ୱର,୨/୨ (ନି.ପ୍ର): ୮ଗୋଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଏକ ଜରୁରୀକାଳୀନ ବୈଠକ ଆଇଏନ୍‌ଟିୟୁସି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ସେୱା ଓ ଏଲ୍‌ପିଏଫ୍‌ର ଶ୍ରମିକ ନେତାମାନେ ନୀଳାଚଳ ଇସ୍ପାତ କାରଖାନାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଟାଟାକୁ ବିକ୍ରି କରିବାରେ ଦାୟୀ ବୋଲି ମତପ୍ରକାଶ କରିଛନ୍ତି। ନୀଳାଚଳ ଇସ୍ପାତର ସମ୍ପତିକୁ ସଠିକ୍ ମୂଲ୍ୟାୟନ ନକରି ଶାଗମାଛ ଦରରେ ଟାଟାକୁ ୧୨ ହଜାର ୧୦୦କୋଟି ଟଙ୍କାରେ ବିକ୍ରି କରିବା ଏକ ଚଂଚକତା ବୋଲି ଶ୍ରମିକ ନେତାମାନେ କ୍ଷୋଭପ୍ରକାଶ କରିଛନ୍ତି। ସରକାର ଶ୍ରମିକମାନଙ୍କ ସହିତ କୌଣସି ଆଲୋଚନା ନକରି ବିକ୍ରି କରିବା ଏକ ଲଜ୍ଜାଜନକ କଥା। ନୀଳାଚଳ ଇସ୍ପାତକୁ ରାଉରକେଲା ଷ୍ଟିଲପ୍ଲାଂଟ ସହିତ ମିଶାଇ ଏତେବଡ଼ କାରଖାନାକୁ ପୁର୍ନଜୀବିତ କରାଯାଇ ପାରିଥାନ୍ତା। ଏହା ନକରି କର୍ପୋରେଟମାନଙ୍କ ସ୍ୱାର୍ଥରେ ଉଭୟ ସରକାର ସାଲିସ୍ କରିଛନ୍ତି ଓ ଏହାକୁ ୮ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଦୃଢ଼ ନିନ୍ଦା କରିଛନ୍ତି। ସେମାନେ କହିଛନ୍ତି ଯେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଘରୋଇକରଣରୁ ଦୂରେଇ ରହି ରାଜ୍ୟ ସରକାର ଏହାକୁ ୩୯ ପ୍ରତିଶତ ଅଂଶଧନରେ ଚଳାଇଥାନ୍ତେ, ଓଡ଼ିଶାର ବହୁ ବେକାରୀ ଯୁବକ ନିଯୁକ୍ତିର ସୁଯୋଗ ପାଇଥାନ୍ତେ। ଏହି ବୈଠକରେ ଆଇଏନ୍‌ଟିୟୁସିର ସଭାପତି ପାକ୍ତନ ସାଂସଦ ରାମଚନ୍ଦ୍ର ଖୁଂଟିଆ, ଏଆଇଟିୟୁସିର ରାମକୃଷ୍ଣ ପଣ୍ଡା, ଏଚ୍‌ଏମ୍‌ଏସ୍‌ର ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ସିଟୁର ସଭାପତି ଜନାର୍ଦ୍ଦନ ପତି, ଏଆଇୟୁଟିୟୁସିର ନିରଞ୍ଜନ ମହାନ୍ତି, ଏଆସିସିଟିୟୁର ସଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା, ଟିୟୁସିସିର ନେତା ଜ୍ୟୋତିରଞ୍ଜନ ମହାପାତ୍ର, ଏଲ୍‌ପିଏଫ୍‌ର ସଭାପତି ବି.ପି. ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱବିଦ୍ୟାଳୟ ଓ କଲେଜକୁ ଆସିବେ ସମସ୍ତ କର୍ମଚାରୀ




ଭୁବନେଶ୍ୱର ,୨/୨ (ନି.ପ୍ର): ଉଚ୍ଚଶିକ୍ଷା ବିଭାଗ ଅଧୀନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ଏଣିକି ଶିକ୍ଷାନୁଷ୍ଠାନ ଆସିବେ। ଶିକ୍ଷକମାନେ ଅନ୍‌ଲାଇନରେ କ୍ଲାସ କରିବାକୁ ଉଚ୍ଚଶିକ୍ଷା ସଚିବ ଶାଶ୍ୱତ ମିଶ୍ର ଆଜି କଲେଜ ଅଧ୍ୟକ୍ଷ ଓ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ମିଶ୍ର ଆହୁରି କହିଛନ୍ତି ଯେ ସ୍ୱତନ୍ତ୍ର ରିଲିଫ୍ କମିସନରଙ୍କ ନିର୍ଦ୍ଦେଶ ଓ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାନୁଆରି ୩୧ରେ ଜାରି ବିଜ୍ଞପ୍ତି ଆଧାରରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଫେବ୍ରୁଆରି ପହିଲାରୁ ଶତ ପ୍ରତିଶତ କର୍ମଚାରୀଙ୍କୁ ନେଇ କୋଭିଡ୍ କଟକଣା ମଧ୍ୟରେ କାର୍ଯ୍ୟ ଚାଲିବ।

# ରାଜ୍ୟକୁ ଆଶ୍ୱସ୍ତି: 'ଆର' ଭ୍ୟାଲୁ ୧ତଳକୁ ଖସିଲା

ଭୁବନେଶ୍ୱର ,୨/୨ (ନି.ପ୍ର): ରାଜ୍ୟରେ ଦୈନିକ ସଂକ୍ରମଣ ସହିତ ସଂକ୍ରମଣ ହାର ହ୍ରାସ ଜାରି ରହିଛି। ଏବେ ଦୈନିକ ସଂକ୍ରମଣ ୩ହଜାରକୁ ଖସି ଆସିଲାଣି। ତେବେ ଏହା ଭିତରେ ଭୂତାଣୁର 'ଆର' ବା ରିପ୍ରଡକସନ୍ ଭ୍ୟାଲୁ ମଧ୍ୟ ୧ ତଳକୁ ଖସି ଆସିଛି। ଗତମାସ ଶେଷ ସୁଦ୍ଧା ରାଜ୍ୟର 'ଆର ଭ୍ୟାଲୁ ୦.୬୫ ରହିଛି। ଅର୍ଥାତ୍ ବର୍ତମାନ ୩ଜଣ ସଂକ୍ରମିତ ଅନ୍ୟ ୨ଜଣଙ୍କୁ ସଂକ୍ରମିତ କରିପାରୁଛନ୍ତି। ଯାହାଫଳରେ ତୃତୀୟ ଲହରରେ ଯେଉଁଭଳି ଭାବେ ସଂକ୍ରମଣ ମାଡୁଥିଲା, ତହିଁରେ ବ୍ରେକ୍ ଲାଗିଛି। ଏପରିକି ଦେଶରେ 'ଆର' ଭ୍ୟାଲୁ ୦.୮୦ ଥିବା ବେଳେ ଓଡ଼ିଶାରେ ଏହା ଯଥେଷ୍ଟ କମ୍ ରହିଛି। ଜାନୁଆରି ଦ୍ୱିତୀୟ ସପ୍ତାହ ବେଳକୁ ଓଡ଼ିଶାର 'ଆର' ଭ୍ୟାଲୁ ୪ ଟପିଥିଲା। ସୁନ୍ଦରଗଡ଼, ସମ୍ବଲପୁର ଭଳି ଜିଲ୍ଲାରେ ଏହା ରାଜ୍ୟଠାରୁ ମଧ୍ୟ ଅଧିକ ରହିଥିଲା। ଫଳରେ ରାଜ୍ୟରେ ସଂକ୍ରମଣ ନିଆଁ ଭଳି ମାଡ଼ିଥିଲା ଓ ଗତମାସ ୧୮ତାରିଖରେ ରାଜ୍ୟରେ ଶୀର୍ଷ ସଂକ୍ରମଣ ଦେଖିବାକୁ ମିଳିଥିଲା। ବେଙ୍ଗାଲୁରୁ ସ୍ଥିତ ଆଇଆଇଏସ୍‌ସିରୁ ମିଳିଥିବା ସୂଚନା ଅନୁସାରେ ରାଜ୍ୟ ସହିତ ଯେଉଁ ଜିଲ୍ଲାଗୁଡ଼ିକ ସଂକ୍ରମଣର ହଟ୍‌ସ୍ପଟ୍ ପାଲଟିଥିଲା ସେସବୁରେ ମଧ୍ୟ 'ଆର' ଭ୍ୟାଲୁ ଖସି ଆସିଛି। ଖୋର୍ଦ୍ଧାରେ ଏହା ୦.୫୨, କଟକ ୦.୬୮, ବାଲେଶ୍ୱର ୦.୭୭, ପୁରୀ ୦.୭୪, କଳାହାଣ୍ଡି ୦.୭୮, ଗଞ୍ଜାମ ୦.୫୬, ନୟାଗଡ଼ ୧.୦୮, ସମ୍ବଲପୁର ୦.୯୭ ଓ ସୁନ୍ଦରଗଡ଼ରେ ୦.୫୫ ରହିଛି। କେବଳ ନୟାଗଡ଼କୁ ଛାଡ଼ିଦେଲେ ଅନ୍ୟ ସବୁ ଜିଲ୍ଲାରେ 'ଆର' ଭ୍ୟାଲୁ ୧ ତଳେ ରହିଛି।

ସେହିପରି ଗତବର୍ଷ ଡିସେମ୍ବର ଶେଷ ସପ୍ତାହରେ ରାଜ୍ୟରେ କରୋନାର ତୃତୀୟ ଲହର ଆରମ୍ଭ ହୋଇଥିଲା। ଜାନୁଆରି ମାସର ୩ଟି ସପ୍ତାହରେ ସଂକ୍ରମଣ ବଢ଼ିବା ସହିତ ଶେଷ ସପ୍ତାହ ଆଡ଼କୁ ସଂକ୍ରମଣ ଖସି ଆସିଥିଲା। ଗତ ଜାନୁଆରି ମାସରେ ରାଜ୍ୟରେ ୧ଲକ୍ଷ ୯୭ହଜାର ୭୭୦ଜଣଙ୍କୁ ଚିହ୍ନଟ କରାଯାଇଥିଲା। ଏହାସହ ଏହି ମାସରେ ୧୫୦ଜଣଙ୍କ କରୋନାରେ ମୃତ୍ୟୁ ହୋଇଥିବା ସରକାରୀ ଭାବେ ଘୋଷଣା ହୋଇଛି। ଇତିମଧ୍ୟରେ ରାଜ୍ୟରେ ଦ୍ୱିତୀୟ ଦିନ ଲାଗି ଦୈନିକ ସଂକ୍ରମଣ ୩ହଜାର ଉପରେ ସ୍ଥିର ରହିଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ୩୦୮୬ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ୬୫୨, କଟକ ୩୨୫, ସୁନ୍ଦରଗଡ଼ ୨୧୬, ଯାଜପୁର ୧୪୯, ନୟାଗଡ଼ ୧୧୦, ମୟୂରଭଞ୍ଜ ୧୦୯, ନୂଆପଡ଼ା ୧୦୬ ଓ ଷ୍ଟେଟ୍ ପୁଲରୁ ୧୨୫ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୨ଲକ୍ଷ ୫୨ହଜାର ୩୨୬କୁ ବୃଦ୍ଧି ପାଇଛି। ରାଜ୍ୟ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା.ବିଜୟ ମହାପାତ୍ର କହିଛନ୍ତି ଯେ ମହାମାରୀ ନିୟମ ଅନୁସାରେ ଧୀରେ ଧୀରେ କଟକଣା କୋହଳ ହେବା ଦରକାର।

ପ୍ରଥମ ପର୍ଯ୍ୟାୟରେ ସରସ୍ୱତୀ ପୂଜାକୁ ଅନୁମତି ଦିଆଯାଇଛି। ପରେ ସ୍କୁଲ ଖୋଲିବା ନେଇ ସରକାର ନିଷ୍ପତ୍ତି ନେବେ। ରାଜ୍ୟରେ ସଂକ୍ରମଣ ଲଗାତାର ଭାବେ କମି ଚାଲିଛି। ତେଣୁ ଅଳ୍ପଦିନ ଭିତରେ ରାଜ୍ୟରେ ସ୍ଥିତି ଭଲ ଅବସ୍ଥାକୁ ଫେରି ଆସିବ। ସଂକ୍ରମଣ ଚେନ୍‌କୁ ଭାଙ୍ଗିବାକୁ ହେଲେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ନିୟମକୁ ମାନିବା ଜରୁରୀ ବୋଲି ଡା.ମହାପାତ୍ର କହିଛନ୍ତି।

ରାଜ୍ୟରେ ଆଉ ୧୭ଜଣ କରୋନାରେ ପ୍ରାଣ ହରାଇଥିବା ନେଇ ଆଜି ସରକାରୀ ଘୋଷଣା ହୋଇଛି। ସମୁଦାୟ ମୃତ୍ୟୁ ସଂଖ୍ୟା ୮୬୨୯କୁ ବୃଦ୍ଧି ପାଇଛି। ଏହାସହ ଆଜି ୭୭୬୭ କୋଭିଡ୍ ରୋଗୀ ସୁସ୍ଥ ହୋଇଛନ୍ତି। ଫଳରେ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ୩୪,୩୩୧କୁ ଖସି ଆସିଛି। ସମୁଦାୟ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ୧୨ଲକ୍ଷ ୯ହଜାର ୩୧୩କୁ ବୃଦ୍ଧି ପାଇଛି।

# ସବୁ ଖୋଲା, ସ୍କୁଲ୍‌ରେ ତାଲା : ପାଠପଢ଼ା ପ୍ରଭାବିତ, ଚିନ୍ତାରେ ଅଭିଭାବକ

ଭୁବନେଶ୍ୱର ,୨/୨ (ନି.ପ୍ର): ବଜାର ଖୋଲା, ସପିଂ ମଲ୍‌ରେ ଭିଡ଼, ପାର୍କରେ ପିଲା ଖେଳୁଛନ୍ତି, ମର୍ଣ୍ଣିଂୱାର୍କରେ ବି ପିଲାଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ମସ୍ତି କରୁଛନ୍ତି। ସିନେମା ହଲ୍ ?ରେ ଫିଲ୍ମ ଦେଖୁଛନ୍ତି। ପିଲାମାନେ ବି ବାପା, ମା'ଙ୍କ ସହ ସବୁଠିକୁ ଯାଉଛନ୍ତି। ମାତ୍ର ସ୍କୁଲ ଖୋଲିଲା ବେଳକୁ ପିଲାଙ୍କ ଦେହରେ କରୋନା ପଶି ଯାଉଛି। ଏମିତିରେ ବି ଦୁଇବର୍ଷ ହେଲା ପିଲାଙ୍କ ପାଠପଢ଼ାରେ ଡୋରି ଲାଗିଛି। କେତେବେଳେ ଅଧା ଖୋଲୁଛି ତ ଆଉ କେତେବେଳେ ତାଲା ଝୁଲୁଛି। ପ୍ରଥମରୁ ୫ମ ଶ୍ରେଣୀ ପିଲା ତ ଦୁଇ ବର୍ଷ ହେଲା ସ୍କୁଲ ହିଁ ଦେଖିନାହାନ୍ତି। କେବେ ଦେଖିବେ, ତାହା ବି କହି ହେବନାହିଁ। ପିଲାଙ୍କ ପାଠପଢ଼ା ଦୋଛକିରେ ଥିବା ବେଳେ ଏବେ ସ୍କୁଲ ଖୋଲିବା ନେଇ ଦାବି ଜୋର ଧରିଛି। କରୋନା ତୃତୀୟ ଲହର ଭୟରେ ମାସେ ହେଲା ସ୍କୁଲ ବନ୍ଦ ରହିଛି। ପାଠପଢ଼ା ହୋଇପାରୁନି। କେବେ ଖେଲିବ ଏବଂ ପାଠପଢ଼ା ହେବ, ତାହାକୁ ନେଇ କେହି ବି ମୁହଁ ଖୋଲୁନାହାନ୍ତି। ସ୍ଥିତି ଉପରେ ନଜର ରଖାଯାଉଛି। ଠିକ୍ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ସରକାରୀ ଅଧିକାରୀମାନେ କହୁଥିଲେ ମଧ୍ୟ କାହାରି ପାଖରୁ ସ୍ପଷ୍ଟ ଉତ୍ତର ମିଳି ପାରୁନାହିଁ। ଯାହା ଏବେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଚିନ୍ତା ବଢ଼ାଇଛି। ଆଗକୁ ମାଟ୍ରିକ୍ ଓ ଯୁକ୍ତ୨ ପରୀକ୍ଷା। ହାତରେ ଆଉ କମ୍ ସମୟ ଥିବା ବେଳେ ସମ୍ପୂର୍ଣ୍ଣ ସିଲାବସ୍ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ଦଶମର ଅଧା ସିଲାବସ୍ ସରିଥିବା ବେଳେ ଯୁକ୍ତ୨ର ୬୦% ସରିଛି। ବାକି ସିଲାବସ୍ ପାଠପଢ଼ା କେବେ ସରିବ ଏବଂ କିଭଳି ଭାବେ ପରୀକ୍ଷା ହେବ ତାହାକୁ ନେଇ ସମସ୍ତେ ଚିନ୍ତାରେ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ଫେବ୍ରୁଆରି ମାସ ପାଇଁ ଆଜି ଏସ୍‌ଆରସିଙ୍କ ପକ୍ଷରୁ ଗାଇଡ୍‌ଲାଇନ୍ ଆସିଛି। ସେଥିରେ ସ୍କୁଲରେ ସରସ୍ୱତୀ ପୂଜା ପାଳନ ହେବା ନେଇ କୁହାଯାଇଛି। ମାତ୍ର ପିଲାଙ୍କ ପାଠପଢ଼ା କିମ୍ବା ସ୍କୁଲ ପୁଣିଥରେ ଖୋଲିବା ନେଇ କିଛି କୁହାଯାଇନାହିଁ। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଠପଢ଼ା ନେଇ ସ୍ପଷ୍ଟ ଚିତ୍ର ଆସି ନ ଥିବାରୁ ଦ୍ୱନ୍ଦ୍ୱରେ ସମସ୍ତେ। କାରଣ ବର୍ତ୍ତମାନ ଓଡ଼ିଶାରେ କରୋନା ସଂକ୍ରମଣ ତଳମୁହାଁ ହୋଇଛି। ସଂକ୍ରମିତଙ୍କ ସଂଖ୍ୟା କମିଥିବାରୁ ଦେଶର କେତେକ ରାଜ୍ୟରେ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଖୋଲି




ଗଲାଣି। ଆଉ କିଛି ଫେବ୍ରୁଆରିରେ ଖୋଲିବା ନେଇ ଘୋଷଣା କରି ସାରିଛନ୍ତି। ମାତ୍ର ଓଡ଼ିଶା ସରକାରଙ୍କ ପଦିକିଆ ଉତ୍ତର ସ୍ଥିତି ଉପରେ ନଜର ରଖାଯାଇଛି। ଠିକ୍ ସମୟରେ ନିଷ୍ପତ୍ତି ନିଆଯିବ। ଇତିମଧ୍ୟରେ ଓଡ଼ିଶା ଅଭିଭାବକ ମହାସଂଘ ସମେତ କେତେକ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ବିଦ୍ୟାଳୟ ଖୋଲିବା ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି। ଏସ୍‌ଆରସିଙ୍କ ସମେତ ବିଭାଗୀୟ ମନ୍ତ୍ରୀ, ସଚିବଙ୍କ ଉଦ୍ଦେଶ୍ୟରେ ପତ୍ର ବି ଲେଖିଛନ୍ତି। ସେମାନଙ୍କ କହିବା କଥା, ଏବେ କରୋନା ସଂକ୍ରମଣ କମୁଛି। ଦୈନିକ ସଂକ୍ରମଣ ୧୧ ହଜାରରୁ ହ୍ରାସ ପାଇ ୪ ହଜାର ତଳକୁ ଆସିଲାଣି। ଶିଶୁ ବିଶେଷ ଆକ୍ରାନ୍ତ ହେଉନାହାନ୍ତି। ତେଣୁ କଟକଣା ମଧ୍ୟରେ ଯୁଜି, ପିଜି, ଯୁକ୍ତ୨ ଓ ଦଶମ ଶ୍ରେଣୀ ପିଲାଙ୍କ କ୍ଲାସ ଖୋଲାଗଲେ କୌଣସି ଅସୁବିଧା ନାହିଁ। ଗୋଟିଏପଟେ ରାଜ୍ୟରେ ଥିବା କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଖୋଲାଥିବା ବେଳେ ରାଜ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକ କାହିଁକି ବନ୍ଦ ରହିବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ପିଲାଙ୍କ ପାଠପଢ଼ା ସ୍ଥିତି ଆହୁରି ଖରାପ ହେବା ପୂର୍ବରୁ ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ ବୋଲି ସେମାନେ କହିଛନ୍ତି। ଗଣଶିକ୍ଷା ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ କରୋନା ସଂକ୍ରମିତଙ୍କ ସଂଖ୍ୟା କମିଛି ସତ। ମାତ୍ର ଭୟ ଦୂର ହୋଇନାହିଁ। ତଥାପି ସରସ୍ୱତୀ ପୂଜା ପରେ ପର୍ଯ୍ୟାୟକ୍ରମେ ସ୍କୁଲ ଖୋଲିବାକୁ ବିଚାର କରୁଛୁ। ମାତ୍ର ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ସାମାନ୍ୟ ସମସ୍ୟା ସୃଷ୍ଟି ହେଉଛି। କିଛି ଦିନ ପାଠପଢ଼ା ହୋଇଥିବ କି ନାହିଁ, ନିର୍ବାଚନର ୪ଦିନ ଆଗରୁ ପୁଣି ବନ୍ଦ କରିବାକୁ ପଡ଼ିବ। ତେଣୁ ସବୁ କଥାକୁ ନେଇ ଆଲୋଚନା କରାଯାଉଛି। ଚଳିତ ସପ୍ତାହରେ କିଛି ପଦକ୍ଷେପ ନିଆଯାଇପାରେ।

# ରାଜ୍ୟରେ ଚିହ୍ନଟ ହେଲେ ୩,୪୫୦ ପଜିଟିଭ

ଭୁବନେଶ୍ୱର,୨/୨ (ନି.ପ୍ର): ଗତ ୨୪ ଘଣ୍ଟାରେ ରାଜ୍ୟରେ ୩,୪୫୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୮ ବର୍ଷରୁ କମ୍ ବର୍ଗର ୪୩୬ ଜଣ ଅଛନ୍ତି। ସେହିପରି ୨,୦୧୨ ଜଣ କ୍ୱାରେଣ୍ଟାଇନ୍‌ରୁ ଚିହ୍ନଟ ହୋଇଥିବା ବେଳେ ବାକି ୧,୪୩୮ ଟି ହେଉଛି ଲୋକାଲ୍ କେସ୍।

ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୭୧୪ ଜଣ ଚିହ୍ନଟ ହୋଇଥିବା ବେଳେ ସୁନ୍ଦରଗଡ଼ରୁ ୨୮୭, କଟକରୁ ୨୦୨, ନୂଆପଡ଼ାରୁ ୧୮୧, ମୟୂରଭଞ୍ଜରୁ ୧୮୦, ଷ୍ଟେଟପୁଲ୍‌ରୁ ୧୪୫, ସମ୍ବଲପୁରରୁ ୧୩୧, ନୟାଗଡ଼ରୁ ୧୨୫, ବାଲେଶ୍ୱରରୁ ୧୦୫, ବଲାଙ୍ଗିରରୁ ୧୦୩, ନବରଙ୍ଗପୁରରୁ ୯୯, ଗଜପତିରୁ ୭୩, ପୁରୀରୁ ୭୨ ଓ ଦେବଗଡ଼ରୁ ୭୧ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାବାଦ ବରଗଡ଼ରୁ ୮୨, ଭଦ୍ରକ ୫୨, ବୌଦ୍ଧ ୫୩, ଢେଙ୍କାନାଳ ୩୫, ଗଞ୍ଜାମ ୬୪, ଜଗତସିଂହପୁର ୬୪, ଯାଜପୁର ୭୩, ଝାରସୁଗୁଡ଼ା ୫୫, କଳାହାଣ୍ଡି ୬୩, କନ୍ଧମାଳ ୪୪, କେନ୍ଦ୍ରାପଡ଼ା ୬୦, କେନ୍ଦୁଝର ୩୯, କୋରାପୁଟ ୫୩, ମାଲକାନଗିରି ୧୬, ରାୟଗଡ଼ାରୁ ୩୬ ଓ ସୋନପୁରରୁ ୨୧ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୫୫ ହଜାର ୭୭୬ ରେ ପହଞ୍ଚିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨,୦୯୩୧୩ ଜଣ ସୁସ୍ଥ ହୋଇସାରିଛନ୍ତି। ୩୭୭୬୨ଜଣ ଏବେ ଚିକିତ୍ସାଧୀନ ଅଛନ୍ତି।

## ଆତ୍ମନିର୍ଭର ଆର୍ଥିକ ବ୍ୟବସ୍ଥା...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ପ୍ରମୁଖ ଯୋଜନା ପାଇଁ ଖର୍ଚ୍ଚ ଦୃଷ୍ଟିରୁ ବିଚାର କଲେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ଗତବର୍ଷ ୩୪୯୪୭କୋଟି ବ୍ୟୟ ହୋଇଥିଲାବେଳେ ୨୦୨୨-୨୩ ପାଇଁ ୩୭୮୦୦କୋଟି, ଜଳଜୀବନ ପାଇଁ ୨୦୨୧-୨୨ରେ ୪୫୦୧୧ କୋଟି ଅଟକଳ ଥିଲାବେଳେ ୨୦୨୨-୨୩ରେ ୬୦୦୦୦ କୋଟି, ରାଷ୍ଟ୍ରୀୟ ଶିକ୍ଷା ମିଶନ ପାଇଁ ୨୦୨୧-୨୨ରେ ୩୦୭୯୬ କୋଟି ବ୍ୟୟ ଅଟକଳ ଥିଲାବେଳେ ୨୦୨୨-୨୩ରେ ଏହା ୩୯୫୫୩ କୋଟି ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନା ୨୦୨୧-୨୨ରେ ୧୪୦୦୦କୋଟି ଥିଲାବେଳେ ୨୦୨୨-୨୩ରେ ୧୯୦୦୦କୋଟି, ପ୍ରଧାନମନ୍ତ୍ରୀ କିସାନ ୨୦୨୧-୨୨ରେ ୬୭୫୦୦ କୋଟି ଥିଲାବେଳେ ୨୦୨୨-୨୩ରେ ୬୮୦୦୦କୋଟି, ଆତ୍ମନିର୍ଭର ଭାରତ ରୋଜଗାର ଯୋଜନା ୨୦୨୧-୨୨ରେ ୫୦୦୦କୋଟି ଥିଲାବେଳେ ୨୦୨୨-୨୩ରେ ୬୪୦୦କୋଟି, ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ୨୦୨୧-୨୨ରେ ୭୪୦୦ କୋଟି ଥିଲାବେଳେ ୨୦୨୨-୨୩ରେ ୧୦୦୦୦କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ସେମିତି ମନ୍ତ୍ରଣାଳୟ ଦୃଷ୍ଟିରୁ ଅର୍ଥ ଯୋଗାଣ ଦେଖିଲେ ଯୋଗାଯୋଗ ମନ୍ତ୍ରଣାଳୟ -୧୦୫୪୦୬.୮୨କୋଟି, ରସାୟନ ଓ ସାର- ୧୦୭୭୧୫.୩୮କୋଟି, କୃଷି ଓ କୃଷକ ବିକାଶ -୧୩୨୫୧୩.୬୨କୋଟି, ଗ୍ରାମାଞ୍ଚଳ ବିକାଶ- ୧୩୮୨୦୩.୬୩କୋଟି, ରେଲବାଇ -୧୪୦୩୬୭.୧୩କୋଟି, ଗୃହ-୧୮୫୭୭୬.୫୫କୋଟି, ସଡକ ପରିବହନ ଏବଂ ରାଜପଥ -୧୯୯୧୦୭.୭୧ କୋଟି, ଗ୍ରାହକ ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ-୨୧୭୬୮୪.୪୬କୋଟି, ପ୍ରତିରକ୍ଷା-୫୨୫୧୬୬.୧୫କୋଟି ଟଙ୍କା ପାଇଛନ୍ତି । ଉତ୍ପାଦନ ବୃଦ୍ଧିପାଇଁ ପିଏଲଆଇ ଯୋଜନାରେ ୨୦୨୨-୨୩ରେ ଟେଲିକମ୍ ଯୋଗାଯୋଗ -୫୨୮ କୋଟି, ଇଲେକ୍ଟ୍ରୋନିକ୍ସ ଆଇଟି ହାର୍ଡ ୱେର-୫୩୦୦କୋଟି, ଫାର୍ମାସିଟ୍ୟୁକାଲ-୧୬୨୯ କୋଟି ଟଙ୍କାର ସୁବିଧା ପାଇବେ । ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସକ୍ଷମ ଅଙ୍ଗନୱାଡି ଓ ପୋଷଣ ୨.୦-୨୦୨୬୩କୋଟି, ପିଏମ୍ ପୋଷଣ -୧୦୨୩୪କୋଟି, ମିଶନ ବାତ୍ସଲ୍ୟ-୧୪୭୨କୋଟି, ମିଶନଶକ୍ତି-୩୧୮୪କୋଟି ପାଇବେ । ମୋଟାମୋଟି ଭାବେ ଚଳିତବର୍ଷର ବଜେଟକୁ ଏକ ବିକାଶମୁଖୀ ସନ୍ତୁଳିତ, ଆତ୍ମନିର୍ଭର କୈନ୍ଦ୍ରିକ ପ୍ରୟାସ ବୋଲି କହିହେବ ।

ଭାରତୀୟ ସମ୍ବାଦ ସେବା (ଭାସ୍), ଭୁବନେଶ୍ୱର-୭୫୧୦୦୩

## ଅବସରପ୍ରାପ୍ତ ଶିକ୍ଷକ ଦେଲେ ହଜାରେ ପଦ୍ମଫୁଲ

ପୁରୀ,୦୨/୦୨ (ନି.ପ୍ର): ଭୁବନେଶ୍ୱରର ଜଣେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଚିନ୍ତାମଣି ଦାଶ ମହାପ୍ରଭୁଙ୍କ ପଦ୍ମବେଶ ଲାଗି ଏକହଜାର ପଦ୍ମଫୁଲ ଶ୍ରୀମନ୍ଦିର ଗାରଦରେ ଜିମା ଦେଇଛନ୍ତି । ଶ୍ରୀ ଦାଶ ଶ୍ରୀମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ମା'ବିମଳାଙ୍କ ପଦ୍ମବେଶ ପାଇଁ ୧୦୮,ମା' ଭୁବନେଶ୍ୱରୀଙ୍କୁ ୧୦୮, ମା' ମହାଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ୧୦୮ ଏବଂ ମା' ବାଟ ମଙ୍ଗଳାଙ୍କୁ ୫୪ଟିପଦ୍ମ ଫୁଲ ପ୍ରଦାନ କରିଥିବା ଜଣାଯାଇଛି । ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ଦାଶ ଗତ ୨୦୧୧ମସିହାରୁ ମହାପ୍ରଭୁଙ୍କ ଆକର୍ଷଣୀୟ ପଦ୍ମବେଶ ଲାଗି ପଦ୍ମଫୁଲ ଯୋଗାଇଆସୁଛନ୍ତି ।

## ରାଜ୍ୟରେ ଗତ ୨୪ ଘଂଟାରେ ୫୯ ହଜାରରୁ ଅଧିକ କରୋନା ଟେଷ୍ଟ

ଭୁବନେଶ୍ୱର, ୦୨/୦୨ (ନି.ପ୍ର): ରାଜ୍ୟରେ କରୋନାର ନୁଆ ମାମଲା ବଢିବା ସହିତ କରୋନା ଟେଷ୍ଟ କରିବା ମଧ୍ୟ ପ୍ରତିଦିନ ଜାରିରହିଛି । ଗତ ୨୪ ଘଂଟାରେ ପୁରା ରାଜ୍ୟରେ ସମୁଦାୟ ୫୯ ହଜାର ୪୦ ଜଣଙ୍କର କରୋନା ଟେଷ୍ଟ କରାଯାଇଅଛି । ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗର ଟ୍ୱିଟର ସୂଚନା ଅନୁସାରେ ବୁଧବାର ସକାଳ ସୁଦ୍ଧା ସମୁଦାୟ କରୋନା ଟେଷ୍ଟ ୨ କୋଟି ୭୭ ଲକ୍ଷ ୪୫ ହଜାର ୫୨୨ ରେ ପହଂଚିଛି । ଗତ ୨୪ ଘଂଟାରେ କରୋନା ପଜିଟିଭ୍ ହାର ୪.୫୩ ପ୍ରତିଶତ ଥିବା କଥା ସୂଚନା ଦିଆ ଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ରେଳ ବଜେଟ୍‌ରେ ଓଡ଼ିଶାକୁ....

ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ଲାଇନ ପାଇଁ ୩୫୧କୋଟି ଟଙ୍କା, ବିଜୟନଗରମ-ସମ୍ବଲପୁର(ଟିଟିଲାଗଡ଼) ୯୬୧କୋଟି ଟଙ୍କା ବ୍ୟୟବରାଦ ହୋଇଛି । ତେବେ ଡେଲାଙ୍ଗ-ପୁରୀ(୨୮.୭କିମି) ପାଇଁ ଟୋକନ୍ ଭାବେ ୧କୋଟି ଟଙ୍କା ବରାଦ ହୋଇଥିବା ଜଣାପଡ଼ିଛି । ଏସବୁ ବ୍ୟତୀତ କଟକ-ବାରଙ୍ଗ ରୋଡରେ ଥିବା ରେଳ ଫାଟକ ନିକଟରେ ଫ୍ଲାଏଓଭର ନିର୍ମାଣ, ରଘୁନାଥପୁର-ଗୋରଖନାଥ ପାଖରେ ଫ୍ଲାଏଓଭର, କେନ୍ଦ୍ରାପଡ଼ା ରୋଡ-କଟକ ମାର୍ଗରେ ଫ୍ଲାଏଓଭର ନିର୍ମାଣ ପାଇଁ ବ୍ୟୟବରାଦ ହୋଇଛି । ସେହିପରି ଭୁବନେଶ୍ୱରର ଚନ୍ଦ୍ରଶେଖରପୁରଠାରେ ଥିବା ରେଳବାଇ କଲୋନୀର ସମସ୍ତ ଜାଗାକୁ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ(ବିଡିଏ)ଠୁ ସିଧାସଳଖ କ୍ରୟ ନିମନ୍ତେ ମଧ୍ୟ ବଜେଟରେ ବ୍ୟୟବରାଦ ହୋଇଥିବା ଜଣାପଡ଼ିଛି । ଓଡ଼ିଶା ମଧ୍ୟରେ ପୂର୍ବତଟ ରେଳବାଇ,ଦକ୍ଷିଣ ପୂର୍ବ ରେଳବାଇ ଓ ଦକ୍ଷିଣ-ପୂର୍ବ ସେଣ୍ଟ୍ରାଲ ରେଳବାଇର ବିଭିନ୍ନ ଡିଭିଜନ ରହିଥିବାରୁ ୨୦୨୨-୨୩ ଆର୍ଥିକ ବର୍ଷର ରେଳବଜେଟରେ ଓଡ଼ିଶାକୁ କେତେ ପରିମାଣର ଅନୁଦାନ ମିଳିଛି ତାହା ସ୍ପଷ୍ଟ ହୋଇପାରିନି । ସୂଚନାଯୋଗ୍ୟ, ୨୦୨୨-୨୩ ଆର୍ଥିକ ବର୍ଷରେ ଓଡ଼ିଶାକୁ ରେଳବାଇ କ୍ଷେତ୍ରରେ ୭୬୦୦କୋଟି ଟଙ୍କାର ଅନୁଦାନ ଦେବାକୁ ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଦାବି କରିଥିଲେ । ୨୦୨୧-୨୨ ଆର୍ଥିକ ବର୍ଷରେ ଓଡ଼ିଶାକୁ ୬୯୯୫.୫୮କୋଟି ଟଙ୍କାର ଅନୁଦାନ ରେଳବାଇ କ୍ଷେତ୍ରରେ ମିଳିଥିଲା । ଯାହାକି ୨୦୨୦-୨୧ର ଅନୁଦାନ ତୁଳନାରେ ୬୦ ପ୍ରତିଶତ ଅଧିକ ଥିଲା ।

### ବଜେଟ-୨୦୨୨ ପ୍ରସଙ୍ଗରେ ବିଜେପି....

କରିବା ପାଇଁ ନାବାର୍ଡ ମାଧ୍ୟମରେ ପୁଞ୍ଜି ବିନିଯୋଗ ପାଇଁ ବ୍ୟବସ୍ଥା ହୋଇଛି । ଆଧୁନିକ ଭାରତ ଗଠନର ସମୟ ଆସିଯାଇଛି ଏବଂ ଏହା ସଂପୂର୍ଣ୍ଣ ଭାବେ ଆତ୍ମନିର୍ଭର ବଜେଟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧନ କରି କହିଛନ୍ତି । "ଆତ୍ମନିର୍ଭର ଅର୍ଥବ୍ୟବସ୍ଥା" ପ୍ରସଙ୍ଗରେ ଆଜି ପ୍ରଧାନମନ୍ତ୍ରୀ ଦେଶବ୍ୟାପୀ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧନ କରିଛନ୍ତି । ଦେଶର ପାଖାପାଖି ୧୮୦୦ଟି ସ୍ଥାନରୁ ଭର୍ଚୁଆଲ ମୋଡରେ ବିଜେପି ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଯୋଡି ହୋଇଥିଲେ । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ଐତିହାସିକ ବଜେଟ ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ମଧ୍ୟ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପିର ସମସ୍ତ ରାଷ୍ଟ୍ରୀୟ ପଦାଧିକାରୀ, ସାଂସଦ, ମୁଖ୍ୟମନ୍ତ୍ରୀ, ବିଧାୟକ, ରାଜ୍ୟ ସଭାପତି ଓ ପଦାଧିକାରୀଙ୍କ ସମେତ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର, ଗୋଲକ ମହାପାତ୍ର, ବରିଷ୍ଠ ନେତା ସଜ୍ଜନ ଶର୍ମା, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କ ସମେତ ବହୁ ସଂଖ୍ୟାରେ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ସେହିଭଳି ବହୁ ସଂଖ୍ୟାରେ ବିଜେପି ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତାମାନେ ଭର୍ଚୁଆଲ ମୋଡରେ ଯୋଡି ହୋଇଥିଲେ ।

### ରାଜଧାନୀରୁ ଅପହୃତ....

ବିବିଏ ପଢୁଛନ୍ତି । କୋଭିଡ୍ ପାଇଁ ଏବେ ଅନ୍‌ଲାଇନ୍ କ୍ଲାସ୍ ଚାଲୁଥିବାରୁ ସେ ଘରକୁ ଆସିଥିଲେ । ସବୁଦିନ ସନ୍ଧ୍ୟାରେ ସେ ଝାରପଡ଼ା ନିକଟ ଏକ ଓମ୍‌ଫେଡ ବୁଥ୍‌କୁ ଚା' ପିଇବାକୁ ଯାଆନ୍ତି । ଗତକାଲି ସେ ସେଠାରେ ଚା' ପିଉଥିବା ବେଳେ ୩ଜଣ ଯୁବକ ଏକ କାର୍‌ରେ ଆସି ଛାତ୍ରଙ୍କ ସହ କଥାବାର୍ତ୍ତା ହେବା ଛଳରେ ସିନେମା ଷ୍ଟାଇଲ୍‌ରେ ତାଙ୍କ ଅଂଟାରେ ବନ୍ଧୁକ ଲଗାଇ କାର୍‌ରେ ବସିବାକୁ ନିର୍ଦ୍ଦେଶ ଦେଇଥିଲେ ଓ ତାଙ୍କୁ ଅପହରଣ କରି ନେଇ ଯାଇଥିଲେ । କିଛି ଘଂଟା ପରେ ସେମାନେ ଛାତ୍ରଙ୍କ ବାପାଙ୍କୁ ଫୋନ୍ କରି ୩୦ ଲକ୍ଷ ଟଙ୍କା ମାଗିଥିଲେ । ଏନେଇ ଛାତ୍ରଙ୍କ ବାପା ତୁରନ୍ତ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ । ଛାତ୍ରଙ୍କୁ ଉଦ୍ଧାର କରିବାକୁ ସ୍ପେସାଲ ସ୍କ୍ୱାଡ୍ ସମେତ ୩ଟି ସ୍ୱତନ୍ତ୍ର ଟିମ୍ ଛାନ୍‌ଭିନ୍ ଆରମ୍ଭ କରିଥିଲେ । ପୋଲିସ ପ୍ରଥମେ ଓମ୍‌ଫେଡ୍ ଷ୍ଟଲ୍ କୁ ଯାଇ ଛାତ୍ରଙ୍କ ସ୍କୁଟି ଜବତ କରିବା ସହ ଘଟଣାସ୍ଥଳରେ ପଚରାଉଚରା କରିଥିଲା । ଏହା ପରେ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍ ସଂଗ୍ରହ କରି ଖୋଳତାଡ଼ କରିଥିଲା । ଅପହର୍ତ୍ତାମାନେ କଲ୍ କରିଥିବା ମୋବାଇଲ ଫୋନ୍‌କୁ ଟ୍ରାକିଂ କରି ସେମାନଙ୍କ ନିକଟରେ ପହଂଚିଥିଲା ।

### ୨ ଦିନ....

ଦୁଇଟି ସ୍ଥାନରେ ବିଜୁଳି ଘଡଘଡିସହ ବର୍ଷା ସମ୍ଭାବନା ଥିବାରୁ ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୪ ତାରିଖରେ ଉତର ଓଡିଶାର ଜିଲ୍ଲାଗୁଡିକର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୁରଭଞ୍ଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା ଥିବାରୁ ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟରେ ସୁନ୍ଦରଗଡ , ଦେବଗଡ , ଅନୁଗୁଳ , ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କୁଆପଥର ବର୍ଷା ସମ୍ଭାବନା ଥିବାରୁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହା ପରେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି କୁହାଯାଇଛି ।

# ଭୋଟ ବର୍ଜନର ଚରମ ନିଷ୍ପତ୍ତିରେ ଆଟଳ ମାଗତାଡିହି ଗ୍ରାମବାସୀ

## ରାସ୍ତା, ପାନୀୟଜଳ, ଅଙ୍ଗନୱାଡି ଓ ସ୍କୁଲ ସମସ୍ୟାର ସମାଧାନ ଦାବି



ବାରିପଦା, ୦୨/୦୨ (ନି.ପ୍ର): ସାଧାରଣ ଜନତାଙ୍କୁ ମୌଳିକ ସୁବିଧା ଯୋଗାଇବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବାସ୍ତବରେ ଗ୍ରାମାଞ୍ଚଳର ସାଧାରଣ ଜନତା ମୌଳିକ ସୁବିଧାରୁ ବଂଚିତ ହୋଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାରମ୍ବାର ଦାବୀ ବ୍ଲକ ଘେରାଓ ଏପରିକି ମୁଖ୍ୟମନ୍ତ୍ରୀଙ୍କୁ ଦାବୀ ଜଣାଇବା ପରେ ମଧ୍ୟ ମୌଳିକ ସମସ୍ୟାର ସମାଧାନ ନହେବାରୁ ଗ୍ରାମବାସୀ ଆଗାମୀ ପଞ୍ଚାୟତ ନିର୍ବାଚନରେ ସମୂହ ଭୋଟ ବର୍ଜନର ଚରମ ନିଷ୍ପତି ନେଇଛନ୍ତି । ଆଦିବାସୀ ଅଧ୍ୟୁଷିତ ସାରସକଣା ବ୍ଲକ ଭୁରୁଷାଣି ପଞ୍ଚାୟତ ମାଗତାଡିହି ଗ୍ରାମରେ ଦେଖିବାକୁ ମିଳିଛି ଏଭଳି ଅଭାବନୀୟ ପରିସ୍ଥିତି । ଗ୍ରାମରେ ୨୫ରୁ ଉର୍ଦ୍ଧ ପରିବାରରେ ଶତାଧିକ ଆଦିବାସୀ ସମ୍ପ୍ରଦାୟର ଲୋକ ବାସ କରୁଥିବା ବେଳେ ସ୍ୱାଧୀନତାର ୭୫ ବର୍ଷ ପରେବି ଗ୍ରାମଟି ବାହ୍ୟ ଜଗତରୁ ଏକ ପ୍ରକାର ବିଚ୍ଛିନ୍ନ ହୋଇ ରହିଛି । ଗ୍ରାମକୁ ସଂଯୋଗ ପାଇଁ ନିତ୍ୟାନ୍ତ ଜରୁରୀ ଥିବା ରାସ୍ତା, ଜନସାଧାରଣଙ୍କ ପାଇଁ ପାନୀୟ ଜଳ, ଛୋଟ ଛୋଟ ପିଲାମାନଙ୍କ ପାଇଁ ଅଙ୍ଗନୱାଡି କେନ୍ଦ୍ରଟିଏ ମଧ୍ୟ ଏଠାରେ ଉପଲବ୍ଧ ନାହିଁ । ୨୦୧୦ ମସିହାରେ ସ୍ଥାପିତ ହୋଇଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟଟି ନିକଟ ଅତୀତରେ ସରକାରୀ ସ୍କୁଲବନ୍ଦ ଆଇନ ମୁତାବକ ବିଭାଗ ତରଫରୁ ବନ୍ଦ କରି ଦିଆଯାଇଛି । ଗାଁର ପିଲା ମାନେ ଅଙ୍ଗନୱାଡି କେନ୍ଦ୍ର ୪କିମି ବାଟ ବଣରାସ୍ତାରେ ଯାଇପାରନ୍ତି ନାହିଁ । ସେହି ଭଳି ରାସ୍ତା ଅଭାବରୁ ଉକ୍ତ ଗ୍ରାମକୁ ଆମ୍ବୁଲାନ୍ସ ପହଂଚି ନପାରୁ ଥିବାରୁ ରୋଗୀଙ୍କୁ ଖଟିଆରେ ୩କିମି. ଆମ୍ବୁଲାନ୍ସ ବୋହି ନେବାକୁ ପଡିଥାଏ । ପାନୀୟ ଜଳ ପାଇଁ ଗାଁରେ ଗୋଟିଏ ନଳକୂପ ରହିଛି । ଅଧିକାଂଶ ସମୟରେ ନଳକୂପ ଖରାପ ରହୁଥିବାରୁ ଓ ଖରାଦିନେ ପାଣି ଖୁବ କମ ବାହାରୁ ଥିବାରୁ ଲୋକେ ପାନୀୟ ଜଳ ପାଇଁ ୨କି.ମି. ଦୂରରେ ଥିବା ନାଳ ଉପରେ ଭରଷା କରିଥାନ୍ତି । ଲୋକଙ୍କ ଦେହ ଖରାପ ହେଲେ ୨୨ କି.ମି. ଦୂର ଶିର୍ଷା ଡାକ୍ତର ଖାନାକୁ ଯାଇଥାନ୍ତି । ଗାଁକୁ ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀ ପ୍ରାୟ ଆସୁନଥିବାରୁ ଲୋକେ କ୍ୱାକ ଉପରେ ନଚେତ ଦିଶାରୀ ଓ ଗୁଣିଆ ଉପରେ ଚିକିତ୍ସା ପାଇଁ ନିର୍ଭର କରିଥାନ୍ତି । କ୍ୱାକ ବା ଦିଶାରୀ ବହୁ ଅର୍ଥ ଦାବୀ କରୁଥିବାରୁ ଲୋକେ ଛେଳି କୁକୁଡା ବିକି କ୍ୱାକର ଫିସ ଭରୁଥିବାର ମଧ୍ୟ ଅଭିଯୋଗ ହୋଇଛି । ଗାଁରେ ନିର୍ବାଚନ ସମୟକୁ ଛାଡିଦେଲେ ନେତା ମନ୍ତ୍ରୀ ବିଧାୟକଙ୍କର ଦେଖା ମିଳେନି । ଗଣ ମାଧ୍ୟମରେ ଖବର ପ୍ରକାଶନ ପରେ ଏବେ ନିର୍ବାଚନ ଋତୁ ଚାଲିଥିବାରୁ କିଛିଦିନ ତଳେ ସ୍ଥାନୀୟ ବିଧାୟକ ଡଃ ବୁଦ୍ଧାନ ମୁର୍ମୁ ଗ୍ରାମକୁ ଗସ୍ତ କରି ସମସ୍ୟା ଗୁଡିକ ପୁରଣ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ମାତ୍ର ଦୀର୍ଘ ବର୍ଷ ଧରି ନେତା ମନ୍ତ୍ରୀ ମାନେ କେବଳ ପ୍ରତିଶୃତି ଦେଇ ଚାଲିଥିବାରୁ ଗ୍ରାମବାସୀ ଭରଷା ଜୁଟାଇ ନପାରି ନିଜ ଭୋଟ ବର୍ଜନ ନିଷ୍ପତିରେ ଅଟଳ ରହିଛନ୍ତି । ମୌଳିକ ସମସ୍ୟା ଗୁଡିକର ସମାଧାନ ପାଇଁ ଗ୍ରାମବାସୀ ଦୀର୍ଘଦିନ ଧରି ଦାବୀ କରି ଆସୁଥିଲେ ମଧ୍ୟ ସମସ୍ୟା ଗୁଡିକର ସମାଧାନ ହୋଇପାରୁ ନାହିଁ । ଏଣୁ ଗ୍ରାମବାସୀ ଆଗାମୀ ପଂଚାୟତ ନିର୍ବାଚନ ପୂର୍ବରୁ ନିତ୍ୟାନ୍ତ ଜରୁରୀ ଥିବା ଦାବୀ ଗୁଡିକ ପୂରଣ ନହେଲେ ଭୋଟ ବର୍ଜନ କରିବେ ବୋଲି ସାମୁହିକ ନିଷ୍ପତି ନେଇଛନ୍ତି । କେବଳ ନିଷ୍ପତି ନୁହେଁ ଗ୍ରାମବାସୀ ଗାଁର ଦୁଇ ମୁଣ୍ଡରେ ଭୋଟବର୍ଜନ କରିଥିବା ବାବଦରେ ହୋର୍ଡିଂ ମଧ୍ୟ ଲଗାଇଛନ୍ତି ଏବଂ ଗ୍ରାମବାସୀ ମାନେ ଭୋଟ ବର୍ଜନ ନିଷ୍ପତି ବିଷୟରେ ସାରସକଣା ବିଡିଓଙ୍କୁ ଜଣାଇଥିବା ବେଳେ ବିଡ଼ିଓ ଗ୍ରାମବାସୀଙ୍କ ଅଭିଯୋଗ ପତ୍ରକୁ ଗ୍ରହଣ କରି ସମସ୍ୟା ଗୁଡିକର ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେଇ ପତ୍ର ସଂଖ୍ୟା ୪୮୬୪/ ତା୧/୧୧/ ୨୦୨୧ ମୂଳେ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି । ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ବ୍ଲକ ପ୍ରସାଶନ ପକ୍ଷରୁ ପାଣିଟାଙ୍କି ବସାଇବା ପାଇଁ କଂକ୍ରିଟ ବେସ ନିର୍ମାଣ କରିଥିଲେ ମଧ୍ୟ ଅଦ୍ୟାବଧି ପାଣିଟାଙ୍କି ବସିପାରୁ ନଥିବାରୁ ଲୋକେ ପାନୀୟ ଜଳ ପାଇ ପାରୁ ନାହାନ୍ତି । ସମସ୍ୟା ଗୁଡିକର ସ୍ଥାୟୀ ସମାଧାନ ହେଉନଥିବାରୁ ଭୋଟ ବର୍ଜନ ଶେଷ ନିଷ୍ପତି ବୋଲି ଗ୍ରାମବାସୀ ଙ୍କ ତରଫରୁ ଲକସା ହେମ୍ବ୍ରମ, ଦଶରଥ ସିଂ, କାଶିନାଥ ସିଂ, ଦେବେନ୍ଦ୍ର ସିଂ, ଲସ ହେମ୍ବ୍ରମ, ବିଶ୍ୱନାଥ ସିଂ, ଧଳ ସିଂ ପ୍ରମୁଖ ସ୍ପଷ୍ଟ ପ୍ରତିକ୍ରିୟା ରଖିଛନ୍ତି ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ବାଲେଶ୍ୱର,୦୨/୦୨ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ କରଞ୍ଜିଆ ଗ୍ରାମର ଧର୍ମପ୍ରାଣା ମହିଳା ସ୍ୱର୍ଗତ ସତ୍ୟନାରାୟଣ ଦାସଙ୍କ ଧର୍ମପତ୍ନୀ ପ୍ରତିଭା ଦାସଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା । ବୟସାଧିକ ବ୍ୟାଧିରେ ପୀଡ଼ିତ ଥାଇ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ରାତି ପ୍ରାୟ ୪ଟା ୩୦ ମିନିଟରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ମୃତ୍ୟୁ ସମୟରେ ତାଙ୍କ ନିକଟରେ ପୁତ୍ର ପ୍ରଦୀପ ଦାସ ଓ କିଶୋର ଦାସଙ୍କ ସମେତ ଦୁଇବୋହୂ ଏବଂ ନାତି ନାତୁଣୀମାନେ ଉପସ୍ଥିତ ଥିଲେ । ଜଣେ ଧର୍ମପ୍ରାଣା, ଦରଦୀ, ପରୋପକାରୀ ମହିଳାଙ୍କ ବିୟୋଗରେ କରଞ୍ଜିଆ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଆଲୁମେଦାରେ ବିଜେପିର ଜୋରଦାର ପ୍ରଚାର

ବାଲେଶ୍ୱର,୦୨/୦୨ (ନି.ପ୍ର): ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ-ସଭାପତି ମାନସ କୁମାର ଦତ୍ତ ସଦର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତକୁ ବାରମ୍ବାର ଯାଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଜାରି ରଖିଛନ୍ତି । ବୁଧବାର ସେ ପ୍ରଥମେ ଆଲୁମେଦା ପଞ୍ଚାୟତକୁ ଯାଇ କେନ୍ଦ୍ର ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟ ଏବଂ ରାଜ୍ୟ ସରକାରଙ୍କ ବିଫଳତା ସମ୍ପର୍କରେ ସାଧାରଣ ଲୋକଙ୍କୁ ବୁଝାଇଛନ୍ତ । ସଦର ବିଧାନସଭା ଆସନ ଉପ-ନିର୍ବାଚନକୁ ବର୍ଷେ ବିତିଯାଇ ଥିବା ବେଳେ କୌଣସି ପଞ୍ଚାୟତରେ ବିକାଶମୂଳକ କାର୍ଯ୍ୟ ହୋଇ ନପାରିବା ଦୁର୍ଭାଗ୍ୟର ବିଷୟ ବୋଲି ସେ କହିଥିଲେ । ଲୋକଙ୍କ ମଧ୍ୟରେ ପରିବର୍ତ୍ତନର ମାନସିକତା ଦେଖାଯାଇଥିବା ବେଳେ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେପି ବାଜିମାତ କରିବ ବୋଲି ଶ୍ରୀ ଦତ୍ତ ପରିପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ୨୯ ନଂ ଜିଲା ପରିଷଦ ପ୍ରାର୍ଥୀ ବିଜୟ କୁମାର ନାୟକ, ୨୮ ନଂ ଜିଲା ପରିଷଦ ପ୍ରାର୍ଥୀ ସନ୍ତୋଷ ସେଠୀ, ଆଲୁମେଦା ପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ ନମିତା ମଣ୍ଡଳ, ସମିତି ସଭ୍ୟା ପ୍ରାର୍ଥିନୀ ମାଳତୀ ମାଝୀ, କୁରାଡିହା ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ନିରଞ୍ଜନ ଧଳ, ସମିତିସଭ୍ୟ ପ୍ରାର୍ଥୀ ରାଜକିଶୋର ମହାଲିକ, ପଞ୍ଚୁପଡା ମଣ୍ଡଳ ସଭାପତି ବିଜୟ ଦାସ, ରୁପସା ମଣ୍ଡଳ ସଭାପତି ତପନ ଗିରି, ମଣ୍ଡଳ ପ୍ରଭାରୀ ଲୋକନାଥ ଭୂୟାଁ, ପଞ୍ଚାୟତ ସଭାପତି କାହ୍ନୁ ପ୍ରଧାନ, ସଦାଶିବ ଜେନା, ପ୍ରବୀର ଶଙ୍କର ଦାଶ, କାର୍ତ୍ତିକ ପ୍ରଧାନ, ସୋନା ଧିଣ୍ଡା, ସଞ୍ଜୟ ମଣ୍ଡଳ, ପୁରୁଷୋତ୍ତମ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜଧାନୀରେ କମୁଛି ସଂକ୍ରମଣ, ୨୪ ଘଂଟାରେ ୪୭୪ ପଜିଟିଭ୍

ଭୁବନେଶ୍ୱର, ୦୨/୦୨ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମିତ ଙ୍କ ସଂଖ୍ୟା ହ୍ରାସ ପାଉଛି । ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ବୁଧବାର ଆଉ ୪୭୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୪୪ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୪୩୦ ଜଣ ଲୋକାଲ କେସ୍ ରହିଛନ୍ତି । ଏଥିସହ ୨୪ ଘଂଟାରେ ଆଉ ୫୪୭ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଗତକାଲି ୫୩୨ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୫୨୫୪୧ କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୩୯୪୩୬ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ମୃତକଙ୍କ ସଂଖ୍ୟା ୧୧୨୬ ରେ ପହଂଚିଛି । ବର୍ତ୍ତମାନ ଆଉ ୧୧୯୫୮ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି ।

## ଶ୍ରୀକ୍ଷେତ୍ରରେ ପହଂଚିଲା ରଥକାଠ

ପୁରୀ, ୦୨/୦୨ (ନି.ପ୍ର): ଜୁଲାଇ ୧ ତାରିଖରେ ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା । ଅକ୍ଷୟ ତୃତୀୟା ଦିନ ଠାରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ପବିତ୍ର ଶ୍ରୀପଂଚମୀ ଦିନ ଶ୍ରୀକ୍ଷେତ୍ରରେ ମା ଚର୍ଚ୍ଚିକାଙ୍କ ନିକଟରେ ରଥକାଠର ପ୍ରଥମ ପର୍ଯ୍ୟାୟ ରଥକାଠ ପୂଜାର୍ଚ୍ଚନା କରାଯାଇ ଭୂମିଷ୍ଟ କରାଯିବ । ଆଜି ନୟାଗଡ଼ ବନଖଣ୍ଡରୁ ଗୋଟିଏ ୩ଟି ଟ୍ରକରେ ରଥକାଠ ପୁରୀକୁ ଆସିଛି । ସମୁଦାୟ ୬୩ ଖଣ୍ଡ ରଥକାଠ ପହଞ୍ଚିଛି । ୩ଟି ଧଉରା କାଠ ସରସ୍ୱତୀ ପୂଜା ଦିନ ରଥଖଳାରେ ପୂଜାର୍ଚ୍ଚନା କରାଯାଇ ରଖାଯିବ । ଏହି ୩ଟି କାଠରେ ଗୁଜ ନିର୍ମାଣ ହେବ ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୩୦ ଗିରଫ

ଭୁବନେଶ୍ୱର, ୦୨/୦୨ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୩୦ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୩୨ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୬,୩୭,୯୫୦ ଟଙ୍କା । ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ଗୋଟିଏ ଦିନରେ ୩୪୫୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୨/୦୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୪୫୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୫୫୭୭୬ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୪୩୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୦୯ ହଜାର ୩୧୩ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୭୭୬୨ ରହିଛି । ଆଜି ଚିହ୍ନଟ ହୋଇଥିବା ୩୪୫୦ ଜଣଙ୍କ ମଧ୍ୟରୁ ୨୦୧୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୪୩୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୭୧୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୫୨ , ବାଲେଶ୍ୱର ଜିଲ୍ଲାରୁ ୧୦୫ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୮୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୫୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୧୦୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୫୩ , କଟକରୁ ୨୦୨ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୭୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୩୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୭୩, ଗଂଜାମ ଜିଲ୍ଲାରେ ୬୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୬୪, ଯାଜପୁରରୁ ୭୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୫୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୬୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୪୪ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୬୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୩୯ , ଖୋର୍ଦ୍ଧାରୁ ୭୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୫୩ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧୮୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୯୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୧୨୫ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୧୮୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୭୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୩୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୩୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୨୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୨୮୭, ଷ୍ଟେଟ୍ ପୁଲରୁ ୧୪୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ରାଜ୍ୟସଭାରେ ବିରୋଧି ଦଳର ନେତା ମଲ୍ଲିକାର୍ଜୁନ ଖଡଗେ ଉଠାଇଲେ ବେକାରୀ ପ୍ରସଙ୍ଗ

ମୁମ୍ବାଇ, ୦୨/୦୨ (ନି.ପ୍ର): ରାଜ୍ୟସଭାରେ ବିରୋଧି ଦଳର ନେତା ମଲ୍ଲିକାର୍ଜୁନ ଖଡଗେ ବୁଧବାରଦିନ ବେକାରୀ ପ୍ରସଙ୍ଗକୁ ଉଠାଇ ଛନ୍ତି । ସେ କହିଛନ୍ତି ଭାରତୀୟ ଜନତା ପାର୍ଟି ସରକାର ପ୍ରତି ବର୍ଷ ୨ କୋଟି ରୋଜଗାର ଦେବା କହୁଥିବା କଥା ପୁରା କରି ନାହାନ୍ତି । ସେ କହିଛନ୍ତି ପୂର୍ବ ୭ ବର୍ଷ ଧରି ଭାଜପା ସରକାର ଆଜି ପର୍ଯ୍ୟନ୍ତ ୧୫ କୋଟି ଚାକିରି ଦେବା କଥା । କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି ସରକାର ପ୍ରକୃତରେ କେତେ ଚାକିରି ଦେଇଛନ୍ତି । ଏହି ବର୍ଷ ବଜେଟ୍‌ରେ ଆଗାମୀ ୫ ବର୍ଷରେ ୬୦ ଲକ୍ଷ ଚାକିରି ଦେବାକଥା କହିଛନ୍ତି । ରାଷ୍ଟ୍ରପତି ରାମନାଥ କୋବିନ୍ଦହ୍‌କ ଅଭି ଭାଷଣରେ ଧନ୍ୟବାଦ ପ୍ରସ୍ତାବ ଉପରେ ଚାଲିଥିବା ଚର୍ଚାରେ ମଲ୍ଲିକାର୍ଜୁନ ଖଡଗେ ବୁଧବାର ରାଜ୍ୟସଭାରେ ଏହି କଥା କହିଛନ୍ତି । ସେ ସରକାରଙ୍କୁ ମନେ ପକାଇ କହିଛନ୍ତି ସରକାର ଦୁଇ କୋଟି ଚାକିରି ଦେବାକଥା ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଆଜି ଦୁଇ କୋଟିରୁ ଅଧିକ ଲୋକ ବେକାର ହୋଇଗଲେଣି ।

## ଏବେଯାଏଁ ଦିଆଗଲାଣି ୫.୭୨ କୋଟି ଟିକା

ଭୁବନେଶ୍ୱର, ୦୨/୦୨ (ନି.ପ୍ର): କରୋନା ବିରୋଧି ଟୀକାକରଣ ଅଭିଯାନରେ ଆଜି ସୁଦ୍ଧା ରାଜ୍ୟରେ ସମୁଦାୟ ୫ କୋଟି ୭୨ ଲକ୍ଷ ୮୯ ହଜାର ୭୫୩ ସଂଖ୍ୟାରେ ଟିକା ଦିଆଗଲାଣି । ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ଅନୁସାରେ ବୁଧବାର ସକାଳ ସୁଦ୍ଧା ରାଜ୍ୟରେ ସମୁଦାୟ ଦିଆ ଯାଇଥିବା ଟିକାରୁ ପ୍ରଥମ ଡୋଜ ନେଇଥିବା ଲୋକଙ୍କ ସଂଖ୍ୟା ୩ କୋଟି ୨୧ ଲକ୍ଷ ୦୧ ହଜାର ୫୦୩ ଜଣ ଥିବା ବେଳେ ଦ୍ୱିତିୟ ଡୋଜ ନେଇଥିବା ଲୋକଙ୍କ ସଂଖ୍ୟା ୨କୋଟି ୪୭ ଲକ୍ଷ ୨୪ ହଜାର ୧୪୨ ଜଣ । ଏହା ସହିତ ବୃଷ୍ଟର ଡୋଜ ନେଇଥିବା ଲୋକଙ୍କ ସଂଖ୍ୟା ୪ ଲକ୍ଷ ୬୪ ହଜାର ୧୦୮ ଜଣ । ଜିଲ୍ଲା ମାନଙ୍କ ମଧ୍ୟରେ ଗଂଞ୍ଜାମ ଜିଲ୍ଲାରେ ସମୁଦାୟ ୫୦ ଲକ୍ଷ ୯୨ ହଜାର ୫୨୭ ଜଣଙ୍କୁ ଟିକା ଦିଆଯାଇଛି ଯାହା ସବୁ ଜିଲ୍ଲା ମାନଙ୍କଠାରୁ ଆଗରେ ଅଛି ବୋଲି ସୂଚନା ଦିଆଯାଇଛି ।

## ଅନଲାଇନ୍ ଗେମ୍ ଖେଳି ଘରଛାଡ଼ି ଫେରାର ଥିବା ଯୁବକର ଗଳିତ ଶବ ଉଦ୍ଧାର

ଭଦ୍ରକ, ୦୨/୦୨ (ନି.ପ୍ର): ଏହି ଜିଲାର ଧାମନଗର ଥାନା ଅନ୍ତର୍ଗତ ଦେହୁଡ଼ି ଆନନ୍ଦପୁର ପଂଚାୟତର ହାତିଡ଼ିହ ନିକଟସ୍ଥ ଏକ ଘଂଚ ବଣରୁ ଆଜି ଖପୁରି ସହ କିଛି ହାଡ଼ ଦେଖିବାକୁ ମିଳିଥିଲା । ଯାହା କୁ ସନ୍ଦେହ କରି ଆନନ୍ଦପୁର ପଂଚାୟତର ଚମ୍ପାବାଘ ଗ୍ରାମର ପଦ୍ମନାଭ ନାୟକଙ୍କ ପୁଅ ଖଗେଶ୍ୱର ନାୟକ (୧୯)ର ଶବ ବୋଲି ଅନୁମାନ କରାଯାଇଥିଲା । ପ୍ରକାଶ ଥାଉକି ୨୦୨୧ ନଭେମ୍ବର ୨ତାରିଖରେ ଖଗେଶ୍ୱର ଏକ ସ୍ମାର୍ଟଫୋନ୍‌ରେ ଅନ୍‌ଲାଇନ୍‌ରେ ଫ୍ରିଫାୟାର ଓ ଆକାଲୁଡୁ ଗେମ୍‌ଖେଳି ତାଙ୍କ ବାପାଙ୍କ ଏକାଉଂଟରୁ ଏକାଧିକବାର ହଜାର ହଜାର ଟଙ୍କା ଉଠାଇ ନେଇଯାଇଥିଲେ । ଏନେଇ ବାପାଙ୍କ ଗାଳିଦେବା ଭୟରେ ଖଗେଶ୍ୱର ଗତ ୨୦୨୧ ଡ଼ିସେମ୍ବର ୧୮ ତାରିଖରୁ ଘରଛାଡ଼ି କେଉଁଆଡ଼େ ନିଖୋଜ ହୋଇଯାଇଥିଲା । ଏନେଇ ପରିବାର ଲୋକେ ବହୁ ଖୋଜା ଖୋଜି କରିବା ପରେ ତାଙ୍କ ବାପା ଧାମନଗର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ତେବେ ଆଜି ସକାଳେ କେତେକ ଯୁବକ ସରସ୍ୱତୀପୂଜା ପାଇଁ ବାଉଁଶ ପାଇଁ ସେହି ବଣକୁ ବାଉଶ କାଟିବାକୁ ଯାଇଥିବାବେଳେ ସେଠାରେ ଏକ ଗଛରେ ଶରୀର ବିହୀନ ଗଳିତ ଖପୁରି ଝୁଲୁଥିବାର ଦେଖିଥିଲେ । ଏଣୁ ସଂଗେ ସଂଗେ ଗାଁରେ ଉକ୍ତ ଖବର ଦେବାପରେ ଖବର ପାଇ ଧାମନଗର ପୋଲିସ ଘଟଣା ସ୍ଥଳରେ ପହଂଚି ଉକ୍ତ ଖପୁରିକୁ ଜବତ କରି ଏକ ଅପମୃତ୍ୟୁ ମାମଲା ୪/୨୨ରେ ରୁଜୁ କରିଥିଲେ । ଯେହେତୁ ଉକ୍ତ ଘଟଣାଟି ଦୀର୍ଘଦିନ ଘଟିଯାଇଛି ଏବଂ ଶବର କିଛି ଚିହ୍ନବର୍ଣ୍ଣ ମିଳୁନାହିଁ ଏନେଇ ବାଲେଶ୍ୱରରୁ ଗୁରୁବାର ଘଟଣାସ୍ଥଳରେ ସାଇନ୍‌ଟିଫିକ୍ ଟିମ୍ ଦ୍ୱାରା ଗଳିତ ଖପୁରିକୁ ଫରେନ୍‌ସିକ୍ ଲାବୋରେଟେରିକୁ ପଠାଯିବା ସହ ଘଟଣା ଗୁରୁତର ସହ ତଦନ୍ତ କରାଯିବବୋଲି ଥାନାଅଧିକାରୀ ଶ୍ରୀବଲ୍ଲଭ ସାହୁ ସୂଚନା ଦେଇଛନ୍ତି ।

# ଧୀରେ ଧୀରେ ଜମୁଛି ପଞ୍ଚାୟତ ନିର୍ବାଚନ ପ୍ରଚାର

ବାଲେଶ୍ୱର,୦୨/୦୨ (ନି.ପ୍ର): କୋଭିଡ କଟକଣା ମଧ୍ୟରେ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀମାନେ ଏବେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ୱାର୍ଡ଼ ସଭ୍ୟଠାରୁ ଜିଲା ପରିଷଦ ପର୍ଯ୍ୟନ୍ତ ସବୁ ବର୍ଗର ପ୍ରାର୍ଥୀ ଏବେ ଦ୍ୱାର ଦ୍ୱାର ବୁଲି ଭୋଟ ଭିକ୍ଷା ଆରମ୍ଭ କରିଛନ୍ତି। ତେବେ ଅନ୍ୟାନ୍ୟ ପଦ ଅପେକ୍ଷା ଜିଲା ପରିଷଦ ଓ ସମିତି ସଭ୍ୟ ପଦ ନିର୍ବାଚନ ଉପରେ ସବୁ ଦଳର ନେତା ଗୁରୁତ୍ୱ ଦେଉଥିବା ଲକ୍ଷ୍ୟ କରାଯାଇଛି। ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଚଳିତ ପଞ୍ଚାୟତ ନିର୍ବାଚନ ପ୍ରତ୍ୟେକ ଦଳର ଭାଗ୍ୟ ନିର୍ଦ୍ଧାରଣ କରିବ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି। ବିଶେଷ କରି କେଉଁ ଦଳ ଜିଲାର କେତେ ଗୋଟି ବ୍ଲକ ଅଧ୍ୟକ୍ଷ ପଦ ଅକ୍ତିଆର କରିବ ଓ କେଉଁ ଦଳ ଜିଲା ପରିଷଦ ସଭାପତି ପଦ ହାତେଇବ, ତାହାକୁ ନେଇ ଦଳୀୟ ନେତାମାନେ ଆରମ୍ଭ କରିଛନ୍ତି ଚର୍ଚ୍ଚା। ଏହି ଦୁଇ ନିର୍ବାଚନ ହିଁ ଆସନ୍ତା ସାଧାରଣ ନିର୍ବାଚନର ସମ୍ଭାବ୍ୟ ଫଳକୁ ପ୍ରତିଫଳନ କରିବ ବୋଲି କୁହାଯାଉଛି।୨୦୧୭ ମସିହା ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳ ୩୨ଟି ଜିଲା ପରିଷଦ ଆସନରୁ ବିଜୟୀ ହୋଇ ବାଲେଶ୍ୱର ଜିଲା ପରିଷଦ ଅଧ୍ୟକ୍ଷ ପଦ ଅକ୍ତିଆର କରିଥିବା ବେଳେ ୧୨ଟିରେ ବିଜେପି ଓ କଂଗ୍ରେସକୁ ଗୋଟିଏ ଜଲା ପରିଷଦ ସଭ୍ୟ ଆସନ ମିଳିଥିଲା। ଅବଶ୍ୟ ପରେ ଉପ ନିର୍ବାଚନରେ ବିଜେପିକୁ ହରାଇ ବିଜେଡିର ସଂଖ୍ୟା ୩୩ ଛୁଇଁଥିଲା। ସେହିପରି ଜିଲାର ୧୨ଟି ବ୍ଲକରୁ ୬ଟି ବ୍ଲକରେ ବିଜେଡି ସମର୍ଥିତ ସମିତି ସଦସ୍ୟ ଅଧ୍ୟକ୍ଷ ହୋଇଥିଲେ। ୩ଟି ବ୍ଲକରେ କଂଗ୍ରେସ ଓ ୩ଟରେ ବିଜେପି ସମର୍ଥିତ ସମିତି ସଦସ୍ୟ ଅଧ୍ୟକ୍ଷ ହୋଇଥିଲେ। ପରେ ୨୦୧୯ ସାଧାରଣ ନିର୍ବାଚନରେ ବିଧାନସଭା କ୍ଷେତ୍ରମାନଙ୍କରେ ବିଜେଡି ଆଗୁଆ ଥିଲେ ବି ବାଲେଶ୍ୱର ଲୋକସଭା ସାଂସଦ ଆସନ ବିଜେପି ଦଖଲ କରିଥିଲା। ମାତ୍ର ଏବେ ପ୍ରମୁଖ ଦଳ ବିଜେପି, ବିଜେଡି ଓ କଂଗ୍ରେସର ସାଂଗଠନିକ କ୍ଷେତ୍ରର ଅନ୍ତଃକନ୍ଦଳ ସାଙ୍ଗକୁ ଚଳିତ ନିର୍ବାଚନର ବିଭିନ୍ନ ସ୍ଥାନରେ ଉପନୀତ ବିଦ୍ରୋହୀ ପ୍ରାର୍ଥୀଙ୍କ ଯୋଗୁଁ ସବୁଦଳ ପାଇଁ ଜଟିଳ ସ୍ଥିତି ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ ଚଳିତ ପଞ୍ଚାୟତ ନିର୍ବାଚନରେ ବିଜେଡି ତା'ର ପୂର୍ବ ଗଡ଼କୁ ରକ୍ଷା କରିବାରେ କେତେ ସକ୍ଷମ ହେବ, ବା ବିଜେପି ନିଜ କଳେବରରେ ବୃଦ୍ଧିରେ କେତେ ସଫଳ ହେବ କିମ୍ବା କଂଗ୍ରେସ ନିଜର ପୂର୍ବ ଭୋଟବ୍ୟାଙ୍କ ଫେରାଇ ଆଣିବାରେ କେତେ ସାମର୍ଥ୍ୟ ଜୁଟାଇବ, ତାହା ସମସ୍ତଙ୍କ ପାଇଁ ବିରାଟ ପ୍ରଶ୍ନବାଚୀ ହୋଇଛି।

## ବ୍ରହ୍ମଗିରିରେ ବିଜେପିରେ ମିଶିଲେ ୩୦ ପରିବାର

ପୁରୀ,୦୨/୦୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦକ୍ଷ ଶାସନ, ଗରିବଙ୍କୁ ନ୍ୟାୟ. କେନ୍ଦ୍ର ଦେଉଥିବା ସବୁ ଯୋଜନାର ସୁଫଳ ଗାଁ ଲୋକଙ୍କ ପାଖରେ ପହଂଚିଥିବାରୁ ଏଥିରେ ଅନୁପ୍ରାଣୀତ ହୋଇ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ କୃଷ୍ଣପ୍ରସାଦ ବ୍ଲକର ସାନପାଟଣା ଗ୍ରାମର ୩୦ ପରିବାର ଆଜି ବିଜେପିରେ ମିଶିଛନ୍ତି। ଲୁଲୁଙ୍କ କନ୍ୟା ଉପାସନା ମହାପାତ୍ରଙ୍କ ନେତୃତ୍ୱକୁ ପସନ୍ଦ କରି ଗ୍ରାମବାସୀମାନେ ବିଜେଡ଼ି ଛାଡ଼ି ବିଜେପିରେ ମିଶିଛନ୍ତି। ବିଗତ ୧୦ ବର୍ଷ ମଧ୍ୟରେ ବ୍ରହ୍ମଗିରିରେ ନେତା ଦେଇଥିବା ପ୍ରତିଶ୍ରୁତି ପୂରଣ କରିପାରି ନଥିବାରୁ ଗ୍ରାମବାସୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ମିଶ୍ରଣ ଫଳରେ ବିଜେପି ତାର ସ୍ଥିତିକୁ ବ୍ରହ୍ମଗିରିରେ ସୁଦୃଢ଼ କରିଛି।

## ନୀତେଶ ନାରାୟଣ ରାଣେଙ୍କ ଜାମିନ ଆବେଦନ ନାମଞ୍ଜୁର

ମୁମ୍ବାଇ, ୦୨/୦୨ (ନି.ପ୍ର): ବମ୍ବେ ହାଇକୋର୍ଟ ବୁଧବାର ଦିନ ଶିବସୈନିକ ଆକ୍ରମଣ ମାମଲାରେ ବିଧାୟକ ନିତେଶ ନାରାୟଣ ରାଣେଙ୍କ ଜାମିନ ଆବେଦନ ନାମଞ୍ଜୁର କରିଦେଇଛନ୍ତି। ହାଇକୋର୍ଟ ନୀତିଶ ରାଣେଙ୍କୁ ସିନ୍ଧୁଦୁର୍ଗ ଜିଲ୍ଲା କୋର୍ଟର ଆଗରେ ଆତ୍ମସମର୍ପଣ କରିବା ପାଇଁ କହିଛନ୍ତି। ନୀତେଶ ରାଣଙ୍କ ଓକିଲ ସତୀଶ ମାନାଶିନ୍ଦେ ମଙ୍ଗଳବାର ସନ୍ଧ୍ୟାରେ ହାଇକୋର୍ଟରେ ୧୧୧ ପୃଷ୍ଠାର ଜାମିନ୍ ଆବେଦନ ଦେଇଥିଲେ।

## କବି ପ୍ରମୋଦ କୁମାର ମହାନ୍ତିଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୦୨/୦୨ (ନି.ପ୍ର): କବି ପ୍ରମୋଦ କୁମାର ମହାନ୍ତିଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ପ୍ରମୋଦ କୁମାର ମହାନ୍ତିଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି।

# ଚିତାକର୍ଷକ ପଦ୍ମବେଶରେ ଦାରୁବିଗ୍ରହ

ପୁରୀ,୦୨/୦୨ (ନି.ପ୍ର): ପବିତ୍ର ମାଘମାସ ଶୁକ୍ଳ ପ୍ରତିପଦା ତିଥିରେ ଶ୍ରୀମନ୍ଦିରରେ ଦାରୁବିଗ୍ରହମାନଙ୍କ ଚିତାକର୍ଷକ ପଦ୍ମବେଶ ସମ୍ପନ୍ନ ହୋଇଛି। ରାତ୍ର ଚନ୍ଦନଲାଗି ପରେ ବଡସିଂହାର ବେଶ ସମୟରେ ଶ୍ରୀବିଗ୍ରହମାନଙ୍କୁ ପଦ୍ମବେଶରେ ସଜ୍ଜିତ କରାଯାଇଥିଲା। ପଦ୍ମବେଶ ଉପଲକ୍ଷେ ମହାପ୍ରଭୁଙ୍କୁ ସ୍ୱତନ୍ତ୍ର ଖିରିଭୋଗ କରାଯାଇଥିଲା। ଏହି ବେଶରେ ଶ୍ରୀଜିଉମାନଙ୍କ ପହଡ଼ ହୋଇଥିଲା। ପରମ୍ପରା ଅନୁଯାୟୀ ବଡଛତାମଠ ପକ୍ଷରୁ ଶ୍ରୀଜିଉମାନଙ୍କୁ ଏହି ବେଶ କରାଯାଇଥିଲା। ସୋଲ, ଜରି, କଦଳୀପଟୁକା, କନା, କଇଁଅଠା ଓ ରଙ୍ଗରେ ପ୍ରସ୍ତୁତ ବେଶର ସାଜ ପ୍ରସ୍ତୁତ କରାଯାଇଥିଲା। କୁଶଳୀ କାରିଗରମାନେ ପ୍ରସ୍ତୁତ କରିଥିବା ସୁଦୃଶ୍ୟ ପଦ୍ମଫୁଲ ଓ ପଦ୍ମକଢି ଶ୍ରୀବିଗ୍ରହମାନଙ୍କ ମୁଖରେ ଶୋଭାପାଇଛି। ପଦ୍ମପାଖୁଡା ଖଚିତ ମୁଖରେ ସଜିତ ହୋଇଛନ୍ତି ବିଗ୍ରହମାନେ। ମହାପ୍ରଭୁଙ୍କ ଶ୍ରୀହସ୍ତରେ ଶୋଭାପାଉଛି କଦମ୍ବ ଫୁଲର କରପଲ୍ଲଭ। କରୋନା କଟକଣା ମଧ୍ୟରେ ଶ୍ରୀମନ୍ଦିର ଖୋଲିଥିବାରୁ ଆସନ୍ତାକାଲି ମଙ୍ଗଳଆଳତୀ ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଦାରୁବିଗ୍ରହମାଙ୍କ ଚିତାକର୍ଷକ ପଦ୍ମବେଶ ଦର୍ଶନ କରିବାର ସୁଯୋଗ ପାଇବେ।

# ଭଉଁରିଆବାଡ଼ ପଂଚାୟତ : ସନ୍ତୋଷଙ୍କ ପାଇଁ ସମ୍ମାନର ପ୍ରଶ୍ନ

## ଘର ଘର ବୁଲି ଭୋଟ ଭିକ୍ଷା କରୁଛି ସଂଜୟ



ନୀଳଗିରି, ୦୨/୦୨ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଯେତିକି ପାଖେଇ ଆସୁଛି, ବିଭିନ୍ନ ଦଳର ରାଜନୈତିକ ବାତାବରଣରେ ଉଷ୍ଣତା ଦେଖିବାକୁ ମିଳିଛି। କେଇ କେଇ ପଂଚାୟତରେ ଶାସକ ଦଳର ନେତୃତ୍ୱ ନେଇଥିବା ମୁଖିଆଙ୍କ ପାଇଁ ସମ୍ମାନର ପ୍ରଶ୍ନ ଉଠୁଥିବା ବେଳେ ପ୍ରତିବଦଳରେ ବିରୋଧୀ ଗୋଷ୍ଠି ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ନୀଳଗିରି ବ୍ଲକର ଭଉଁରିଆବାଡ଼ ଗ୍ରା.ପ.ର ନିର୍ବାଚନ ଉଷ୍ଣତା ଥିବା ବେଳେ ଖୋଦ ସନ୍ତୋଷ ଖଟୁଆଙ୍କ ପଂଚାୟତ ହୋଇଥିବା ବେଳେ ତାଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବା ବେଳେ କର ବା ମର ପରିସ୍ଥିତି ଦେଖିବାକୁ ମିଳିଛି। ଶାସକ ବିଜେଡି ଦଳ ସମର୍ଥୀତ ସରପଂଚ ଓ ସମିତିସଭ୍ୟ ପ୍ରାର୍ଥୀଙ୍କ ପାଇଁ ଜୋରଦାର ପ୍ରଚାର କରୁଥିବା ବେଳେ ବିରୋଧି ବିଜେପି ସମର୍ଥୀତ ସରପଂଚ ସଂଜୟ ସିଂ, ସମିତି ସଭ୍ୟା ଲକ୍ଷ୍ମୀ ବେହେରା ଘର ଘର ବୁଲି ଭୋଟରଙ୍କୁ ଭୋଟ ଭିକ୍ଷା କରୁଥିବାବେଳେ ବିଗତ ଦିନରେ ୨ଜଣଙ୍କର କୌଣସି କଳଙ୍କ ନ ଥିବା ବେଳେ ଭୋଟର ୨ଜଣଙ୍କ ଉପରେ ଆର୍ଶୀବାଦ କରୁଥିବାର ଦେଖିବାକୁ ମିଳିଛି। ଉକ୍ତ ପଂଚାୟତରେ ଗୋଟିଏ ପଟେ ସନ୍ତୋଷ ଖଟୁଆଙ୍କ ସମ୍ମାନର କଥା ଅନ୍ୟ ପଟେ ବିରୋଧି ସମର୍ଥୀତ ପ୍ରାର୍ଥୀମାନେ ଭୋଟରଙ୍କୁ ଆପଣାଉଛନ୍ତି। କଡ଼ା ଟକ୍କର ଭିତରେ ଭଉଁରିଆବାଡ଼ ଗ୍ରା.ପ. ଗତି କରୁଥିବା ଜଣାପଡୁଛି।

# ମାରଣାସ୍ତ୍ର ସହ ଦୁଇ କୁଖ୍ୟାତ ଲୁଟେରା ଗିରଫ

ସମ୍ବଲପୁର, ୦୨/୦୨ (ନି.ପ୍ର): ବିବାହର କିଛିଦିନ ପରେ ଏକ ନବ ଦମ୍ପତି ଗ୍ରାମ ନିକଟସ୍ଥ ଏକ ଶୈବପୀଠକୁ ଦର୍ଶନ କରିବାକୁ ଯାଇଥିବା ବେଳେ ଦୁଇ ଜଣ ଦୁର୍ବୃର୍ତ୍ତଙ୍କ ଦ୍ୱାରା ଲୁଟ୍ ଶୀକାର ହୋଇଥିଲେ। ତେବେ ପବିତ୍ର ବୈବାହିକ ପର୍ବର ମୁଖ୍ୟ ମଙ୍ଗଳସୂତ୍ରକୁ ଦୁଇ ଦୁର୍ବୃତ୍ତ ଲୁଟ କରିନେବା ଘଟଣାରେ ଉଭୟ ନବଦମ୍ପତି ଦୁଃଖରେ ଭାଙ୍ଗି ପଡ଼ିବା ସହ ଘଟଣା ସମ୍ପର୍କରେ ରେଢ଼ାଖୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏ ସମ୍ପର୍କରେ ୨୧/୨୧ରେ ଏକ ମାମଲା ରୁଜୁ କରି ସ୍ୱତନ୍ତ୍ର ଭାବେ ଘଟଣାର ସରଜମିନ ତଦନ୍ତକୁ ଯୋରଦାର କରିଥିଲା। ସୂଚନାନୁଯାୟୀ ରେଢ଼ାଖୋଲ ଅତୁଲମୁଣ୍ଡା ଗ୍ରାମର ନବ ବିବାହିତ ଦିଲ୍ଲିପ କୁମାର ପ୍ରଧାନ ଘଟଣା ଦିନ କାଳୀଗଡ ଶୈବପୀଠକୁ ସସ୍ତ୍ରୀକ ଯାଇ ଦର୍ଶନ କରି ଘରକୁ ଫେରୁଥିଲେ। ମାତ୍ର ଭାଗ୍ୟର ବିଡମ୍ବନା ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଅଂଚଳର ଦୁଇ କୁଖ୍ୟାତ ଲୁଟେରା ରବିନ୍ଦ୍ର ବେହେରା ଓ ପ୍ରଦୀପ ବେହେରା ଏକ ଧଳା ରଙ୍ଗର ଆପାଚୀ ବାଇକରେ ଦିଲ୍ଲିପ ଓ ତାଙ୍କ ସ୍ତ୍ରୀଙ୍କୁ ରାସ୍ତାରେ ଅଟକାଇ ପାଖରେ ଯାହା ଅଛି ସବୁ କାଢି ଦେବାକୁ ଧମକ ଦେଇଥିଲେ। ଏପରିକି ନବ ବିବାହିତା ସ୍ତ୍ରୀ ସମ୍ମୁଖରେ ଦୁର୍ବୃତ୍ତଙ୍କ ଏହି ଧମକରେ ଦିଲ୍ଲିପ ବିଚଳିତ ନହେବାରୁ ପ୍ରଦୀପ ଏକ ଶାଣିତ ଭୁଜାଲି ସେମାନଙ୍କ ଦେହରେ ଲଗାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ୦୨.୬୧ଗ୍ରାମ ଓଜନର ମଙ୍ଗଳସୂତ୍ର ଲୁଟି ଉଭୟ ଅଭିଯୁକ୍ତ ସେଠାରୁ ବାଇକରେ ଚମ୍ପଟ୍ ମାରିଥିଲେ। ତେବେ ଏଭଳି ଅଭିଯୋଗକୁ ପୋଲିସ ଗୁରୁତର ସହ ତଦନ୍ତ ଆରମ୍ଭ କରି ଏହି ଘଟଣାରେ ରେଢ଼ାଖୋଲ ଓ ଅନୁଗୋଳ ଥାନାରେ ଏକାଧିକ ମାମଲାରେ ସମ୍ପୃକ୍ତ ଥିବା ରବିନ୍ଦ୍ର ଓ ପ୍ରଦୀପ ଥିବା ଜାଣିବା ପରେ ଉଭୟଙ୍କୁ ଗିରଫ କରିବା ପାଇଁ ଜାଲ ବିଛାଇଥିଲା। ତେବେ ପୋଲିସ ଆଜି ରବିନ୍ଦ୍ର ଠାରୁ ଲୁଟ ମଙ୍ଗଳସୂତ୍ର, ୩ଶହ ୫୦ ଟଙ୍କା, ଗୋଟିଏ ମୋବାଇଲ ଓ ଲୁଟରେ ବ୍ୟବହୃତ ଟିଭିଏସ୍ ଆପାଚୀ ଜବତ କରିଥିବା ବେଳେ ପ୍ରଦୀପ ଠାରୁ ଏକ ଶାଣିତ ଭୁଜାଲି ଜବତ କରିବାକୁ ସକ୍ଷମ ହୋଇଥିଲା। ତେବେ ବହୁ ଅପରାଧିକ ମାମଲାରେ ସମ୍ପୃକ୍ତ ଥିବା ଦୁଇ ଲୁଟେରାଙ୍କୁ ପୋଲିସ ଗିରଫ କରିବା ସହ ଉଭୟଙ୍କୁ କୋର୍ଟ ଚାଲାଣ କରିଛି।

## ଦାଦାବଟି ଆଦାୟ ଅଭିଯୋଗରେ ଯୁବକ ଗିରଫ

ପୁରୀ, ୦୨/୦୨ (ନି.ପ୍ର): ଅଟୋଡ୍ରାଇଭର ଓ ଦୋକାନୀମାନଙ୍କୁ ଛୁରି ଦେଖାଇ ଦାଦାବଟି ଆଦାୟ କରୁଥିବା ଅଭିଯୋଗରେ ପେଣ୍ଠକଟାରୋଡ଼ ବାଲିନୋଳିଆସାହିର ଶୁକାନ୍ତ ଓରଫ ଗୁଲୁ ଓରଫ ମାନସ କୁମାର ବେହେରା (୨୧)କୁ ସମୁଦ୍ରକୁଳଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ନିକଟରୁ ଏକ ଛୁରି ଓ ନଗଦ ୪୦୦ଟଙ୍କା ଜବତ କରାଯାଇଛି। ଗତକାଲି ସନ୍ଧ୍ୟାରେ ଏସ୍ଆଇ ଶିବାଶିଷ ଦାସ ଥାନାର ଅନ୍ୟକର୍ମଚାରୀଙ୍କ ସହିତ ସମୁଦ୍ରକୂଳ ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ପୁରୀ ହୋଟେଲ ସମ୍ମୁଖରେ ଅଟୋଡ୍ରାଇଭର ଓ ଦୋକାନୀଙ୍କୁ ଛୁରି ଦେଖାଇ ଦାଦାବଟି ଆଦାୟ କରାଯାଉଥିବା ସୂଚନା ପାଇ ଅଭିଯୁକ୍ତକୁ କୌଶଳକ୍ରମେ କାବୁ କରିନେଇଥିଲେ।

## ଦେଶୀ ଓ ବିଦେଶୀ ମଦ ଜବତ ୪ ଗିରଫ

ଭଦ୍ରକ, ୦୨/୦୨ (ନି.ପ୍ର): ତ୍ରିସ୍ତରୀୟ ନିର୍ବାଚନ ପୂର୍ବରୁ ବିଭିନ୍ନ ଗାଁ ଗହଳିରେ ଚୋରାମଦ ସାଂଗକୁ ନକଲି ମଦ ମଧ୍ୟ ଚଢା ଦରରେ ବିକ୍ରି ଚାଲିଛି। ଏନେଇ ଅବକାରୀ ବିଭାଗ ମାସିକିଆ ବଟିନେଇ ଚୁପ୍‌ହୋଇ ବସିଯାଉଥିବାବେଳେ ପୋଲିସ ଅବକାରୀ ବିଭାଗର କାମ ଚଳାଉଛି। ନିକଟରେ ଦୋବଲ ଅଂଚଳର ସୋଧ, କୋଳେଇପଦା, ଓ ଖଡ଼ିପଦା ଅଂଚଳରେ ଚୋରାମଦ କାରବାର ହେଉଥିବାବେଳେ ଧାମନଗର ପୋଲିସ ମଦ ଯବଦ କରିଥିଲା। ବାରମ୍ବାର ଅବକାରୀ ବିଭାଗର ବିଫଳତା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶନପରେ ଧାମନଗର ଅବକାରୀ ବିଭାଗର ଚେତା ପଶିଛି। ଭଦ୍ରକ ଅବକାରୀ ବିଭାଗର ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଧୂଷୁରୀ ଥାନା ଅଂଚଳରେ ବିଭିନ୍ନ ସ୍ଥାନରେ ଚଢାଉକରି ୧୧୦ଲିଟର ଦେଶୀମଦ ୦୭.୭୪୦ ଲିଟର ବିଦେଶୀ ମଦ ଓ ୫ଲିଟର ଆସ୍କା-୪୦ ମଦ ଜବତ କରାଯାଇଥିବାବେଳେ ଏନେଇ ୪ଜଣଙ୍କୁ ଗିରଫ କରାଯାଇଛି।

# ମଥାନୀ ପଞ୍ଚାୟତରେ ଯୋରଦାର ବିଜେପିର ପ୍ରଚାର : ଯୋଗଦେଲେ ପୂର୍ବତନ ମନ୍ତ୍ରୀ ରଘୁନାଥ



ବସ୍ତା, ୦୨/୦୨ (ନି.ପ୍ର): ଧିରେଧିରେ ଗାଁ ସାହି ସବୁଠି ବିଜେପି ପକ୍ଷରୁ ଘରଘର ବୁଲି ପ୍ରଚାର ଚାଲିଥିବାବେଳେ ଆଜି ଅପରାହ୍ନରେ ମଥିନୀପଞ୍ଚାୟତ ଶିବଗତିଆ ଗ୍ରାମକୁ ପ୍ରଥମକରି ବିଜେପିର ବରିଷ୍ଠ ନେତା ତଥା ପୂର୍ବତନମନ୍ତ୍ରୀ ରଘୁନାଥ ମହାନ୍ତି ଯୋଗ ଦେଇ ପଞ୍ଚାୟତରେ ସରପଞ୍ଚ ସମିତି ସଭ୍ୟକୁ ଭୋଟ ଦେଇ ଯୟଯୁକ୍ତ ପାଇଁ ବୁଝାଇଥିଲେ। ବସ୍ତା ମଣ୍ଡଳ ସଭାପତି ରଞ୍ଜନକୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ନେତା ସୂର୍ଯ୍ୟନାରାୟଣ ସାହୁ, ପାଗୁଲୁସାହୁ, ଅଭିରାମ ମଲ୍ଲୀକ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ଆଇଚ, ଉପସ୍ଥିତଥିଲେ। ଜିଲ୍ଲାପରିଷଦପ୍ରାର୍ଥୀ କଳ୍ପନା ସିଂ ସମିତିସଭ୍ୟପ୍ରାର୍ଥୀ ବୈଦ୍ୟନାଥ ମୁର୍ମୁ, ସରପଞ୍ଚ ପ୍ରାର୍ଥୀନି ଅହଲ୍ୟା ମାଝୀ ଉପସ୍ଥିତ ଥିବାବେଳେ ବୀଜେପି ପଞ୍ଚାୟତ ନେତା ଅଜୟ ମହାନ୍ତି, ଶୁକାନ୍ତୀ ଯେନା, ସୀତାରାଣୀ ବେହେରା, ସସ୍ମୀତାଦାସ, ସସ୍ମୀତାପରିଡା, ସଂଯୁକ୍ତାଯେନା, ସବିତାବିଶି, ମନୋରମା ଦାସ, ନୃସିହଂ ମହାଳିକ, କାଞ୍ଚନସେଠୀ, କବିତା ସେଠୀ, ଦିଲ୍ଲୀପ ନାୟକ, ଚିତରଞ୍ଜନ ରାଉତ, ଉମାକାନ୍ତ ବେଜ, ସୁବଳଚରଣ ଜେନା, ସମ୍ଭୁନାଥ ବେହେରା, ରାମ ଚନ୍ଦ୍ର ପରିଡା, ରବିନ୍ଦ୍ର ବେହେରା, ତପନ ବେହେରା, ବାବୁପାତ୍ର, ଶୁଭେନ୍ଦୁ ଦାସ, ସପନ ବେହେରା, ରବିନ୍ଦ୍ର ବିସ, ଜୟନ୍ତି ବେହେରା।

# ବିଜେପିରେ ଯୋଗ ଦେଲେ ଶତାଧିକ ମହିଳା

ଖୋର୍ଦ୍ଧା,୦୨/୦୨ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ସବୁଠି ମାହୋଲ ସରଗରମ ହେବାରେ ଲାଗିଛି। ଗାଁ ଗଣ୍ଡା, ରାସ୍ତାଘାଟ ସବୁଠି ନିର୍ବାଚନୀ ଚର୍ଚ୍ଚା। ସେହିପରିଭାବେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଚିଲିକା ନିର୍ବାଚନମଣ୍ଡଳିରେ ମଧ୍ୟ ନିର୍ବାଚନୀ ଉଷ୍ମତା ବଢ଼ିବାରେ ଲାଗିଛି। ମୈଦାନରେ ଉଭୟ ଶାସକ ବିଜେଡି ଏବଂ ବିରୋଧୀ ବିଜେପି ମଧ୍ୟରେ କଡ଼ା ଟକ୍କର ହେଉଥିବାବେଳେ ନିଜର ସ୍ଥିତିକୁ କଂଗ୍ରେସ ମଜବୁତ କରିବା ଲାଗି ପ୍ରୟାସ କରୁଛି। ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି ପ୍ରାର୍ଥୀଙ୍କ ହୃଦସ୍ପନ୍ଦନ ସେତେ ବଢ଼ି ବଢ଼ି ଯାଉଛି। ନିଜ ଦଳୀୟ ଏବଂ ଦଳ ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଦିନ ରାତି ଏକ କରିଦେଉଛନ୍ତି ନେତାମାନେ। ଏହି ପରିପ୍ରେକ୍ଷୀରେ ବୁଧବାର ଦିନ ବାଣପୁର ବ୍ଲକ ତୁମୁରାପୁଟ ପଂଚାୟତର ଶତାଧିକ ମହିଳା ମାନେ ବିଜେପିରେ ଯୋଗଦେଇଛନ୍ତି। ତେବେ ଉକ୍ତ ପଂଚାୟତର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ମାନେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ଥାନୀୟ ଝିଂଟିକାପଲ୍ଲୀ ସ୍ଥିତ ମା' ତାରିଣୀ ମନ୍ଦିର ପରିସରରେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନଙ୍କ ଉପସ୍ଥିତିରେ ପଦ୍ମ ଧରିଛନ୍ତି। ପଂଚାୟତର ସର୍ବାଙ୍ଗୀନ ଉନ୍ନତି ଏବଂ ମହିଳା ସଶକ୍ତିକରଣକୁ ଲକ୍ଷ୍ୟ ରଖି ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇବା ଉଦ୍ଦେଶ୍ୟରେ କାର୍ଯ୍ୟ ଆରମ୍ଭ କରିଦେଇଥିବାର ମହିଳାମାନେ କହିଛନ୍ତି। ସେହିପରି ଭାବେ ବିଜେପି ସଦାବେଳେ ମହିଳାମାନଙ୍କୁ ପ୍ରାଧାନ୍ୟ ଦେଇଆସୁଛି ଏବଂ ଆଜି ଉକ୍ତ ମହିଳାଙ୍କ ଦଳରେ ମିଶିବା ଫଳରେ ତୁମୁରାପୁଟ ପଂଚାୟତରେ ବିଜେପିର ଶକ୍ତି ନିଶ୍ଚିତଭାବେ ବୃଦ୍ଧି ପାଇଛି ଓ ଆଗାମି ନିର୍ବାଚନରେ ତୁମୁରାପୁଟ ପଂଚାୟତରେ ଦଳୀୟ ଏବଂ ଦଳ ସମର୍ଥିତ ସମସ୍ତ ପ୍ରାର୍ଥୀମାନେ ନିଶ୍ଚୟ ବିଜୟଲାଭ କରିବେ ବୋଲି ବିଜେପି ନେତା ପୃଥ୍ୱୀରାଜ ହରିଚନ୍ଦନ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ବାଣପୁର ବ୍ଲକ ଅଧ୍ୟକ୍ଷ ମାଧବ ଚନ୍ଦ୍ର ଦଳେଇ, ଜିଲ୍ଲା ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ ଏବଂ ଅନ୍ୟ ବିଜେପି ନେତାମାନେ ଉପସ୍ଥିତ ଥିଲେ।

# କରୋନାରୁ ସୁସ୍ଥ ହେଲେ ଆଉ ୬୦୬୭

ଭୁବନେଶ୍ୱର, ୦୨/୦୨ (ନି.ପ୍ର): ରାଜ୍ୟରେ ବୁଧବାର ଆଉ ୬୦୬୭ ଜଣ କରୋନା ସଂକ୍ରମଣରୁ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୧୫ହଜାର ୩୮୦ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୪୮୬ ଜଣ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୫୪୪ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ବାଲେଶ୍ୱରରୁ ୪୯୫, କଟକରୁ ୩୯୩, ନୂଆପଡ଼ାରୁ ୩୦୭, ନୟାଗଡ଼ରୁ ୨୦୮, ଯାଜପୁରରୁ ୨୦୩, କଳାହାଣ୍ଡିରୁ ୧୭୬, ମୟୂରଭଂଜରୁ ୧୪୭ ଓ ବରଗଡ଼ରୁ ୧୪୧ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିପରି କେନ୍ଦୁଝରରୁ ୧୪୦, ସମ୍ବଲପୁରରୁ ୧୩୮, ବଲାଙ୍ଗୀରରୁ ୧୩୩, ନବରଂଗପୁରରୁ ୧୨୯, କୋରାପୁଟରୁ ୧୨୧, ଗଜପତିରୁ ୧୦୬, ଭଦ୍ରକରୁ ୯୫, ଅନୁଗୁଳରୁ ୯୪, ବୌଦ୍ଧରୁ ୮୭, କନ୍ଧମାଳରୁ ୮୩, ରାୟଗଡ଼ାରୁ ୭୭, ଗଂଜାମରୁ ୭୫, ଢେଙ୍କାନାଳ ଓ ଜଗତସିଂହପୁରରୁ ୭୩ ଲେଖାଏଁ, ପୁରୀରୁ ୬୧, ମାଲକାନଗିରିରୁ ୫୫ ସୁସ୍ଥ ହୋଇଛନ୍ତି।

# ଆଖଣ୍ଡଳମଣିଙ୍କ ଜାଗର ଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ




ଭଦ୍ରକ, ୦୨/୦୨ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଆଜି ଅପରାହ୍ନରେ ବାବା ଆଖଣ୍ଡଳମଣିଙ୍କ ଜାଗର ଯାତ୍ରା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ୧ ତାରିଖ ମଙ୍ଗଳବାର ଦିନ ପାଳିତ ହେବାକୁ ଥିବା ଶିବରାତ୍ରି ଉତ୍ସବ ଆୟୋଜନ ନେଇ ମନ୍ଦିରର ରୀତିକାନ୍ତି ସହ ବିଭାଗୀୟ ଦାୟିତ୍ୱ ଓ କାର୍ଯ୍ୟ ସମ୍ବନ୍ଧରେ ଏହି ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବିଶେଷକରି କୋଭିଡ୍ କଟକଣା ଜାରି ରହିଥିବାରୁ ଗତ ବର୍ଷର କଟକଣା ସହିତ ଉତ୍ସବ ପାଳନ ଓ ସ୍ୱାଭାବିକ ଭାବେ ପାଳନର ଆୟୋଜନ ଧାରାକୁ ସମୀକ୍ଷା କରାଯାଇଥିଲା। ଶିବରାତ୍ରି ପୂର୍ବରୁ କୋଭିଡ୍ କଟକଣା ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଦ୍ୱାରା ଯଦି କିଛି କୋହଳ କରାଯାଏ ତେବେ ତଦନୁଯାୟୀ ନିଷ୍ପତ୍ତି ନିଆଯିବ ବୋଲି ଜିଲ୍ଲାପାଳ ବୈଠକରେ ପ୍ରକାଶ କରିଥିଲେ। ତଥାପି ଜାଗର ଯାତ୍ରା ପୂର୍ବରୁ ଆନୁସଙ୍ଗିକ ବିଭାଗୀୟ କାର୍ଯ୍ୟ ସମାପନ କରିବାକୁ ଉପସ୍ଥିତ ସଂପୃକ୍ତ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ପୂର୍ତ୍ତ ବିଭାଗ ଦ୍ୱାରା ମନ୍ଦିର ବେଢ଼ାରେ ଚାଲୁ ରହିଥିବା ନିର୍ଦ୍ଦିଷ୍ଟ କେତୋଟି କାର୍ଯ୍ୟ ଶେଷ କରିବା ସହିତ ଆରଡ଼ି ଛକରୁ ଆଖଣ୍ଡଳମଣି ପୀଠ ପର୍ଯ୍ୟନ୍ତ ଯେଉଁଠି ଖରାପ ରାସ୍ତା ଅଛି ତାହା ମରାମତି କରିବାକୁ କହିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଅତିରିକ୍ତ ଏସ୍.ପି. ବି. କେରକେଟା, ମନ୍ଦିର ଟ୍ରଷ୍ଟି ତଥା ଉପଜିଲ୍ଲାପାଳ ମନୋଜ ପାତ୍ର ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମନ୍ଦିରର ସେବାୟତ ବିଜୟ କୁମାର ଦାସ ଜାଗର ଦିନଠାରୁ ପରଦିନ ସୁନାବେଶ ପର୍ଯ୍ୟନ୍ତ ବିଭିନ୍ନ ପୂଜା ରୀତିକାନ୍ତି ନେଇ ସମୟ ନିର୍ଘଣ୍ଟ ଉପସ୍ଥାପନ କରିଥିଲେ। ଅନ୍ୟ ସେବାୟତ ଗଦାନନା, ବାବାଜୀ ପାଢ଼ୀ, ଚନ୍ଦ୍ରକାନ୍ତ ପାଢ଼ୀ, ଟ୍ରଷ୍ଟି ସଦସ୍ୟ ସରୋଜ ପାଢ଼ୀ, ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୂତାର, ଡି.ଏସ୍.ପି., ଡି.ଆଇ.ବି. କମଳ ଲୋଚନ ଭୂୟାଁ, ମନ୍ଦିର ଟ୍ରଷ୍ଟିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଦ୍ୟାଧର ପଲେଇ, ପରିଚାଳକ ସୁଧାକର ବିଶ୍ୱାଳ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ଜାଗର ଯାତ୍ରା ବ୍ୟବସ୍ଥା ସହ ମନ୍ଦିର ପରିବେଶ ଆନୁସଙ୍ଗିକ ନିର୍ମାଣ କାର୍ଯ୍ୟ, ଆଲୋକ, ଶୌଚାଳୟ, ବିଦ୍ୟୁତ ଆଦି ବିଭିନ୍ନ ବିଷୟ ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇଥିଲା।

# କୋଭିଡ୍ ନୂଆ ପ୍ରଜାତି (ଓମିକ୍ରନ) ତୃତୀୟ ଲହର ସଂକ୍ରମଣକୁ ରୋକାଯିବା ପାଇଁ ସତର୍କ ସୂଚନା

ବାରିପଦା, ୦୨/୦୨ (ନି.ପ୍ର): ସଂପ୍ରତି କୋଭିଡ୍‌ର ତୃତୀୟ ଲହର ସଂକ୍ରମଣ ହାର ପୂର୍ବ ଅପେକ୍ଷା ଅଧିକ ରହିଛି। ଏହା କୋଭିଡ୍-୧୯ ଭୁତାଣୁର ଏକ ନୂଆ ପ୍ରଜାତି (ଓମିକ୍ରନ) ତୃତୀୟ ଲହର ସଂକ୍ରମଣକୁ ରୋକା ଯିବା ନେଇ ସତର୍କତା ମୂଳକ ଯାହାକି ଖୁବ୍ ସଂକ୍ରାମକ ଓ ଅଳ୍ପ ସମୟ ମଧ୍ୟରେ ବହୁଲୋକଙ୍କୁ ବ୍ୟାପିଥାଏ। ଏହା ଡ୍ରପଲେଟ୍ ଦ୍ୱାରା ଓ ସଂକ୍ରମିତ ବସ୍ତୁଦ୍ୱାରା ବ୍ୟାପିଥାଏ। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ନିୟମ ନିର୍ଦ୍ଦେଶାବଳୀନୁସାରେ ସମୟକୁ ସମୟ ସତର୍କତାମୂଳକ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିରେ ଯେଉଁ ମାନେ କୋଭିଡ୍ ନିୟମ ମାନୁନଥିବା ବ୍ୟକ୍ତି, ବୟସ୍କ ତଥା ବହୁବିଧ ଅଣସଂକ୍ରାମକ ରୋଗରେ ପୀଡିତ ବ୍ୟକ୍ତି, ଟୀକା ଆଦୌ ନେଇଥିବା ବ୍ୟକ୍ତି ଏବଂ ଶିଶୁମାନେ ଏଥିରେ ପୀଡିତ ହେବାର ଆଶଙ୍କା ଅଧିକ ରହିଛି। ଏହା ବିଶେଷ କରି ଲୋକ ଗହଳୀ ହେଉଥିବା ସ୍ଥାନ ଯଥା ହାଟ, ବଜାର, ମନ୍ଦିର, ମସଜିତ୍, ଚର୍ଚ୍ଚ, ସିନେମାହଲ, ଯାତ୍ରାସ୍ଥଳ, ବିବାହ ବ୍ରତ, ଶୁଦ୍ଧିକ୍ରିୟା ଆଦି ସାମାଜିକ ଅନୁଷ୍ଠାନ ଆଦିରେ ସଂକ୍ରମଣର ଭୟ ଅଧିକ। ଉପରୋକ୍ତ ବିଷୟ ପ୍ରତି ଗୁରୁତ୍ୱ ଆରୋପ କରି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ନୂଆଦିଲ୍ଲୀ ଦ୍ୱାରା ପ୍ରକାଶିତ ନିର୍ଦ୍ଦେଶାବଳୀନୁସାରେ କେତେକ ନିୟମ ପରିବର୍ତ୍ତନ କରାଯାଇଛି। ବିବାହ, ବ୍ରତ, ଶୁଦ୍ଧିକ୍ରିୟା ଆଦିରେ ଲୋକ ସମାଗମକୁ ସରକାରଙ୍କ ଦ୍ୱାରା ସମୟ ପ୍ରତି ସମୟ ସ୍ଥିର କରାଯାଇ ସମାଗମ ଉପରେ କଟକଣା ଜାରି କରାଯାଇଛି। ଏତଦ୍ ବ୍ୟତୀତ କୋଭିଡ୍-୧୯ ଟୀକାକରଣକୁ ଅଧିକ ଗୁରୁତ୍ୱ ଦିଆଯାଇଛି ଏହିକ୍ରମରେ ୧୫ ରୁ ୧୮ ବର୍ଷ ବୟସ ନିମନ୍ତେ ଜାନୁଆରୀ ୨୦୨୨ ମସିହା ୩ ତାରିଖରୁ ଟୀକାକରଣ ଆରମ୍ଭ କରାଯାଇଥିବାବେଳେ ସହିପରି ୧୦ ତାରିଖରେ ବୁଷ୍ଟର ଡୋଜ (ପ୍ରିକସନ ଡୋଜ୍) ର ମାତ୍ରା ସ୍ୱାସ୍ଥ୍ୟ ସେବା ପ୍ରଦାନ କର୍ମଚାରୀ, ଆଗଧାଡିର କୋରନା ଯୋଦ୍ଧା, ବୟସ୍କ ବ୍ୟକ୍ତି ୬୦ ବର୍ଷରୁ ଉର୍ଦ୍ଧ ତତ୍ ସହିତ ଅଣସଂକ୍ରମଣ ରୋଗରେ ପୀଡିତ ବ୍ୟକ୍ତି ମାନଙ୍କର ଟୀକାକରଣକୁ ଅଗ୍ରାଧିକାର ଦିଆଯାଇଛି। ଏହାର ସଫଳ ରୂପାୟନ ନିମନ୍ତେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଏବଂ ତତ୍ ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଟୀକା ପ୍ରଦାନ କାର୍ଯ୍ୟ ଜାରି ରହିଛି। ଏଥିରେ ସୂଚାଇ ଦିଆଯାଇଛି କି, ଯେଉଁ ବ୍ୟକ୍ତି ସାରସ୍-୨ କୋଭିଡ୍ ୧୯ ଆକ୍ରାନ୍ତ ହୋଇ ଅସୁସ୍ଥ ଅଛନ୍ତି ସେମାନେ ଆରୋଗ୍ୟ ରହିବାର ୩ ମାସ ପରେ ଟୀକାର ସମସ୍ତ ମାତ୍ରା ସହିତ ପ୍ରିକସନ ଡୋଜ୍ ନେଇପାରିବେ। ଏହି ମାହାମାରୀକୁ ଏଡାଇବା ପାଇଁ କେତେକ ଜରୁରୀ ସତର୍କତା ସୂଚନା ଅବଲମ୍ବନ କରିବା ପାଇଁ ପରାମର୍ଶ ଦିଆଯାଉଅଛି। ଅଧିକ ସଂକ୍ରମିତ ଦେଶ ରୁ ସଦ୍ୟ ଫେରିଥିବା ଲୋକ ତୁରନ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଅତ୍ୟନ୍ତ ଜରୁରୀ। ବୟସ୍କ ବ୍ୟକ୍ତି, ଶିଶୁ, ଅଣସଂକ୍ରାମକ ରୋଗୀ ଆଦି ଅଧିକ ସତର୍କ ରହିବା ଉଚିତ୍। ଦୋକାନ ବଜାରକୁ ଯିବାକୁ ଦରକାର ପଡିଲେ ଏକ ସମୟରେ ୫ ଜଣରୁ ଅଧିକ ଲୋକ ଏକାଠି ହେବେ ନାହିଁ। ୬ ଫୁଟ୍ ଶାରୀରିକ ଦୂରତା ନିୟମ ରଖିବେ ଓ ମାସ୍କ ସଠିକ୍ ଭାବରେ ପିନ୍ଧିବେ। ଉପରୋକ୍ତ ନିର୍ଦ୍ଦେଶାନାମାବଳୀକୁ ସଠିକ୍ ଭାବରେ ପାଳନ କରାଯିବା ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନସାଧାରଣଙ୍କ ସହଯୋଗ କାମନା ସହିତ ପରାର୍ମଶ ଦିଆଯାଉଅଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo